

মোহসিন্‌ক্ক ৫ উইকেট্

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-299 ◆MONDAY ◆27 APRIL 2026 ◆PAGE-12 ◆₹ 7.00

JEYPORE

◆ବର୍ଷ-୪୩ ◆ସଂଖ୍ୟା-୨୯୯ ◆ସୋମବାର ◆୨୭ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଭୋଜି ସମାବେଶରେ ୭ ରାଉଣ୍ଡ ଗୁଳି

# ଅଳ୍ପକେ ବର୍ତ୍ତିଗଲେ ଟ୍ରମ୍ପ

■ ୱାସିଂଟନ୍, ୨୬।୪ (ଏଜେନ୍ସି): ୱାସିଂଟନ୍‌ର ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଡିନରରେ ଏକ ବଡ଼ ଧରଣର ସୁରକ୍ଷା ଉଲ୍ଲଂଘନ ଘଟିଛି। ଆମେରିକା ସମୟ ଅନୁସାରେ ଶନିବାର ରାତିରେ ୱାସିଂଟନ୍ ହଲଟନ୍ ହୋଟେଲ ବାହାରେ ଜଣେ ସଶସ୍ତ୍ର ବ୍ୟକ୍ତି ଗୁଳି ଚଳାଇ ଆତଙ୍କ ସୃଷ୍ଟି କରିଥିବା ଜଣାପଡ଼ିଛି। ଗୁଳିକାଣ୍ଡ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ବାହାର କରି ନିଆଯାଇଥିଲା।

### ଆକ୍ରମଣକାରୀ ଗିରଫ

ସ୍ଥାନୀୟ ସମୟ ରାତି ପ୍ରାୟ ୮:୩୪ରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନର ସଭାପତି ୱେଜିଆ ଜିଆଙ୍ଗ ଏବଂ ମେଣ୍ଟାଲିଷ୍ଟ ଓଜ୍ ପର୍ଲମ୍ୟାନଙ୍କ ସହ କଥାବାର୍ତ୍ତା କରୁଥିଲେ। ସେହି ସମୟରେ ହୋଟେଲ ବାହାରେ ଗୁଳି ଶବ୍ଦ ଶୁଣାଯାଇଥିଲା। ଗୁଳି ଶବ୍ଦ ହେବା ମାତ୍ରେ ସିକ୍ରେଟ୍ ସର୍ଭିସ ଏବଂ ଅନ୍ୟାନ୍ୟ ସୁରକ୍ଷା କର୍ମୀମାନେ ଟ୍ରମ୍ପ, ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ତାଙ୍କ ପତ୍ନୀ ଉଷା ଭାନ୍ସଙ୍କୁ ସୁରକ୍ଷା ପ୍ରଦାନ କରି ବଲରୁମ୍ ବାହାରକୁ ନେଇଯାଇଥିଲେ। ଏହି ଗୁଳିକାଣ୍ଡ ପରେ ହୋଟେଲରେ ତୁରନ୍ତ ଲକଡାଉନ୍ ଜାରି କରାଯାଇଥିଲା। ଡିନରରେ ଉପସ୍ଥିତ ଥିବା ରାଜନେତା, ସାମ୍ବାଦିକ ଏବଂ ଅନ୍ୟାନ୍ୟ ଅତିଥିମାନେ ଭୟଭୀତ ହୋଇ ଟେବୁଲ ତଳେ ଲୁଚି ଯାଇଥିଲେ। ଜଣେ ସି-ସ୍ପାନ୍ ସାମ୍ବାଦିକଙ୍କ ଅନୁଯାୟୀ, ସେଠାରେ କ୍ରମାଗତ ୪ଟି ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା। ପୁଲିସ ଆକ୍ରମଣକାରୀକୁ କାଲିଫର୍ଣ୍ଣିଆର ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ ଭାବେ ଚିହ୍ନଟ କରିଛି ଏବଂ ତାଙ୍କୁ ଗିରଫ ▶ପୃଷ୍ଠା-୭



### ଆକ୍ରମଣକାରୀଙ୍କୁ 'ଲୋନ୍ ୱଲ୍ଫ' କହିଲେ ଟ୍ରମ୍ପ

ୱାସିଂଟନ୍ ହିଲଟନ୍ ହୋଟେଲରେ ଆୟୋଜିତ ହାଇ-ପ୍ରୋଫାଇଲ୍ ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନ୍ ଡିନରରେ ଶନିବାର ରାତିରେ ସୁରକ୍ଷା ବିଭ୍ରାଟ ଘଟିଛି। ଜଣେ ସଶସ୍ତ୍ର ବ୍ୟକ୍ତି ସୁରକ୍ଷା ଯାଞ୍ଚ କେନ୍ଦ୍ରରେ ଗୁଳି ଚଳାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଟ୍ରମ୍ପଙ୍କ ସୂଚନା ଅନୁଯାୟୀ, ▶ପୃଷ୍ଠା-୭

## ଦିଲ୍ଲୀରେ ସ୍ୱିସ୍ ବିମାନରେ ନିଆଁ: ୬ ଯାତ୍ରୀ ଆହତ, ୨୩୨ ଉଦ୍ଧାର

■ ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ରବିବାର ଏକ ବଡ଼ ଧରଣର ବିମାନ ଅଘଟଣ ଟଳିଯାଇଛି। ଦିଲ୍ଲୀରୁ ସ୍ୱିଜରଲାଣ୍ଡର ଜ୍ୟୁରିକ୍ ଅଭିମୁଖେ ଯାତ୍ରା କରୁଥିବା ସ୍ୱିସ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ିବା ଆରମ୍ଭ କରିବା ସମୟରେ ଏହାର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ତେବେ ପାଇଲଟଙ୍କ ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ଯୋଗୁଁ ବିମାନରେ ଥିବା ୨୩୨ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ସ୍ୱିସ୍ ଏୟାରଲାଇନ୍ସର ଏୟାରବସ୍ ଏ୩୩୦ (ଫ୍ଲାଇଟ୍ ଏଲ୍‌ଏକ୍ସ୧୪୭) ବିମାନଟି ରବିବାର ରନୱେ ୨୮ରୁ ଉଡ଼ାଣ ଆରମ୍ଭ କରୁଥିଲା। ବିମାନଟି ପ୍ରାୟ ୧୦୪ ନଟ୍ ଗତିରେ ଥିବାବେଳେ ଏହାର ଏକ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ଏବଂ ନିଆଁ ଲାଗିଯାଇଥିଲା। ବିପଦକୁ ଆଖିରେ ରଖି କ୍ରୁ ସଦସ୍ୟମାନେ ତୁରନ୍ତ ଟେକ୍-ଅଫ୍ ବାତିଲ କରିଥିଲେ। ଏହାପରେ ରନୱେ ଉପରେ ହିଁ ଯାତ୍ରୀମାନଙ୍କୁ ସ୍ଥାନାନ୍ତର କରିବାକୁ ▶ପୃଷ୍ଠା-୭



### ଆକାଶରୁ ଖସୁଛି ନିଆଁ

# ଆଜି ଜାଳିବ, ୨୮ରୁ କାଳବୈଶାଖୀ

■ ଭୁବନେଶ୍ୱର, ୨୬।୪ (ସମିସ): ରାଜ୍ୟରେ ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ସ୍ଥିତି ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ବିଶେଷ କରି ପଶ୍ଚିମାଞ୍ଚଳରେ ଥିବା ଅନେକ ଜିଲ୍ଲାରେ ତାତି ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଉପକୂଳରେ ତାତି ସାଙ୍ଗକୁ ଗୁଳୁଗିଳି ଯୋଗୁଁ ଲୋକେ ତାତିରୁ ମୁକ୍ତିକୁ ଚାହିଁ ରହିଛନ୍ତି। ତେବେ ଏଭଳି ସ୍ଥିତି ଆହୁରି ପ୍ରାୟ ୨ ଦିନ ଲାଗି ରହିବା ସହ ୨୭ ତାରିଖରେ ତାତି ପିକ୍‌ରେ ପହଞ୍ଚି ୨୮ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଏମିତି କି ୨୯ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ କାଳବୈଶାଖୀ ସ୍ଥିତିର ଆଶଙ୍କା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ରାଜ୍ୟର ୧୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ପୂର୍ବ ଭଳି ଆଜି ମଧ୍ୟ ଝାରସୁଗୁଡ଼ାରେ ତାପମାତ୍ରା ସର୍ବାଗ୍ରେ ରହିଛି। ଏଠାରେ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସୋନପୁରରେ ତାପମାତ୍ରା ୪୩.୭ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ଟିଟିଲାଗଡ଼ ୪୩.୬, ଭାବନୀପାଟଣାରେ ୪୩.୪, ବଲାଙ୍ଗିର ୪୩.୧, ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୪୩ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ସୋମବାର ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା

### ୫ଦିନ ବଜ୍ରପାତ, ବର୍ଷା
### ପବନ ବେଗ ୭୦ ଛୁଇଁବ


ଯଥା ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକରେ ଗୁଳୁଗୁଳିର ମାତ୍ରା ଅଧିକ ରହିବା ସହ ଅନ୍ୟ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାତି ୪୩-୪୪ ଡିଗ୍ରୀ ଉପରେ ରହିବା ନେଇ ଆଶଙ୍କା କରାଯାଇଛି। ହେଲେ ୨୮ ପରଠାରୁ ବିହାରରୁ ମହାରାଷ୍ଟ୍ର ଯାଏଁ ଏକ ନିମ୍ନଚାପ ରେଖା ପ୍ରଭାବରେ ବଙ୍ଗୋପସାଗର ଅଞ୍ଚଳରୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ ସହ ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ପ୍ରତିକ୍ରିୟାଶିଳ ହେବ ଓ ଅତି ବିପଦଜନକ କାଳବୈଶାଖୀ ପ୍ରକ୍ରିୟା ସୃଷ୍ଟି କରିବାରେ ସହାୟକ ହେବ। ▶ପୃଷ୍ଠା-୭

# ପୁଣି କାୟା ମେଲାଇଲାଣି ମ୍ୟାଲେରିଆ

## ୨୦୨୭ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା

■ ଭୁବନେଶ୍ୱର, ୨୬।୪ (ସମିସ): ଓଡ଼ିଶାରୁ ୨୦୨୭ ମସିହା ସୁଦ୍ଧା ମ୍ୟାଲେରିଆକୁ ସଂପୂର୍ଣ୍ଣ ଭାବେ ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିବାବେଳେ ଧାର୍ଯ୍ୟ ସମୟ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଗତ ୩ବର୍ଷ ହେଲା ମ୍ୟାଲେରିଆ ତା'ର କାୟା ମେଲାଇ ଚାଲିଥିବା ବେଳେ ଚଳିତ ବର୍ଷ ରୋଗୀଙ୍କ ସଂଖ୍ୟା ୬୦ ହଜାର ପାର୍ କରିଛି। ବ୍ୟାପକ ସଚେତନତା ସହ ଔଷଧ ଏବଂ ମଶାରି ବଣ୍ଟନ ସତ୍ତ୍ୱେ ମ୍ୟାଲେରିଆ ପ୍ରଭାବ ବିସ୍ତାର କରିବା ଏବେ ସାଧାରଣରେ ଚିନ୍ତାର କାରଣ ପାଲିଟିଛି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ୨୦୧୬ରେ ୪ ଲକ୍ଷ ୪୪ହଜାର ୮୪୨ଜଣ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଥିଲେ। ୨୦୧୭ରେ ଏହା କମି ୩ ଲକ୍ଷ ୪୭ ହଜାର ୮୬୦ ପଜିଟିଭ ହୋଇଥିଲା। ବିଶେଷ ଭାବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ସୁନ୍ଦରଗଡ଼,



### ପୂର୍ବ ସରକାର ଅମଳରେ କ୍ରମାଗତ ହ୍ରାସ ପାଉଥିଲା ରୋଗୀ ସଂଖ୍ୟା
### ବରଦାନ ସାଜିଥିଲା 'ଦମନ'

ରାୟଗଡ଼ା, ନୂଆପଡ଼ା, ବୌଦ୍ଧ, ବଲାଙ୍ଗିର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଅଧିକ ମ୍ୟାଲେରିଆ ରୋଗୀ ବାହାରିଥିଲେ। ସେହିପରି ୨୦୧୬-୧୭ରେ ତତ୍କାଳୀନ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ 'ଦମନ' ଅଭିଯାନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆକୁ ପ୍ରତିହତ କରିବାରେ ବଡ଼ ଭୂମିକା ନେଇଥିଲା। ଫଳସ୍ୱରୂପ, ୨୦୧୮ରେ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇ ମୋଟ ୬୬ ହଜାର ୩୧୧ଜଣ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ▶ପୃଷ୍ଠା-୭

### ଘାତକ ହେଉଛି 'ଉଷ୍ମ ରାତି'


# ଅତ୍ୟଧିକ ବିପଦ ଜୋନ୍‌ରେ ୯ ଜିଲ୍ଲା

■ ଭୁବନେଶ୍ୱର, ୨୬।୪ (ସମିସ): ପ୍ରଚଣ୍ଡ ଖରାରେ ଜଳୁଛି ସାରା ଦେଶ। ତାତି ଓ ଗୁଳୁଗୁଳି ଯୋଗୁଁ ଦିନ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ମନେ ହେଉଛି। ମାତ୍ର ତାତି ଓ ଗୁଳୁଗୁଳି କେବଳ ବିଳମ୍ବିତ ସକାଳ, ମଧ୍ୟାହ୍ନ ଓ ଆଦ୍ୟ ଅପରାହ୍ଣରେ ସୀମିତ ନାହିଁ। ସୂର୍ଯ୍ୟାସ୍ତ ପରେ ମଧ୍ୟ ଏଥିରୁ ତ୍ରାହି ମିଳୁନାହିଁ। ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରର ଛାତ ଓ କାନ୍ଥରୁ ନିଆଁ ବାହାରିବା ପରି ଲାଗୁଛି। ପଙ୍ଖା ଢ଼ାଳୁଛି ଗରମ ପବନ, କୁଲର ଓ ଏସି ବି ବିଶେଷ ପ୍ରଭାବ ପକାଇ ପାରୁନାହିଁ। ବୈଜ୍ଞାନିକମାନେ ରାତିରେ ଏପରି ଅବସ୍ଥାକୁ 'ଗ୍ରୀଷ୍ମ ରାତି' ବୋଲି ଅଭିହିତ କରିଛନ୍ତି। ଏପରି ଗରମ ଓ ରାତିଗୁଡ଼ିକ ସମ୍ପ୍ରତି ଲୋକମାନଙ୍କ ହୃଦୟ, ବୃକକ୍ ଓ ନିଦ୍ରାକୁ ପ୍ରଭାବିତ କରୁଛି। ଦେଶର ୭୩୪ ଜିଲ୍ଲା ମଧ୍ୟରୁ ୪୦୭ ଜିଲ୍ଲା ଏହିପରି ଉଚ୍ଚ ବା ଅତ୍ୟଧିକ ଗରମ ବିପଦ ଅଞ୍ଚଳରେ ରହିଛି। ଦେଶର ୭୬ % ଜନସଂଖ୍ୟା ଅର୍ଥାତ୍ ୧୦୦ କୋଟି ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଓଡ଼ିଶାର ୯ଟି ଜିଲ୍ଲା ରହିଛି। ଖୋର୍ଦ୍ଧା ଜିଲ୍ଲା ସବୁଠୁ ବିପଦାଞ୍ଚଳର ମାନ୍ୟତା ପାଇଛି। ଉଷ୍ମ ରାତି ଖୋର୍ଦ୍ଧା ଜିଲ୍ଲାରେ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି। ଏହାବ୍ୟତୀତ ଅନ୍ୟ ଆଠଟି ଜିଲ୍ଲାରେ ସ୍ଥିତି ଗମ୍ଭୀର ଥିବା କୁହାଯାଉଛି। ରାତିର ସର୍ବନିମ୍ନ ତାପମାତ୍ରା ▶ପୃଷ୍ଠା-୭

### ଦେଶର ୨୬୬ ଜିଲ୍ଲାର ଜନସାଧାରଣଙ୍କ ଉପରେ ବିପଦ
### ୧୦୫ କୋଟି ଭାରତୀୟଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ
### ପ୍ରତିବର୍ଷ ୬ ପ୍ରତିଶତ ବୃଦ୍ଧି ପାଉଛି ନୀରବ ହୃଦଘାତ ଆଶଙ୍କା

## ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରି ୨ ଗିରଫ

■ ପଙ୍ଗାଙ୍ଗି, ୨୬।୪ (ସମିସ): ବିବାଦୀୟ କୋଟିଆ ପଞ୍ଚାୟତର ଉପରସେମ୍ବ୍ରି ଗ୍ରାମରେ ଜନଗଣନା କର୍ମଚାରୀଙ୍କୁ ବାଧା ଦେବା ସହ ଦୁର୍ବ୍ୟବହାର ଓ ମାଡ଼ ମାରିବା ଅଭିଯୋଗରେ କୋଟିଆ ଥାନା ପୁଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ପିଲୁକ ତାଡ଼ିଙ୍ଗ ଓ ଚିରଞ୍ଜୀବୀ ତାଡ଼ିଙ୍ଗ। ତେବେ ଏହାକୁ ନେଇ ସ୍ଥାନୀୟ ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିଛି ଆନ୍ଧ୍ର ଏଜେଣ୍ଟଙ୍କ ପ୍ରରୋଚନାରେ ସ୍ଥାନୀୟ ଲୋକେ ସୀମାନ୍ତ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର୍‌ର ବିଧାୟିକା ଗୁମାଡ଼ି ସନ୍ଧ୍ୟାରାଣୀଙ୍କ ଶରଣ ପଶିଛନ୍ତି। ସେ ଉକ୍ତ ଘଟଣା ନେଇ ଓଡ଼ିଶା ସରକାରଙ୍କ ବିରୋଧରେ ବିକ୍ଷୋଭଦଗାର କରିଛନ୍ତି।




### ଆନ୍ଧ୍ର ନେତାଙ୍କ ଶରଣରେ ଉପରସେମ୍ବ୍ରୀ ଗ୍ରାମବାସୀ

ସୂଚନାନୁଯାୟୀ, ଗତ ୧୮ ତାରିଖ ମଧ୍ୟାହ୍ନରେ ଜନଗଣନା ଅଧିକାରୀ କଳାକାର ଗେମେଲ ଉପରସେମ୍ବ୍ରି ଗ୍ରାମରେ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ଗାଁର ପିଲୁକ ତାଡ଼ିଙ୍ଗି, ସନାମା ତାଡ଼ିଙ୍ଗି, ଚିରଞ୍ଜୀବୀ ତାଡ଼ିଙ୍ଗି ଓ ସେମାନଙ୍କ କିଛି ସହଯୋଗୀ ତାଙ୍କୁ ବିରୋଧ କରିଥିଲେ। ଅଭିଯୁକ୍ତମାନେ ଗେମେଲଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ ମଧ୍ୟ କରିଥିଲେ। ଏପରିକି, ଗୃହଗଣନା କାର୍ଯ୍ୟରେ ସହଯୋଗ ନ କରିବାକୁ ଅଭିଯୁକ୍ତମାନେ ଗ୍ରାମବାସୀଙ୍କୁ ଉସୁକାଇଥିଲେ। ଜଣେ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ବାଧା ଦେବା ଏବଂ ଶାନ୍ତିଭଙ୍ଗ କରିବା ଅପରାଧରେ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଏନେଇ କୋଟିଆ ଥାନାରେ ନଂ ୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ କିଛି ଆନ୍ଧ୍ର ଏଜେଣ୍ଟ ସାଲୁର୍‌ର ବିଧାୟିକା ଗୁମାଡ଼ି ସନ୍ଧ୍ୟାରାଣୀଙ୍କୁ ସୂଚନା ଦେଇଥିଲେ। ଏନେଇ ସେ ଏକ ସାମ୍ବାଦିକ ସମ୍ମିଳନୀରେ ସନ୍ଧ୍ୟାରାଣୀ କହିଛନ୍ତି ଯେ ଏହି ଘଟଣା ସମ୍ପର୍କରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଯିବ। ଏହାସହ ଓଡ଼ିଶା ସରକାର ବିନା କାରଣରେ କୋଟିଆବାସୀଙ୍କୁ ଅତ୍ୟାଚାର କରୁଥିବା କହି ବିକ୍ଷୋଦ୍‌ଗାର କରିଛନ୍ତି।




## ରଥଖଳାରୁ...

# ତୁମ୍ବରେ ହେଲା ବିନ୍ଧ ଅନୁକୂଳ



ପୁରୀ, ୨୬।୪(ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଏହାପରେ ଧୀରେଧୀରେ ଏବେ ଚଳଚଞ୍ଚଳ ହେଲାଣି ରଥଖଳା। ମହାପ୍ରଭୁଙ୍କ ରଥ ନିର୍ମାଣରେ ଲାଗି ପଡ଼ିଛନ୍ତି ସେବକ। ପ୍ରାଥମିକ ପର୍ଯ୍ୟାୟରେ ତିନିରଥର ତୁମ୍ବ ନିର୍ମାଣ କାର୍ଯ୍ୟ ଚାଲିଛି। ଶନିବାର ସୁଦ୍ଧା ତିନିରଥର ୪୨ଟି ଯାକ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୂତାବାଡ଼ିଆ କାର୍ଯ୍ୟ ମଧ୍ୟ ସରିଥିଲା। ରବିବାର ତୁମ୍ବରେ ବିନ୍ଧ ଅନୁକୂଳ ହୋଇଛି। ମଧ୍ୟାହ୍ନ ବିରତି ପରେ ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତିନିରଥ ମହାରଣା ସେବକମାନେ ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତି ତୁମ୍ବରେ ୧୬ ଯୋଡ଼ା ଅର୍ଥାତ୍ ୩୨ଟି ଲେଖାଏଁ ବିନ୍ଧ କରାଯିବ। ସମୁଦାୟ ୪୨ ତୁମ୍ବରେ ୧,୩୪୪ ବିନ୍ଧ ହେବ। ପ୍ରତି ଚକରେ ୧୬ଟି ଲେଖାଏଁ ଅର ଏବଂ ୪ଟି ଲେଖାଏଁ ପହି ଲାଗିବ। ତେବେ ଶନିବାର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତାଳଧ୍ୱଜ ରଥର ୧୪ ତୁମ୍ବରେ ୮ ଯୋଡ଼ା, ଦେବୀ ରଥର ୧୨ଟି ତୁମ୍ବରେ ୭ ଯୋଡ଼ା ଏବଂ ନନ୍ଦିଘୋଷ ରଥର ୧୬ଟି ତୁମ୍ବରେ ୮ ଯୋଡ଼ା ବିନ୍ଧ ଶେଷ ହୋଇଛି। ଏଥିସହ କରତି ମହାରଣାମାନେ ତିନିରଥର ୪ ଗୋଟି ଲେଖାଏଁ ତୁମ୍ବର ଘେର (ବଳକା ଅଂଶ) କଟା କାର୍ଯ୍ୟ ଶେଷ କରିଛନ୍ତି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ୩ଗୋଟି ଲେଖାଏଁ ଚକ ପାଇଁ ଅର କଣ୍ଟା ତିଆରି କରୁଛନ୍ତି। ଏଥିସହ ତିନିରଥର ତୁମ୍ବ ପାଇଁ ୪ଟି ଲେଖାଏ ପଦାରୀ ବଳା ନିର୍ମାଣ ଶେଷ କରିଛନ୍ତି।

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି ନାଟକ କରୁଛି

## ମହିଳାଙ୍କୁ ସାମ୍ବିଧାନିକ ପଦରେ ଅବସ୍ଥାପିତ କରିବାରେ ବିଜେଡି ସର୍ବାଗ୍ରେ

ଭୁବନେଶ୍ୱର,୨୬।୪(ସମିସ): ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ମହିଳା ସଂରକ୍ଷଣ ବିଲ୍ ଗତ ୨୦୨୩ ମସିହାରେ ସଂସଦର ଉଭୟ ଗୃହରେ ପାରିତ ହେବା ସହିତ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ହେଲେ ଏହାକୁ ୨୦୨୪ ନିର୍ବାଚନରେ ଲାଗୁ କରି ନ ଥିବା ବିଜେପି ଏବେ ବିରୋଧୀଙ୍କ ଅସହଯୋଗ ଯୋଗୁଁ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇପାରିଲାନି ବୋଲି ମିଛ ଅଭିଯୋଗ କରି ଜନଆକ୍ରୋଶ ରାଲି ନାମରେ ନାଟକ କରୁଛି। ମହିଳାମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିଥିବା ବିଜେପି ସେହି ମହିଳାମାନଙ୍କୁ ବ୍ୟବହାର କରି ତାଙ୍କୁ ଭ୍ରମିତ କରିବାକୁ ଅପଚେଷ୍ଟା କରୁଛି ବୋଲି କହି ବିଜେପି ଉପରେ ବିଜେଡିର ଦୁଇ ବରିଷ୍ଠ ନେତ୍ରୀ ବର୍ଷିଛନ୍ତି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର ବିଜେପିର ଏହି ମିଛ ପ୍ରଚାରକୁ କଠୋର ସମାଲୋଚନା କରିଛନ୍ତି।

ଏହି ଅବସରରେ ଶ୍ରୀମତୀ ଦେଓ କହିଥିଲେ, ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନରେ ୨୦୨୩ରେ ଦେଶର ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା। ସମସ୍ତେ ଆଶା କରିଥିଲେ, ଏହାକୁ ତୁରନ୍ତ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯିବ। କିନ୍ତୁ, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହାକୁ ଲାଗୁ କରି ନ ଥିଲା। ୨୦୨୭ ମସିହାରେ ଜନଗଣନା ହେବାକୁ ଯାଉଥିବାରୁ ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା



ଆସନଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ ଏହାକୁ ଲାଗୁ କରାଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। କିନ୍ତୁ, ଦେଶର ପାଞ୍ଚଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ହଠାତ୍ ସଂସଦର ବିଶେଷ ଅଧିବେଶନ ଡାକି ମହିଳା ସଂରକ୍ଷଣ ସହିତ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ପାରିତ କରାଯିବାକୁ ଉଦ୍ୟମ କରାଗଲା। ଯେହେତୁ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣରେ ଓଡିଶା ସମେତ ସମସ୍ତ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ରାଜ୍ୟଗୁଡିକର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ଦଳମାନେ ଏହାକୁ ସମର୍ଥନ ଦେଇ ନ ଥିଲେ। ଏହି ବିଲ୍ କାଟ ଖାଇଯିବା ପରେ ବିଜେପି ବିରୋଧୀ ଦଳମାନଙ୍କୁ ମହିଳା ବିରୋଧୀ କହି ନାଟକ କରୁଛି ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ସେହିପରି ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ତରଫରୁ ମହିଳାମାନଙ୍କୁ ପ୍ରାର୍ଥୀ କରିବା କ୍ଷେତ୍ରରେ ଆଦୌ ଅଗ୍ରାଧିକାର ଦିଆଯାଇ ନ ଥିଲା। ଅପରପକ୍ଷରେ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲେ। ୨୦୧୯ ନିର୍ବାଚନରେ ମଧ୍ୟ ବିଜେଡି ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲା। ଏଥିରୁ, ମହିଳା ସଂରକ୍ଷଣ ବିଲ୍ ବା ମହିଳା ସଶକ୍ତୀକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସର୍ବାଗ୍ରେ ରହିଛି ବୋଲି ପ୍ରମାଣିତ ହୋଇଛି। ଦେଶରେ ମହିଳାମାନଙ୍କୁ ସାମ୍ବିଧାନିକ ପଦବୀରେ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ, ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରସଂସ୍ଥାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ବିଜୁ ବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଏହି ସଂରକ୍ଷଣକୁ ୫୦ପ୍ରତିଶତକୁ ବୃଦ୍ଧି କରିଥିଲେ। ଏଥିସହିତ ୨୦୧୮ ରେ ମହିଳାମାନଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ

■ ସଂରକ୍ଷଣ ନାଁରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ ଉଦ୍ଦେଶ୍ୟ ଥିଲା
■ ଆନ୍ତରିକତା ଥିଲେ, ୫୪୩ ଆସନରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରୁ ବିଜେପି

ପ୍ରଦାନ କରିବା ପାଇଁ ଓଡ଼ିଶା ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରାଇବା ସହିତ ଦେଶର ୨୨ଟି ରାଜନୈତିକ ଦଳକୁ ବିଜେଡିର ବରିଷ୍ଠ ପ୍ରତିନିଧିମଣ୍ଡଳୀ ଭେଟି ଏହା ସପକ୍ଷରେ ମତ ଦେବାକୁ ପ୍ରବର୍ତ୍ତାଇ ଥିଲେ। ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜୁ ଜନତା ଦଳ ଓ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ଭୂମିକା ସର୍ବାଗ୍ରେ ରହିଛି। କିନ୍ତୁ, ବିଜେପି ମିଛ ପ୍ରଚାର କରି ରାଜ୍ୟ ତଥା ଦେଶବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି। ବାସ୍ତବରେ, ବିଜେପି ଏକ ମହିଳା ବିରୋଧୀ ଦଳ ଓ ବିଜେପିରେ ମହିଳାଙ୍କୁ କେବେ ନ୍ୟାୟ ମିଳେ ନାହିଁ ବୋଲି ଡ଼ଃ ସାମନ୍ତସିଂହାର କହିଛନ୍ତି।

## ଖରା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର,୨୬।୪(ସମିସ): ଏପ୍ରିଲ ୨୭ ତାରିଖ ସୋମବାରରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ମାତ୍ର ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ଅନ୍ ଲାଇନ୍ ପଞ୍ଜୀକରଣ କରିଥିଲେ, ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଖରାରେ ସିଝୁଛନ୍ତି କଲେଜ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୬।୪(ସମିସ): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ସକାଳ ୧୦ଟା ହେଲେ ଘରୁ ବାହାରିବା କାଠିକର ହୋଇପଡୁଛି। ମଧ୍ୟାହ୍ନର ପ୍ରଖର ସୂର୍ଯ୍ୟକିରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସକାଳ ୧୧ଟା ୩୦ ବେଳକୁ

### ସକାଳୁଆ କ୍ଲାସ୍ କିମ୍ବା ଛୁଟି କରିବାକୁ ଦାବି

ପାରଦ ୪୦ ଡିଗ୍ରୀ ଛୁଉଁଥିବାବେଳେ ଅପରାହ୍ଣ ୨ଟା ୩୦ରେ ୪୩ ଡିଗ୍ରୀ ଅତିକ୍ରମ କରୁଛି। ଏପରି ମୁଣ୍ଡଫଟା ଖରାରେ ଉଚ୍ଚଶିକ୍ଷାନୁଷ୍ଠାନରେ ପାଠପଢ଼ା ଚାଲିଥିବାରୁ ଛାତ୍ରଛାତ୍ରୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଖରାରେ ଯିବାଆସିବା କରିବା ବେଳେ ମୁଣ୍ଡରେ କପଡ଼ା ଓ ଛତା ଖରା ଦାଉରୁ ରକ୍ଷା କରିପାରୁ ନାହିଁ। ବିଭିନ୍ନ ସମୟରେ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇ ପଡୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

ରାଜ୍ୟର ଅଧିକାଂଶ ଉଚ୍ଚଶିକ୍ଷାନୁଷ୍ଠାନରେ ସକାଳ ୯ରୁ ସନ୍ଧ୍ୟା ସାଢ଼େ ୪ଟା ଯାଏଁ ପାଠପଢ଼ା ହେଉଛି। ପାଠ ପଢ଼ିବାକୁ ଛାତ୍ରଛାତ୍ରୀମାନେ ଉହଡହ ଖରାରେ କଲେଜ ଆସୁଛନ୍ତି। କ୍ଲାସ ସରିବା ପରେ ଅର୍ଥାତ୍ ମୁଣ୍ଡଫଟା ମଧ୍ୟାହ୍ନ ଖରାରେ ଘରକୁ ଫେରୁଛନ୍ତି। ଆଉକିଛି ପିଲା ଖରାବେଳେ



କ୍ଲାସ୍ ସରିଲେ ମଧ୍ୟ ଘରକୁ ଯାଇପାରୁ ନାହାନ୍ତି। ଘରକୁ ଫେରିବା ପାଇଁ ଖରା କମିବା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଖରା ସହି ନପାରି ଅନେକ ଅଚେତ୍ ହେଉଥିବାବେଳେ ଦେହରୁ ଜଳୀୟ ଅଂଶ କମି ଅସୁସ୍ଥ ଅନୁଭବ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଏକ ଭୟଙ୍କର ଅଜଣା ବିପଦ ଘେରି ରହିଛି। ପୂର୍ବବର୍ଷ ଗୁଡିକରେ ଖରାକୁ ଦୃଷ୍ଟିରେ ରଖି ସକାଳ ୭.୩୦ରୁ ଦିନ ୧ଟା ଯାଏଁ ପାଠପଢ଼ା ହେଉଥିଲା। ଚଳିତ ବର୍ଷ ପାରଦ ୪୩ ପାର କରିସାରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅସ୍ମିନ ଖାତୁନ କହିଛନ୍ତି ଯେ, ଖରାକୁ ଦେଖିଲେ ପଢ଼ିଯିବାକୁ ଡର ଲାଗୁଛି। ଶ୍ରେଣୀ ଗୃହରେ ବସିବା ବେଳେ ଗୁଳୁଗୁଳି ଓ ଟାଣ ଖରା ଶୁଷ୍କ କରି ଦେଉଛି। ପାଠପଢ଼ି ନ ଗଲେ ପଛରେ ବୁଝି ନ ପାରିବାର ଭୟ ରହୁଥିବାରୁ ଜୀବନକୁ ବାଜି ଲଗାଇବାକୁ ବାଧ୍ୟ ହେଉଛନ୍ତି। ଆସନ୍ତା ମାସ ୨ରୁ ୭ ତାରିଖ ସେମାନଙ୍କ ପ୍ରାକ୍ଟିକାଲ ରହିଥିବାରୁ ସେହି ସମୟରେ କିପରି ଶିକ୍ଷାନୁଷ୍ଠାନକୁ ଆସିବେ ବୋଲି ଚିନ୍ତାପ୍ରକଟ କରିଛନ୍ତି। ପ୍ରାଧ୍ୟାପକ ଡ. ମାନସ ବେହେରା କହିଛନ୍ତି ଯେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା କରାଯାଉ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଥିଲେ ମଧ୍ୟ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀମାନେ ପଢ଼ିବା ପାଇଁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଗ୍ରୀଷ୍ମ ପ୍ରବାହ ବଢ଼ିବାର ସମ୍ଭାବନା ଥିବାରୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଆଗୁଆ ଛୁଟି କରିବାକୁ ବିଭାଗ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ

# ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି କରିବ ବିଜେଡି

ଭୁବନେଶ୍ୱର,୨୬।୪(ସମିସ): ଗତମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ଦଳରୁ ନିଲମ୍ବିତ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଅଣ୍ଟା ଭିଡ଼ିଛି ବିଜେଡି। ସବୁ ଆଇନଗତ ଦିଗକୁ ତର୍ଜମାପରେ ତଥ୍ୟପ୍ରମାଣ ସହ ଏହି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ସୋମବାର ଦଳର ସମସ୍ତ ବିଧାୟକ ବାଚସ୍ପତିଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିବେ। ଦିନ ୧୧ଟାରେ ଶଙ୍ଖ ଭବନରେ ବିଜେଡିର ସମସ୍ତ ବିଧାୟକ ଏକତ୍ରିତ ହେବା ପରେ ସେଠାରୁ ବିଧାନସଭା ଯିବେ ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ।

### ବାଚସ୍ପତିଙ୍କୁ ଭେଟିବାକୁ ଏକାଠି ଯିବେ ସବୁ ବିଧାୟକ

ରାଜ୍ୟସଭା ନିର୍ବାଚନରେ ଦଳ ପକ୍ଷରୁ ଜାରି ୩ ଧାଡ଼ିଆ ହ୍ୱିପ୍‌କୁ ଅବମାନନା କରି ବିଧାୟକ ଚକ୍ରମଣି କହଁର, ନବ ମଲ୍ଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଓ ଦେବୀରଞ୍ଜନ ତ୍ରିପାଠୀ କ୍ରସ ଭୋଟିଂ କରିଥିଲେ। ପୂର୍ବରୁ ନିଲମ୍ବିତ ହୋଇଥିବା ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ମଧ୍ୟ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିଲେ। ଏହାକୁ ଆଧାର କରି କ୍ରସ ଭୋଟିଂ କରିଥିବା ବିଧାୟକମାନଙ୍କୁ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ଯୋଗୁଁ ସେମାନଙ୍କୁ କାହିଁକି ଦଳରୁ ନିଲମ୍ବନ କରାଯିବ ନାହିଁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେ ସଂକ୍ରାନ୍ତରେ କୈଫିୟତ ତଲବ କରିଥିଲେ। ନିଲମ୍ବିତ ବିଧାୟକମାନେ ଦଳର ମୁଖ୍ୟ ସଚେତକଙ୍କୁ ଫେରନ୍ତା ଉତ୍ତର ଦେଇଥିଲେ ହେଁ ଓଲଟି ଆଇନର ଧମକ ଦେଖାଇଥିଲେ। ଏହାପରେ ବିଜେଡି ୬ ଜଣ ବିଧାୟକଙ୍କୁ ନିଲମ୍ବିତ କରିଥିଲା ଓ ଏବେ ସେମାନଙ୍କର ସଭ୍ୟପଦ ରଦ୍ଦ ପାଇଁ ଉଦ୍ୟମ ଆରମ୍ଭ କରିଛି।

ଅପରପକ୍ଷରେ କଂଗ୍ରେସ ମଧ୍ୟ ନିଜର ୩ ବିଧାୟକଙ୍କୁ କ୍ରସ ଭୋଟିଂ ପାଇଁ ଦଳରୁ ନିଲମ୍ବିତ କରିବା ସହିତ ସେମାନଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ବାଚସ୍ପତିଙ୍କୁ ଦାବି ପତ୍ର ପ୍ରଦାନ କରି ସାରିଛି। ସମ୍ବିଧାନର ଦଶମ ଅନୁଚ୍ଛେଦକୁ ଆଧାର କରି ଦଳ ବିରୋଧୀ କାର୍ଯ୍ୟ ଓ ଅନ୍ୟାନ୍ୟ ବିଭିନ୍ନ ଦିଗକୁ ପ୍ରମାଣ ସ୍ୱରୂପ ପ୍ରଦାନ କରି ସମ୍ପୃକ୍ତ ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି।

### ରବିବାର ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୫.୮ | ୨୫.୫ |
| ଚାନ୍ଦବାଲି | ୩୬.୭ | ୨୭.୨ |
| କଟକ | ୩୫.୦ | ୨୪.୮ |
| ପାରାଦୀପ | ୩୨.୩ | ୨୭.୨ |
| ଭୁବନେଶ୍ୱର | ୩୫.୫ | ୨୭.୭ |
| ଗୋପାଳପୁର | ୩୧.୫ | ୨୬.୪ |
| ପୁରୀ | ୩୨.୧ | ୨୭.୨ |
| ଅନୁଗୁଳ | ୩୬.୦ | ୨୬.୦ |
| ବାରିପଦା | ୩୭.୮ | ୨୫.୨ |
| ଝାରସୁଗୁଡ଼ା | ୪୪.୮ | ୨୫.୨ |
| କେନ୍ଦୁଝର | ୪୦.୦ | ୨୩.୪ |
| ସମ୍ବଲପୁର | ୪୩.୦ | ୨୮.୦ |
| ସୁନ୍ଦରଗଡ଼ | ୪୨.୮ | ୨୭.୦ |
| ହୀରାକୁଦ | ୪୨.୪ | ୨୭.୮ |
| ତାଳଚେର | ୪୧.୫ | ୨୬.୦ |
| ଭବାନୀପାଟଣା | ୪୩.୪ | ୨୭.୨ |
| ବଲାଙ୍ଗୀର | ୪୩.୧ | ୨୬.୭ |
| କୋରାପୁଟ | ୩୭.୮ | - |
| ଫୁଲବାଣୀ | ୪୦.୪ | ୨୩.୫ |
| ଟିଟିଲାଗଡ଼ | ୪୩.୬ | ୨୯.୦ |
| ମାଲକାନଗିରି | ୩୯.୨ | ୨୬.୦ |
| ସୋନପୁର | ୪୩.୭ | ୨୭.୩ |
| ଦାରିଙ୍ଗବାଡ଼ି | - | ୨୩.୫ |
| ନୟାଗଡ଼ | ୪୨.୫ | ୨୪.୫ |
| ବୌଦ୍ଧ | ୪୩.୦ | ୨୩.୬ |
| ଛତ୍ରପୁର | ୩୨.୮ | ୨୫.୬ |
| ପାରାଳାଖେମୁଣ୍ଡି | ୪୦.୦ | ୨୩.୦ |
| ରାୟଗଡ଼ା | ୩୫.୪ | ୨୩.୨ |
| ଭଦ୍ରକ | ୩୭.୫ | ୨୮.୨ |
| ଯାଜପୁର | ୩୮.୨ | ୨୪.୮ |
| ଢେଙ୍କାନାଳ | ୩୭.୫ | ୨୩.୯ |
| ବରଗଡ଼ | ୪୦.୦ | ୨୫.୦ |
| ଦେଓଗଡ଼ | ୩୯.୭ | ୨୪.୦ |
| ନୂଆପଡ଼ା | ୪୨.୫ | ୨୬.୦ |
| ନବରଙ୍ଗପୁର | ୩୮.୫ | ୨୩.୫ |
| ଖୋର୍ଦ୍ଧା | ୩୮.୫ | ୨୬.୦ |
| ଜଗତସିଂହପୁର | ୩୪.୦ | ୨୨.୮ |
| କେନ୍ଦ୍ରାପଡ଼ା | ୩୭.୪ | ୨୩.୦ |
| ରାଉରକେଲା | ୪୨.୭ | ୨୬.୭ |

## ଦୁଇ ଜିଲ୍ଲା ପରିଷଦ ସଦସ୍ୟ ଓ ଜଣେ ସରପଞ୍ଚ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨୬।୪(ସମିସ): ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନମଣ୍ଡଳୀର ୪୪ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ କୁମାର ସ୍ୱାଇଁ, ସୋର ବ୍ଲକ ନଦୀଗାଁ ସରପଞ୍ଚ ବାସନ୍ତୀ ସ୍ୱାଇଁ ଏବଂ ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନମଣ୍ଡଳୀର ୧୦ ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଶ୍ମିତା ବେହେରାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ବିଜେଡି ପକ୍ଷରୁ ଏହି ୩ ଜଣଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଚାଷୀକୁଳ ପ୍ରତି ବିଜେପି ସରକାରର ତଞ୍ଚକତା

# ସିଏମ୍ କିଷାନରୁ ୧୦ ଲକ୍ଷ ଚାଷୀଙ୍କ ନାମ କଟିଲା

ଭୁବନେଶ୍ୱର,୨୬।୪(ସମିସ): କେନ୍ଦ୍ର ଏନଡିଏ ନେତୃତ୍ୱାଧୀନ ବିଜେପି ସରକାର ୨୦୧୭ ମସିହାଠାରୁ ୨୦୨୨ ମଧ୍ୟରେ ଚାଷୀର ଆୟ ବାର୍ଷିକ ଦ୍ୱିଗୁଣିତ କରିବା ପାଇଁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଅନୁରୂପ ଭାବେ ଚାଷୀଙ୍କୁ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ଚାଲିଛି। ଏହା ସତ୍ତ୍ୱେ ବର୍ତ୍ତମାନ ଚାଷୀ ପରିବାରର ମାସିକ ଆୟ ମାତ୍ର ୫୧୧୨ଟଙ୍କାରେ ସୀମିତ ରହିଛି। କୃଷି କ୍ଷେତ୍ରରେ ଚାଷୀଙ୍କ ଆୟକୁ ବୃଦ୍ଧି କରିବା ପାଇଁ ପୂର୍ବ ବିଜେଡି ସରକାର କାଳିଆ ଯୋଜନା ନାଁରେ ଚାଷୀଙ୍କୁ ସହାୟତା ପ୍ରଦାନ କରୁଥିଲେ। ସରକାର ପରିବର୍ତ୍ତନ ପରେ ପରେ ଏହାକୁ ରାଜ୍ୟ ବିଜେପି ସରକାର ସିଏମ କିଷାନର ନାମ ଦେଲା। ବଡ଼ ବିଡ଼ମ୍ବନାର କଥା ହେଉଛି, ବର୍ଷକୁ ବର୍ଷ ଜାଣିଶୁଣି ଏହି ଯୋଜନାରୁ ଚାଷୀଙ୍କ ସଂଖ୍ୟା କମାଇ ଦିଆଯାଉଛି। ଗତବର୍ଷ ସରକାର ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ଦେଇଥିବା ବେଳେ ଚଳିତବର୍ଷ ଗତ ଅକ୍ଷୟ ତୃତୀୟାରେ ମୋଟ୍ ୪୧ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ପ୍ରଦାନ କରିଛନ୍ତି। ଗତବର୍ଷ ତୁଳନାରେ ଏବର୍ଷ ଓଡ଼ିଶାର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ନାମ ସିଏମ୍ କିଷାନ ତାଲିକାରୁ ବାଦ୍ ପଡ଼ିବା ସହ ସେମାନଙ୍କୁ ସହାୟତା ପ୍ରଦାନରୁ ବଞ୍ଚିତ ରଖାଯାଇଛି।

ଏହି ଘଟଣାକୁ ନେଇ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ବର୍ତ୍ତମାନର ଡବଲ ଇଞ୍ଜନ ସରକାରଙ୍କୁ କଠୋର ସମାଲୋଚନା କରିବା ସହ ରାଜ୍ୟର ୧୦ ଲକ୍ଷ ଚାଷୀଙ୍କୁ କାହିଁକି ସିଏମ୍ କିଷାନ ସହାୟତା ପାଇବାରୁ ବଞ୍ଚିତ କରାଗଲା ବୋଲି ପ୍ରଶ୍ନ କରିଛନ୍ତି। ପୁନଶ୍ଚ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଗତ ଖରିଫ୍ ବର୍ଷରେ ଧାନ ବିକିବା ପାଇଁ ପଞ୍ଜିକରଣ କରିଥିବା ୧୯ ଲକ୍ଷ ୬୮ ହଜାର ଚାଷୀଙ୍କ ମଧ୍ୟରୁ ପ୍ରାୟ ୮୩ ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଚାଷୀଙ୍କଠାରୁ ଆଦୌ ଧାନ କ୍ରୟ କରାଗଲା ନାହିଁ। ଏବେ ୧୦ ଲକ୍ଷ ଚାଷୀଙ୍କର ସିଏମ୍ କିଷାନ ସହାୟତା ବନ୍ଦ କରିଦିଆଯାଇଛି। ଏହି ଚାଷୀମାନେ କରିବେ କ'ଣ ଓ ଏପରି ସ୍ଥଳରେ ଚାଷୀଙ୍କ ଆୟ ଦ୍ୱିଗୁଣା ବୃଦ୍ଧି ହେବ କିପରି ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଯଦି ସରକାରଙ୍କର ଚାଷୀଙ୍କ ପ୍ରତି ତିଳେମାତ୍ର ଆନ୍ତରିକତା ରହିଛି ନିକଟରେ ସିଏମ୍ କିଷାନ ସହାୟତା ପାଇବାରୁ ବଞ୍ଚିତ ରହିଥିବା ସେହି ୧୦ଲକ୍ଷ ଚାଷୀଙ୍କ ଜମାଖାତାକୁ ତୁରନ୍ତ ସିଏମ୍ କିଷାନ ସହାୟତା ଯୋଗାଇ ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ କବି ସମ୍ରାଟଙ୍କ ସାଧନା କ୍ଷେତ୍ର

ନୟାଗଡ଼, ୨୬।୪ (ସମିସ): କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେଉଁ ସ୍ଥାନରେ ରାମତାରକା ମନ୍ତ୍ରୀପ୍ରାପ୍ତ ହୋଇଥିଲେ, ସେହି ସ୍ଥାନ ଆଜି ଅବହେଳିତ ଅବସ୍ଥାରେ। ସାହିତ୍ୟ, ସଂସ୍କୃତି ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଏହି ଐତିହ୍ୟପୂର୍ଣ୍ଣ ସ୍ଥାନକୁ ଯେଉଁଳି ଭାବେ ବିକାଶ କରିବା କଥା, ତାହା କରିନାହାନ୍ତି। ଇତିହାସ ସହ ଜଡ଼ିତ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଢେଙ୍କେଣା ଗ୍ରାମସ୍ଥିତ ରଘୁନାଥଜୀଉ ମଠ ଆଜି ଅବହେଳିତ। ଏହି ମଠ ଭଞ୍ଜ ସାହିତ୍ୟ ଗବେଷକଙ୍କ ପାଇଁ ପ୍ରମୁଖ ସ୍ଥାନ ପାଲଟିଥିବା ବେଳେ ନୟାଗଡ଼ ଜିଲ୍ଲା ପ୍ରଶାସନ ଏହାର ବିକାଶ ତଥା ରୂପାନ୍ତରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ହୋଇଛି।

ଏହି ପୁରାତନ ମଠ ତଥା ମନ୍ଦିର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ଭାବେ ପରିଚିତ। ଜିଲ୍ଲା ସଦର ମହକୁମାଠାରୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବାଲୁଗାଁ ଛକରୁ ମହୀପୁର ରାସ୍ତାରେ ୬ କିଲୋମିଟର ଗଲେ ଢେଙ୍କେଣା ଗ୍ରାମ। ଗ୍ରାମରେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ତଥା ବହୁ ପୁରାତନ ମଠ ରହିଛି। ଜନଶ୍ରୁତି ଅନୁସାରେ, ଏଠାରେ ଶରଭଙ୍ଗ ଋଷିଙ୍କ ଆଶ୍ରମ ଥିଲା। ଉପେନ୍ଦ୍ର ଭଞ୍ଜ ଢେଙ୍କେଣା ସନ୍ନିକଟ ମାଳିସାହି ଗ୍ରାମର ମଧ୍ୟ ଭାଗରେ ଥିବା ଖମାର କୋଠିରେ ଅବସ୍ଥାନ କରୁଥିଲେ। ମାଳିସାହିରେ ରହି ଢେଙ୍କେଣା ଗ୍ରାମ ଶ୍ରୀରଘୁନାଥଙ୍କ ପଦାରବିନ୍ଦରେ ମନପ୍ରାଣ ଢାଳିଥିଲେ। ଏହି ସ୍ଥାନରେ ରାମତାରକ ମନ୍ତ୍ରୀ ଜପ କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ମଠରେ ମଠାଧୀଶ ମହନ୍ତ ପରମ୍ପରା ରହି ଆସିଛି। ଏଠାରେ ବିଗତ କାଳରେ ବାବାଜୀ ଭାଗବତ ଚରଣ ଦାସ, ପଦ୍ମଚରଣ ଦାସ, ଦିଲୀପ ଚନ୍ଦ୍ର ଦାସ, ଯୁଗଳ ଚନ୍ଦ୍ର ଦାସ, ରାମନାରାୟଣ ଦାସ, ରାଧାଗୋବିନ୍ଦ ଦାସ, ବଦ୍ରିନାରାୟଣ ଦାସ, ପର୍ଶୁରାମ ଦାସ ପ୍ରମୁଖ ମଠାଧୀଶ ଭାବେ ଅବସ୍ଥାନ କରି ଆସୁଥିଲେ।





■ ରଘୁନାଥଜୀଉଙ୍କ ମଠକୁ ପ୍ରାଶାସନିକ ଅଣଦେଖା
■ ପୁରାତନ ଐତିହ୍ୟକୁ ନୂଆରୂପ ଦେବା ପାଇଁ ଦାବି

ଏହି ଗ୍ରାମରେ ବହୁ ପ୍ରାଚୀନ କାଳରୁ ରାମ ଉପାସନା ପରମ୍ପରା ପ୍ରଚଳିତ ରହିଛି। ଏହି ସ୍ଥାନରେ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ବିଗ୍ରହ ପୂଜା ପାଇବା ପୂର୍ବରୁ ଶାଳଗ୍ରାମ ପୂଜା ପାଉଥିଲେ। ତେବେ ଏହି ଐତିହ୍ୟସମ୍ପନ୍ନ କ୍ଷେତ୍ର ପ୍ରତି ପ୍ରଶାସନିକ ଆନ୍ତରିକତା ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଠାକୁରଙ୍କ ସମ୍ପତ୍ତି କହିଲେ ୨୫ଏକର ଜମି। ଏହି ଜମିରୁ ଅନେକ ଏବେ ଜବରଦଖଲରେ ଥିବା ବେଳେ ମଠର ଆୟ ସମୁଦ୍ରକୁ ଶଙ୍ଖେ ସଦୃଶ। ଏହି ଐତିହ୍ୟସମ୍ପନ୍ନ ସ୍ଥାନର ରୂପାନ୍ତରଣ ପାଇଁ ସରକାର ଅନ୍ୟୂନ ୧୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିବାକୁ ଦାବି ହୋଇଛି। ମନ୍ଦିରକୁ ବାଦ୍ ଦେଲେ ଏହା ଚାରିପାଖର ସୌନ୍ଦର୍ଯ୍ୟୀକରଣ ସହ ଢେଙ୍କେଣା ଛକରୁ ମଠ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କରାଯିବା ନିହାତି ଆବଶ୍ୟକ। ଜିଲ୍ଲା ପ୍ରଶାସନ ଏନେଇ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମାଧ୍ୟମିକ ଶିକ୍ଷକ ବଦଳି ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି

ଭୁବନେଶ୍ୱର, ୨୬।୪(ସମିସ): ଚଳିତ ବର୍ଷ ପ୍ରାଥମିକ ଶିକ୍ଷକଙ୍କ ଅନଲାଇନ୍ ବଦଳି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପ୍ରତିବର୍ଷ ଫେବୃଆରୀ ମାସରେ ଅନ୍‌ଲାଇନ୍ ବଦଳି ପୋର୍ଟାଲ୍ ଖୋଲିବା ଏବଂ ଜୁନ୍ ଶେଷ ସୁଦ୍ଧା ବଦଳି ପ୍ରକ୍ରିୟା ସାରିବାର ପ୍ରାବଧାନ ରହିଛି। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସମୟ ସୂଚୀକୁ ପାଳନ କରାଯାଉ ନାହିଁ। ଯାହା ଶିକ୍ଷାଦାନ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କରିଛନ୍ତି ଯେ ଦୀର୍ଘଦିନ ଧରି ଶିକ୍ଷକମାନେ ବଦଳି ଅପେକ୍ଷାରେ ରହୁଛନ୍ତି। ବଦଳି ପ୍ରକ୍ରିୟା ଆରମ୍ଭ ଓ ଶେଷ କରିବାରେ ବ୍ୟାପକ ବିଳମ୍ବ ହେଉଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅବସାଦ ଆଣୁଛି। ଅପରପକ୍ଷରେ ଏହି ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଶିକ୍ଷାଦାନରେ ମଧ୍ୟ ପ୍ରଭାବ ପଡୁଛି। ଫେବୃଆରୀରୁ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍‌ରେ ସରିଲେ ଜଣେ ଶିକ୍ଷକ ନୂତନ ବିଦ୍ୟାଳୟରେ ପ୍ରାରମ୍ଭରୁ ଶିକ୍ଷାଦାନ କରିବ। କିନ୍ତୁ ଏଥିରେ ବ୍ୟତିକ୍ରମ ହେଉଥିବାରୁ ପ୍ରକ୍ରିୟା ସରିଲା ବେଳକୁ ନଭେମ୍ବର ଶେଷ ହେଉଛି। ଏହାଦ୍ୱାରା ଶିକ୍ଷକ ଓ ଛାତ୍ରଛାତ୍ରୀ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ତୁରନ୍ତ ଆରମ୍ଭ କରି ନିର୍ଦ୍ଧାରିତ ସମୟରେ ସାରିବାକୁ ସେ ଦାବି କରିଛନ୍ତି। ଅନ୍ୟଥା ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି।

JSW JFE

JSW JFE Steel Limited
(Formerly Known as JSW Sambalpur Steel Limited)



ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ

# ଆଗକୁ ବଢୁଥିବା ପଦକ୍ଷେପ ସାଥିରେ ଅଧିକ ଶକ୍ତିଶାଳୀ




**ବାମରୁ ଡାହାଣ:** ଶ୍ରୀ ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ – ସମ୍ବଲପୁର, ଶ୍ରୀ ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ – ଝାରସୁଗୁଡା, ଶ୍ରୀ ରବି ନାରାୟଣ ନାୟକ, ମାନ୍ୟବର ଗ୍ରାମୀଣ ବିକାଶ, ପଞ୍ଚାୟତୀ ରାଜ ଓ ପାନୀୟ ଜଳ ମନ୍ତ୍ରୀ, ଓଡିଶା, ଶ୍ରୀ ସୁରେଶ ପୁଜାରୀ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡିଶା, ମହାମହିମ ଶ୍ରୀ ଓନୋ କେଇଚି, ଭାରତରେ ଜାପାନର ରାଜଦୂତ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଭାରତ ସରକାର, ଶ୍ରୀ ମୋହନ ଚରଣ ମାଝି, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା, ଶ୍ରୀ ସଜ୍ଜନ ଜିନ୍ଦଲ, ଅଧକ୍ଷ, JSW Group, ଶ୍ରୀ ଯୋଶିହିସା କିତାନୋ, ପ୍ରେସିଡେଣ୍ଟ ଓ CFO, JFE Holdings, Inc., ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟ ଶାସନ ସଚିବ, ଓଡିଶା, ଶ୍ରୀ ପାର୍ଥ ଜିନ୍ଦଲ, MD, JSW Cement ଓ JSW Paints ଏବଂ ଅଧକ୍ଷ, JSW Dulux, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, JMD ଓ CEO, JSW Steel, ଶ୍ରୀ ହିରୋୟୁକି ଓଗାୱା, ବୋର୍ଡ ଅଫ ଡାଇରେକ୍ଟର, JFE Steel Corporation

## ଭାରତର ଇସ୍ପାତ ଭବିଷ୍ୟତକୁ ଶକ୍ତି ଦେବା ପାଇଁ JSW Steel ଏବଂ JFE Steel ଏକତ୍ର - ଓଡ଼ିଶାରେ 10 MTPA କ୍ଷମତା ର ଏକ ପରିକଳ୍ପନା

ବିଶ୍ୱର ଶ୍ରେଷ୍ଠ ଇସ୍ପାତ ନିର୍ମାତା ମାନଙ୍କ ମଧ୍ୟରୁ ଦୁଇଟି, JSW Steel ଏବଂ JFE Steel ମଧ୍ୟରେ ଏକ ଯୁଗାନ୍ତକାରୀ 50:50 ମିଳିତ ଉଦ୍ୟୋଗ ।

ଓଡ଼ିଶାର ସମ୍ବଲପୁର ରେ ଅବସ୍ଥିତ ଏହି କାରଖାନାର କ୍ଷମତା 4.5 MTPA ରୁ 10 MTPA ଓ ଅଧିକ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ହଜାର ହଜାର ନିଯୁକ୍ତି ଓଡ଼ିଶାକୁ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥାନ ଭାବେ ସୁଦୃଢ଼ କରିବ

**ଏକ ଅଧିକ ଶକ୍ତିଶାଳୀ ଆତ୍ମନିର୍ଭର ଭାରତ ଗଢିବା ଦିଗରେ ଆଉ ଏକ ପଦକ୍ଷେପ ।**



## ପାରଳା ମହାରାଜାଙ୍କ ଜୟନ୍ତୀ



କୋରାପୁଟ,୨୬।୪(ସମିସ): କୋରାପୁଟ ସଦର ମହକୁମାଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ନଗର ବିଜେପି ସଭାପତି ୱାଇ ସତ୍ୟନାରାୟଣ, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଅଧ୍ୟାପକ ରବି ଶତପଥି, ସମାଜସେବୀ ଲଳିତ ମୋହନ ପଟ୍ଟନାୟକ, ସାମ୍ବାଦିକ ସିଏଚ ସାନ୍ତାକାର, ଅରୁଣ କୁମାର ଦାଶ, ଦେବଶ୍ରୀତ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ଯୋଗଦେଇ ପରିଚାଳନା କରିଥିଲେ।

ବିଜେଡିର କର୍ମୀ ସମ୍ମିଳନୀ

# ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ





ରାୟଗଡ,୨୬।୪(ସମିସ): ଆଜି ବିଜୁ ଜନତା ଦଳ, ରାୟଗଡ଼ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ବଡ଼ ଚାନ୍ଦିଲି, ଜେକେପୁର ଠାରେ ରାୟଗଡ ବ୍ଲକ୍ "ଗ' ଜୋନ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସଭାର ଆରମ୍ଭରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାପରେ "ଗ' ଜୋନର ୫ ପଞ୍ଚାୟତରୁ ଆସିଥିବା ସମସ୍ତ ବିଜୁ ଓ ନବୀନ ପ୍ରେମୀ, ଦଳୀୟ ନେତା, କର୍ମୀ ଓ ସମର୍ଥକମାନଙ୍କୁ ସ୍ୱାଗତ ଜଣାଇ ସଭା ଆରମ୍ଭ ହୋଇଥିଲା। ସଭାରେ ବିଜୁ ଜନତା ଦଳର ସଂଗଠନକୁ କିପରି ଆହୁରି ସୁଦୃଢ଼ କରାଯିବ, କର୍ମୀମାନଙ୍କୁ କିପରି ସଶକ୍ତ କରାଯିବ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ କିପରି ସୁଦୃଢ଼ ରଣନୀତି ଗ୍ରହଣ କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା, ରାଜ୍ୟ ଉପସଭାପତି ସୁଧୀର କୁମାର ଦାସ, ରାୟଗଡ ବିଧାୟକ ପ୍ରାର୍ଥୀନୀ ତଥା ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଅନୁସୟା ମାଝୀ , ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମାରୀ ସରସ୍ୱତୀ ମାଝି, ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଶୁଭ୍ରା ପଣ୍ଡା, ଚାନ୍ଦିଲି ସରପଞ୍ଚ ପେଦେଣ୍ଟୀ ରାମୁଲୁ, ଯୁବ ବିଜେଡିର ରାଜ୍ୟ ଉପସଭାପତି ଦେବାଶିଷ ଖାଡ଼ଙ୍ଗା, ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ବିନାୟକ ପଲେଇ, ଛାତ୍ର ବିଜେଡିର ଜିଲ୍ଲା ସଭାପତି ଉଦୟ କୁମାର ହିମିରିକାଙ୍କ ସହ "ଗ' ଜୋନର ସମସ୍ତ ପ୍ରତିନିଧି ଉପସ୍ଥିତ ରହିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ପି.ଗୌରୀଶଙ୍କର ରାଓ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି କର୍ମୀ ସମ୍ମିଳନୀ କେବଳ ଏକ ସଭା ନୁହେଁ, ବରଂ ରାୟଗଡ ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା, ତୃଣମୂଳ ସ୍ତରରେ ଦଳକୁ ମଜବୁତ୍ କରିବା ଏବଂ ଆଗାମୀ ନିର୍ବାଚନ ପାଇଁ ଏକତା, ସଂକଳ୍ପ ଓ ସଫଳତାର ନୂତନ ଦିଗ ଦେଇଛି ବୋଲି ଜିଲ୍ଲା ସଭାପତି ଶ୍ରୀ ସାରକା ପ୍ରକାଶ କରିଛନ୍ତି

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ



ରାୟଗଡ,୨୬।୪(ସମିସ): ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ରବିବାର ଦିନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନ ୭ ଘଟିକା ସମୟରେ ରାୟଗଡ଼ବାସୀ ଗଜପତି ଛକସ୍ଥିତ ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ସମାଗମ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ପୌର ପରିଷଦ ଏବଂ ଗଜପତି ମହାରାଜା ସ୍ମୃତି କମିଟି, ୱାକର୍ସ କ୍ଲବ, ଉତ୍କଳ ସମିଳନୀ, ରାୟଗଡ଼ ଶାଖା, ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଜନସାଧାରଣ ଉପସ୍ଥିତ ରହି ପୂଜାର୍ଚ୍ଚନା ସହ ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏଥିରେ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ ମହାନ୍ତି, ବ୍ରଜସୁନ୍ଦର ନାୟକ, ସତ୍ୟବାଦୀ ପତି, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ ରତ୍ନ ସାହୁ ଏବଂ ସହରର ଅନେକ ବ୍ୟକ୍ତି ଯୋଗ ଦେଇ ମାଲ୍ୟାର୍ପଣ କରିଥିଲେ । ଗଜପତି ମହାରାଜା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ, ଶିକ୍ଷା, ସ୍ୱାସ୍ଥ୍ୟ,କୃଷି, ଗମନାଗମନ, ନାରୀ ସଶକ୍ତିକରଣ, ସୁରକ୍ଷା ନିମନ୍ତେ ପାଇକ ଆଖଡ଼ା, ସମରକଳା ଆଦି କ୍ଷେତ୍ରରେ ତାଙ୍କ ଅନବଦ୍ୟ ଅବଦାନ। ରାଜନୈତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଭାଷା, ସାହିତ୍ୟର ସମୃଦ୍ଧି ତଥା ସାର୍ବଭୌମତ୍ୱର ସୁରକ୍ଷା କ୍ଷେତ୍ରରେ ସେ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସଦା ଅମର ହୋଇ ରହିବେ ଏବଂ ତାଙ୍କ ଜୀବନାଦର୍ଶ ଆମ ପାଇଁ ଆଜୀବନ ପ୍ରେରଣାଦାୟୀ ରହିବ ବୋଲି ଅତିଥିବୃନ୍ଦ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ, ପୌର ସ୍ୱାସ୍ଥ୍ୟ ନିରୀକ୍ଷକ ଭେଙ୍କେଟ ରାଓ ଅନ୍ୟ ସହକର୍ମୀ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ। ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତା କୁମୁଦିନୀ ମିଶାଲ, ସମ୍ରାଟ ସାହୁ,ରାଜେନ୍ଦ୍ର ଦୋରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅବିଭକ୍ତ କୋରାପୁଟ ଜିଲ୍ଲା ୟୁନାଇଟେଡ୍ ଠିକାଦାର ସଂଘର ସମାବେଶ

କୋରାପୁଟ,୨୬।୪(ସମିସ):




ସ୍ଥାନୀୟ ପୁଜାରିପୁଟ କଲ୍ୟାଣ ମଣ୍ଡପ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ୟୁନାଇଟେଡ଼ ଠିକାଦାର ସଂଘର ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କାଳୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ସଂଘର ବୟୋଜ୍ୟେଷ୍ଠ ଉପଦେଷ୍ଟା ତ୍ରିନାଥ ପାତ୍ର ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ପରେ ଠିକାଦାର ମାନଙ୍କ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଅବିଭକ୍ତ କୋରାପୁଟ ଜିଲ୍ଲାର ଠିକାଦାର ମାନେ କାର୍ଯ୍ୟସ୍ଥଳରେ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହାର କିଭଳି ପ୍ରତିକାର କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଉମେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ବାସୁଦେବ ନାୟକଙ୍କ ସମେତ ଠିକାଦାର ପତିତ ପାବନ ନାଥଶର୍ମା, ଲିଙ୍ଗରାଜ ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ, ମଣ୍ଟୁ ରଥ,ଚେତନ ବିଶୋଇ ଓ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ ।

## କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ଜୟପୁର, ୨୬ ।୪ (ସମିସ): କୋରାପୁଟ ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଜୟପୁର ଠାରେ ଭାଷାଭିତ୍ତିକ ଓଡିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ତଥା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ମିଳନୀ ପକ୍ଷରୁ ଆଜି ଶ୍ରମ ବିଭାଗ କାର୍ଯ୍ୟାଳୟ ଛକ ଠାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବାହ୍ନରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଜୟନ୍ତୀ ପାଳନ କରାଯାଇଥିଲା। ଜିଲ୍ଲାଶାଖା ସମ୍ମିଳନୀର ସଭାପତି ମଦନ ମୋହନ ନାୟକ ସଭାପତିଙ୍କ ଅଧ୍ୟକ୍ଷତାରେ ଏହି ଜୟନ୍ତୀ ଉତ୍ସବରେ ଏବଂ ସଂଯୋଜନା ପରମେଶ୍ୱର ପାତ୍ର କରିଥିଲେ। ଏଥିରେ ଉପଦେଷ୍ଟା ବିଦୋନ ମହାପାତ୍ର, ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ଡା. ସୁଦର୍ଶନ ଗୌଡ଼, ସଂପାଦକ ନବୀନ ମାଦଳା, ଉପସଭାପତି ରାଜେନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ନରେଶ ମହାକୁଳ, ରାମ ନାୟକ, ସୁରେନ୍ଦ୍ର ଖରା, ସତ୍ୟ ନାରାୟଣ ପରିଛା ଉପସ୍ଥିତ ଥିଲେ। ସେହିପରି ପୂଜ୍ୟପୂଜା ସଂସଦ ପକ୍ଷରୁ ମଧ୍ୟ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା ଏଥିରେ ସଂସଦର ସଭାପତି ଇଂ. କେଦାର ନାଥ ବେହେରା, ଉଦୟ ଶଙ୍କର ଜାନୀ, ତପନ କିରଣ ତ୍ରିପାଠୀ, ପ୍ରମୋଦ ରାଉଳ, ବୈରାଗୀ ଚରଣ ସାହୁ, ନରସିଂହ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅଜଣା ଗଳିତ ଶବ ଉଦ୍ଧାର

ରାୟଗଡ, ୨୬।୪(ସମିସ): ରାୟଗଡ ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କନ୍ଧ ଚମ୍ପିଆ ଗ୍ରାମ ନିକଟସ୍ଥ ପର୍ବ କଡ଼ା ପାହାଡ ନିକଟରେ ଜଣେ ଯୁବକର ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ଗତ କାଲି ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କ ମୃତ ଦେହ ଦେଖି ଚାନ୍ଦିଲି ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଚାନ୍ଦିଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ ଯୁବକଙ୍କ କୌଣସି ପରିଚୟ ମିଳିପାରିନାହିଁ। ଯୁବକଙ୍କ କିଭଳି ମୃତ୍ୟୁ ହେଲା ସେ ନେଇ ପୁଲିସ ସ୍ପଷ୍ଟ କରିନାହିଁ। ଶବକୁ ରାୟଗଡା ସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରରେ ରଖାଯାଇଛି ବୋଲି ଚାନ୍ଦିଲି ପୁଲିସ ସୂଚନା ଦେଇଛି। ମୃତ ଯୁବକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ ୯୪୩୮୯୧୬୮୭୪ ଫୋନ ନମ୍ବରରେ ଯୋଗାଯୋଗ କରିବା ପାଇଁ ପୁଲିସ ନିବେଦନ କରିଛି।

## ପ୍ରେସ୍ ୟୁନିୟନ୍ ରାୟଗଡର ଦଶମ ବାର୍ଷିକ ଉତ୍ସବ




ରାୟଗଡ,୨୬।୪ (ସମିସ): ରାୟଗଡ ସହର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ରବିବାର ଦିନ ପ୍ରେସ୍ ୟୁନିୟନ୍ ରାୟଗଡର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୟୁନିୟନର ସଭାପତି ବରିଷ୍ଠ ସାମ୍ବାଦିକ ଅମୂଲ୍ୟରତ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଗସ ଟିଭି ମୁଖ୍ୟ ସଂପାଦକ ଶିଶିର କୁମାର ଭଟ୍ଟମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ, କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳୀ ସଦସ୍ୟ ସ୍ୱାମୀ ପରମାନନ୍ଦ ସରସ୍ୱତୀ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକା ରାମନାଥ ଗୋୟଙ୍କ ଆୱାର୍ଡ-୨୦୧୫ ପ୍ରାପ୍ତ ଶାରଦା ଲାହାଙ୍ଗିର ମଞ୍ଚାସୀନ ହୋଇଥିଲେ। ସ୍ଥାନୀୟ କଳାକାରଙ୍କ ଶ୍ରୀ ଗଣେଷ ବନ୍ଦନା ନୃତ୍ୟ ପରିବେଷଣ ପରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ୟୁନିୟନର ସଦସ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥିମାନେ ସାମ୍ବାଦିକତାର ମୂଲ୍ୟବୋଧ ଓ ଦାୟିତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୟୁନିୟନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ରାୟଗଡ ଜିଲ୍ଲା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରି ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁନିୟନର ସାଧାରଣ ସଂପାଦକ ଶିବାଜୀ ଦାସ ସଂଗଠନର ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଘୋଷିକା ବିଦିଶା ଶତପଥି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନୀଳାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

କୋରାପୁଟ ଜିଲ୍ଲା ନାମ ସଂକୀର୍ତ୍ତନ ମଣ୍ଡଳୀର ସାଧାରଣ ସଭା

# ନାମ ସଂକୀର୍ତ୍ତନ ଶିକ୍ଷାକେନ୍ଦ୍ର ଜୟପୁରରେ ହେଉ : ବିଧାୟକ ବାହିନୀପତି



ଜୟପୁର,୨୬ ।୪(ସମିସ): କୋରାପୁଟ ଜିଲ୍ଲାର ସମସ୍ତ ୧୪ଟି ବ୍ଲକ ଏବଂ ୪ଟି ସହରାଞ୍ଚଳର ଶତାଧିକ ନାମ ସଂକୀର୍ତ୍ତନ ମଣ୍ଡଳୀ ଜୟପୁର ଠାରେ ଏକତ୍ରୀତ ହୋଇ ନାମ ସଂକୀର୍ତ୍ତନ ମାଧ୍ୟମରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଦଶହରା ପଡିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇ ସେଠାରେ ଏକ ସାଧାରଣ ସଭା ଆୟୋଜନ କରିଥିଲେ। ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ଓ ପୁରୁଷଙ୍କ ନେଇ ଗଠିତ ଜିଲ୍ଲାର ୨ଶହରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପୂର୍ବାହ୍ନ ୯ଟାରେ ଜିଲ୍ଲାର ସମସ୍ତ ଅଞ୍ଚଳୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀର ପ୍ରାୟ ୮ ହଜାରରୁ ଅଧିକ ମଣ୍ଡଳୀର ସଦସ୍ୟ ଓ ସଦସ୍ୟା ମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରେ ଏକତ୍ରୀତ ହେବା ପରେ ସେଠାରୁ ମୃଦଙ୍ଗ ଓ ଝାଞ୍ଜ ବଜାଇ ସଂକୀର୍ତ୍ତନ ମାଧ୍ୟମରେ ସହରରେ ମୁଖ୍ୟରାସ୍ତା ଦେଇ ଶୋଭାଯାତ୍ରା ଦଶହରା ପଡିଆ ଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି ନିଜ ବକ୍ତବ୍ୟରେ ଜୟପୁର ଠାରେ ସରକାରଙ୍କ ପକ୍ଷରୁ ଜମି ପ୍ରଦାନ କରାଗଲେ ଏଠାରେ ସଂକୀର୍ତ୍ତନର ଗାୟନ, ମୃଦଙ୍ଗ ଓ ଝାଞ୍ଜ ଶିକ୍ଷା ପ୍ରଶିକ୍ଷଣ ଭବନ ନିର୍ମାଣ କରିବାକୁ ପରାମର୍ଶ ଦେବା ସହିତ ଭବନ ନିର୍ମାଣ କାର୍ଯ୍ୟ ପାଇଁ ସେ ସମସ୍ତ ସହାୟତା କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହିପରି ସନାତନୀ ସଂସ୍କୃତିର ପରମ୍ପରା ନାମ ସଂକୀର୍ତ୍ତନ ଏହାକୁ ବଞ୍ଚାଇ ରଖିବା ସହିତ ଏହାର ପ୍ରଚାର ପ୍ରସାର ବହୁଳମାତ୍ରାରେ କରିବାକୁ ଆବଶ୍ୟକତା ରହିଛି। ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଗୋଟିଏ ନାମ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରିବାକୁ ଆହ୍ୱାନ କରିବା ସହିତ ଆଧ୍ୟାନିକ ଓ ଧାର୍ମିକ ଭାବନା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିକ ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଅବସରପ୍ରାପ୍ତ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ , ରାଜ୍ୟ ସଂକୀର୍ତ୍ତନ ଲୋକକଳା ପରିଷଦର ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ରାଜ୍ୟ ସଂଯୋଜକ ଦୁଷ୍ମନ୍ତ ପୁରୋହିତ, ଜିଲ୍ଲା ଉପସଭାପତି ରତ୍ନାକର ନାରାଜି, ସମ୍ପାଦକ ସୁଜିତ କୁମାର ସାହୁ, ମୁଖ୍ୟ ଗାୟକ ଲିଙ୍ଗରା ନିଶଙ୍କ, ବାବଭାଇ ବଜରଙ୍ଗୀ, ମାଲକାନଗିରି ଜିଲ୍ଲା ସଭାପତି ରାମ ଗୌଡ, ନବରଙ୍ଗପୁର ଜିଲ୍ଲା ଅର୍ଜୁନ ଭତ୍ରାଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ ସମ୍ପାଦକଙ୍କ ସହିତ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ମାନେ ଉପସ୍ଥିତ ଥିଲେ।



● ଦାଦନ ଖଟୁଥିଲେ ତିନି ଭାଇ

# ଅରୁଣାଚଳ ପ୍ରଦେଶରୁ ଉଦ୍ଧାର କଲା ପୁଲିସ

● ଘରକୁ ଫେରିପାରୁ ନଥିବାରୁ ଥାନାରେ ହୋଇଥିଲା ଏତଲା



ଗୁଣୁପୁର,୨୬।୪(ସମିସ): ରାୟଗଡ଼ା ଜିଲ୍ଲା ପୁଟାସିଂ ପୁଲିସ୍ ପାଖରେ କୁଲୁସି” ପଞ୍ଚାୟତର ଖାଡାସି ଗ୍ରାମର ଜାମ୍ବୋ ଗମାଙ୍ଗ ତାଙ୍କର ତିନୋଟି ପିଲା ଦାଦନ ଖଟିବା ପାଇଁ ଯିବାପରେ ଦୀର୍ଘଦିନ ହେବ ଫେରୁନଥିବା ନେଇ ଅଭିଯୋଗ ଦେଇଥିଲେ।ଅଭିଯୋଗକୁ ଭିତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହିମାଚଳ ପ୍ରଦେଶରୁ ଦୁଇ ପିଲାଙ୍କୁ ଉଦ୍ଧାର କରିଛି ପୁଟାସିଂ ପୁଲିସ୍। ସୂଚନା ଅନୁଯାୟୀ, ଅରୁଣାଟଳ ପ୍ରଦେଶକୁ ପରିବାରର ସମସ୍ତ ସଦସ୍ୟ ଦାଦନ ଖଟିବାକୁ ଯାଇଥିଲେ। ୨୦୧୮ ମସିହାରେ ବାପା ମା ନିଜ ଗ୍ରାମ ଖାଡାସିକୁ ଫେରିଆସିଥିଲେ। କିନ୍ତୁ ତାଙ୍କ ସହ ଥିବା ତିନି ପିଲା ଆସି ନଥିଲେ। ସେମାନେ ଦୀର୍ଘ ମାସ ଘରକୁ ନ ଫେରି ହିମାଚଳ ପ୍ରଦେଶର ଏକ ବ୍ୟବସାୟୀଙ୍କ ଦୋକାନରେ କାମ କରୁଥିଲେ। ଦୀର୍ଘଦିନ ଦାଦନ ଖଟୁଥିବା ନିଜର ତିନି ପିଲାଙ୍କ ସହ ଯୋଗାଯୋଗ ନହେବାରୁ ବାଧ୍ୟ ହୋଇ ପୁଟାସିଂ ଥାନାରେ ଜାମ୍ବୋ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରି ଅରୁଣାଚଳ ପ୍ରଦେଶକୁ ଯାଇ ସେଠାରେ ଦାଦନ ଖଟୁଥିବା ୨ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ଶ୍ରମିକ ମଧ୍ୟରେ ଜଣେ ୧୪ ବର୍ଷର ନାବାଳକ ରହିଥିବା ବେଳେ ଅନ୍ୟଜଣେ ୨୫ ବର୍ଷୀୟ ସୁନିଲ ଗମାଙ୍ଗ ରହିଛନ୍ତି। ଆଉ ଜଣେ ୩୫ ବର୍ଷ ବୟସ୍କ ଲାମିତି ଗମାଙ୍ଗୋ ଆଉ କିଛି ଦିନପରେ ଫେରିବେ ବୋଲି ପୁଲିସ ପକ୍ଷରୁ ସୁଚନା ମିଳିଛି। ପୁଲିସ ଦଳ ମଧ୍ୟରେ ଏସ୍ଆଇ ଅଶୋକ ନାୟକ ଓ ସୁଦାମ ସାହୁ ଦୁଇ ଜଣଙ୍କୁ ଧରି ଶନିବାର ରାତିରେ ଫେରିବା ପରେ ଥାନା ଅଧିକାରୀ ବିଦ୍ୟୁଲତା ନାୟକଙ୍କ ନେତୃତ୍ୱରେ ଦୁଇ ପୁଅକୁ ଜାମ୍ବୋ ଗମାଙ୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ



ମାଲକାନଗି,୨୬।୪(ସମିସ): ମାଲକାନଗିରି ଜିଲ୍ଲା ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ ଜୟନ୍ତି ପାଳିତ ହୋଇ ଯାଇଛି। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ କାଳୁ ଚରଣ ମହାରଣା, ସଂଘର ଉପସଭାପତି ସୁରେନ୍ଦ୍ର କୁମାର ମହାରଣା, ସମ୍ପାଦକ ଅଶୋକ କୁମାର ସାମଲ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଗଜପତିଙ୍କ ଜୀବନୀ ଏବଂ ଓଡ଼ିଶା ରାଜନୀତିରେ ତାଙ୍କ ଅବଦାନ ସଂମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ବେହେରା, ଜଗନ୍ନାଥ ତିଆଡ଼ି, ବି. ଜନାର୍ଦ୍ଦନ ରାଓ., ଏସ୍. ବୀରା ସ୍ୱାମୀ, ନବ କୁମାର ସାହୁ, ଲିଙ୍ଗରାଜ ସେନାପତି, କେ. ଶିବ ଶଙ୍କର ପାତ୍ର, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ସୂଚନା ଫଳକରେ ସହିଦ ଲକ୍ଷ୍ମଣ ନାୟକଙ୍କ ନେଇ ବିଭ୍ରାନ୍ତିକର ତଥ୍ୟ

# ଖୋଜିଲେ ମିଳୁନି ଷ୍ଟାଡିୟମ, ସଂଗ୍ରହାଳୟ ଓ ଗ୍ରନ୍ଥାଗାର

ମାଥିଲି,୨୬।୪ (ସମିସ): ନିଜ ଜାତି ନିଜ ଦେଶ ପାଇଁ ଇଂରେଜମାନଙ୍କ ସହିତ ଲଢେଇ କରି ଫାଶୀ ଖୁଣ୍ଟରେ ଝୁଲିଥିଲେ ଲକ୍ଷ୍ମଣ ନାୟକ। ତାଙ୍କ ପାଇଁ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲା ଆଜି ଗର୍ବିତ। ସେହି ମହାନ ମହାପୁରୁଷ ଆଦିବାସୀ ମାନଙ୍କ ପାଇଁ ସଦା ସର୍ବଦା ଲଢେଇ କରୁଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅନେକ ସ୍ଥାନରେ ସେହି ମହାନ ପୁରୁଷଙ୍କ ନାମରେ ମେଡ଼ିକାଲ କଲେଜ ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ନାମିତ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ୍ୟ ସେହି ମହାନପୁରୁଷଙ୍କ ନାମରେ ଗୋଟିଏ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ, ସଂଗ୍ରହାଳୟ, ମୂର୍ତ୍ତି ଓ ଗ୍ରନ୍ଥାଗାର ନିର୍ମାଣ ହୋଇଥିଲା । କିନ୍ତୁ ଏବେ ଏହା ନିଖୋଜ ହୋଇଯାଇଛି। ଏହା ଲୋକେ କହୁ ନାହାନ୍ତି, ଯାହା ରାଜ୍ୟ ପର୍ଯ୍ୟଟନ ବିଭାଗର ସୂଚନା ଫଳକ କହୁଛି।୩୨୬ ନମ୍ବର ଜାତୀୟ ରାଜପଥ ମାଥିଲି ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସୂଚନା ଫଳକ ଜ୍ୱଳନ୍ତ ଉଦାହରଣ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଫଳକରେ ଦର୍ଶା ଯାଇଛି ଯେ ମାଥିଲି ଠାରୁ ମାତ୍ର ୯ କିଲୋମିଟର ଦୂରରେ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ, ସଂଗ୍ରହାଳୟ, ମୂର୍ତ୍ତି ଓ ଗ୍ରନ୍ଥାଗାର ଅବସ୍ଥିତ। କିନ୍ତୁ ଜିଲ୍ଲା ତଥା ଜିଲ୍ଲା ବାହାରର ପର୍ଯ୍ୟଟନ ମାନେ ଫଳକରେ ସେହି ସ୍ଥାନକୁ ଆଜି ପର୍ଯ୍ୟନ୍ତ ଖୋଜି ପାଉ ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ଯଦି ଫଳକରେ ଦର୍ଶା ଯାଇଥିବା ସ୍ଥାନ ନାହିଁ, ତାହେଲେ ପର୍ଯ୍ୟଟନ ବିଭାଗ ଏପରି ବିଭ୍ରାନ୍ତିକର ସୂଚନା ଫଳକ କେଉଁ ଉଦ୍ଦେଶ୍ୟରେ ଲଗାଇଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ତାହା ସହିତ ବିଭାଗ ପକ୍ଷରୁ ସହିଦଙ୍କ ନାମରେ ସୂଚନା ଫଳକ ଲଗାଇ ଅର୍ଥ ହରିଲୁଟ କରାଯାଇନି ତ ବୋଲି ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଅଞ୍ଚଳବାସୀ ମନରେ । ଆମେ ଏହି ଫଳକ ବିଷୟରେ ପ୍ରଥମେ ସହିଦ ଲକ୍ଷ୍ମଣ ନାୟକଙ୍କ ଝିଅର ପୁଅ ବା ନାତି ମୁକୁନ୍ଦ ନାୟକଙ୍କୁ ପଚାରିବାରୁ ଫଳକ ଲଗାଇଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଦାବି କରିଛନ୍ତି। ମାଥିଲିର ଜଣେ ବରିଷ୍ଠ ନାଗରିକ ଅବଦୁଲ ଗାଫାରଙ୍କୁ ପଚାରିବାରୁ ଫଳକରେ ଦର୍ଶା ଯାଇଥିବା ସ୍ଥାନ ତାଙ୍କ ଅଞ୍ଚଳରେ ନାହିଁ




### ଦୂରଦୁରାନ୍ତରୁ ଆସି ପର୍ଯ୍ୟଟକ ନିରାଶ

ଫଳକରେ ଦର୍ଶା ଯାଇଥିବା ସ୍ଥାନ କୌଣସି ସ୍ଥାନରେ ନାହିଁ । ସେହିପରି ସହିଦ ଲକ୍ଷ୍ମଣ ନାୟକ ସ୍ମୃତି କମିଟିର ପୂର୍ବତନ ସଭାପତି ଏମଡି ଆକବରଙ୍କୁ ପଚାରି ବାରୁ ପ୍ରଥମେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସହିଦଙ୍କ ନାମକୁ ଅପମାନିତ କରାଯାଇଛି। ତାହା ସହିତ ଯଦି ବିଭାଗ ଏପରି ଫଳକ ଲଗାଇଛି, ତାହା ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ବୋଲି ସେ କହିଥିଲେ। ମାଥିଲି ଠାରୁ ୯ କିଲୋମିଟର ବ୍ୟବଧାନରେ ଏପରି କୌଣସି ସ୍ଥାନ ନାହିଁ। ଏହା ତଦନ୍ତ ସାପେକ୍ଷ। ତଦନ୍ତ କଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି। ବାକି ଜିଲ୍ଲା ପ୍ରଶାସନ ଏହାକୁ ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ଜୋର ଧରିଛି।

# ‘ବିକଳ୍ପ’ ସଂଗଠନର ଅଂଶୁଘାତ ସଚେତନତା



ରାୟଗଡ, ୨୬।୪(ସମିସ): “ବିକଳ୍ପ” ଆମ ମାଟି ଆମ ସଂକଳ୍ପ ସଂଗଠନ, ରାୟଗଡ଼ର ଉଦ୍ୟମରେ ସଦର ବ୍ଲକ ଜପାଖାଲ ଗ୍ରାମରେ ଅଂଶୁଘାତ ଓ ତାର ପ୍ରତିକାର ଉପରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ପ୍ରାୟ ୧୧୫ ଜଣ ମହିଳା, ପୁରୁଷ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ବିପିନ ବିହାରୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି ଅଂଶୁଘାତ କଣ ଏବଂ ତାର ପ୍ରତିକାର ଉପରେ ତଥ୍ୟ ପ୍ରଦାନ କରିଥିଲେ । ସଂଗଠନର ସଦସ୍ୟା ତଥା ଅଧ୍ୟାପିକା ସଂଯୁକ୍ତା ପାଙ୍ଗି ସ୍ଥନୀୟ କୁଇ ଭାଷାରେ ଅଂଶୁଘାତର ଲକ୍ଷଣ ଏବଂ ତାର ପ୍ରତିକାର ତଥା ବଜ୍ରପାତ ସମୟରେ କଣ କରିବା, କଣ ନକରିବା ଉପରେ ବୁଝାଇଥିଲେ। ବିଶେଷ କରି ଖରାଦିନେ ଦୈନନ୍ଦିନ ଜୀବନର ଦିନଚର୍ଯ୍ୟା, ତଥା ସ୍ୱାସ୍ଥ୍ୟ ସୁରକ୍ଷା ଉପରେ କଥା ରଖି ଥିଲେ। ସଦସ୍ୟ ରାଜେନ୍ଦ୍ର ସାହୁ କୁଇ ଭାଷାରେ ପୋଡୁ ଚାଷ ଉପରେ ବୁଝାଇଥିଲେ ଏବଂ ଜଙ୍ଗଲ ପୋଡିବା ଦ୍ୱାରା ପରିବେଶ ଦୂଷିତ ହୋଇ ତାହା ସମାଜ ଉପରେ କିପରି କୁ ପ୍ରଭାବ ପଡ଼େ, ସଚେତନ କରାଇଥିଲ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗାଁ ଲୋକମାନଙ୍କୁ ଦହି ପଣା ବଣ୍ଟନ କରାଯାଇଥିଲା। ସଂଗଠନର ସଦସ୍ୟ ସଦସ୍ୟା ଡ. ଅର୍ଚ୍ଚନା ପଟ୍ଟନାୟକ, ଶଶିଭୂଷଣ ପଟ୍ଟନାୟକ, ଅଶୋକ କୁମାର ଜୈନ, ଡ. ବିନୋଦ ଚନ୍ଦ୍ର ପାତ୍ର, କୁମୁଦ ଚନ୍ଦ୍ର ସାମନ୍ତରାୟ, ଗୌରୀ ଶଙ୍କର ରାଓ, ମନୋରଞ୍ଜନ ମିଶ୍ର, ସନ୍ଧ୍ୟାରାଣୀ ପାତ୍ର, ତ୍ରିବେଣୀ ମିଶ୍ର, ଭାରତୀ ଚୌଧୁରୀ, ପଦ୍ମନ ଚୌଧୁରୀ, ଆଦି ଗାଁ ଲୋକମାନଙ୍କୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ କେଉଁ କେଉଁ ପନ୍ଥା ଅବଲମ୍ବନ କରିବା ଦରକାର ନିଜ ନିଜର ବକ୍ତବ୍ୟରେ ରଖିଥିଲେ। ଶେଷରେ ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀ, ଛାତ୍ରଛାତ୍ରୀ, ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ତଥା ଗ୍ରାମର ଯୁବକ ରାଜୀବ ହୁଇକା ଏବଂ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ପ୍ରମୂଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଦସ୍ୟା ସଂଯୁକ୍ତା ପାଙ୍ଗି ଗାଁ ଲୋକଙ୍କ ମାତୃଭାଷା କୁଇ ଭାଷାରେ ଆଜିର ଦିନ ଖୁସିର ଦିନ କହି ଲୋକଙ୍କୁ ଆକୃଷ୍ଟ କରି ଧନ୍ୟବାଦ ଅର୍ପଣ କରିଥିଲେ

# ଜିଲ୍ଲାରେ ପ୍ରତି ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ମାଲକାନଗିରି,୨୬।୪(ସମିସ): ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ଅଧିକ ତ୍ୱରାନ୍ୱିତ ଓ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବେ ଏକ ଅଭିନବ ତଥା ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏବେ ପ୍ରତି ସୋମବାର ଦିନ ଜିଲ୍ଲାର ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲୋକମାନଙ୍କୁ ନିଜ ସମସ୍ୟା ପାଇଁ ଆଉ ଜିଲ୍ଲା ସଦର ମହକୁମାକୁ ଦୌଡ଼ିବାକୁ ପଡ଼ିବ ନାହିଁ, ବରଂ ପ୍ରଶାସନ ନିଜେ ଲୋକଙ୍କ ନିକଟରେ ପହଞ୍ଚିବ। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ନିଜେ ନିର୍ଦ୍ଧାରିତ ପଞ୍ଚାୟତଗୁଡ଼ିକରେ ଉପସ୍ଥିତ ରହି ମିଳିତ ଅଭିଯୋଗ ଶୁଣାଣି କରିବେ। ସେହିପରି ସେହି ଦିନ ଏକା ସମୟରେ ଅନ୍ୟାନ୍ୟ ପଞ୍ଚାୟତ ଗୁଡିକରେ ଯେଉଁଠାରେ ଜିଲ୍ଲାପାଳ ଓ ଏସପି ନ ଯାଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଶୁଣାଣିର ନେତୃତ୍ୱ ନେବେ। ସେହିପରି ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ନିକଟରେ ଜନସାଧାରଣ ନିଜର ଅଭିଯୋଗ ଜଣାଇ ପାରିବେ। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ତହସିଲଦାର, ପୋଲିସ ବିଭାଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିବିରରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଏହି ତତ୍ପରତା ଓ ସକ୍ରିୟତା ଦର୍ଶାଉଛି ଯେ, ସାଧାରଣ ଜନତାଙ୍କ ଅଭିଯୋଗର ପ୍ରଭାବଶାଳୀ ଏବଂ ସମୟାନୁବର୍ତ୍ତୀ ସମାଧାନ ପାଇଁ ପ୍ରଶାସନ ପ୍ରତିବଦ୍ଧ। ଦୁର୍ଗମ ଅଞ୍ଚଳର ଲୋକମାନେ ଯେପରି ସହଜରେ ସରକାରୀ ସେବା ପାଇପାରିବେ,ସେଥିପାଇଁ ଏହାକୁ ଏକ ଜରୁରୀକାଳୀନ କାର୍ଯ୍ୟଭାର ଭାବେ ଗ୍ରହଣ କରାଯାଇଛି।

# ସତୀଗୁଡ଼ା ଇରିଗେଶନ ପରିସରରେ ନିଆଁ; ଅଳ୍ପକେ ବର୍ତ୍ତିଲା ଗୋଦାମ ଗୃହ

ମାଲକାନଗିରି, ୨୬।୪(ସମିସ): ଅଳ୍ପକେ ବର୍ତ୍ତିଲା ମାଲକାନଗିରି ସତିଗୁଡା ଇରିଗେଶନର ଗୋଦାମଗୃହ। ସୂଚନା ମୁତାବକ କୌଣସି କାରଣରୁ ମାଲକାନଗିରି ଜିଲ୍ଲା ସଦରରେ ଥିବା ପୁରୁଣା ମେଡିକାଲ ଛକ ନିକଟ ସତିଗୁଡା ଇରିଗେଶନ କାର୍ଯ୍ୟାଳୟର ଗୋଦାମଗୃହ ସମ୍ମୁଖରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଲାଗିବା ଫଳରେ ସେଠାରେ ଥିବା ଏକ ବିରାଟ କାୟ ଗଛ ଜଳି ଯାଇଥିବା ବେଳେ ଏହି ନିଆଁ ଦେଖି ତୁରନ୍ତ ଦମକଳ ବିଭାଗକୁ ବିଭାଗୀୟ କର୍ମଚାରୀ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସୌଭାଗ୍ୟବଶତଃ କାର୍ଯ୍ୟାଳୟ କିମ୍ବା ଅନ୍ୟ କୌଣସି ଘର ଓ ବ୍ୟକ୍ତି ବିଶେଷଙ୍କ ଏଥିରେ କୌଣସି କ୍ଷତି ହୋଇ ନଥିବା ଜଣାପଡିଛି। ଏହି ନିଆଁ କିପରି ଲାଗିଲା, ତାହା ଯଦିଓ ସ୍ପଷ୍ଟ ହୋଇନି, କିନ୍ତୁ ନିଆଁକୁ ଦମକଳ ବାହିନୀ ସଠିକ୍ ସମୟରେ ଆୟତ୍ତ କରିଥିବାରୁ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଛି ବିଭାଗୀୟ ଅଫିସ ବୋଲି କୁହାଯାଇଛି।



# ତଳମିଟିଙ୍ଗି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କାକିରିଗୁମା,୨୬।୪(ସମିସ): ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୈଡ଼ଗୁଡା ପଞ୍ଚାୟତ ଅନ୍ତର୍ଗତ ତଳମିଟିଙ୍ଗି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ସାଉନ୍ତା ଯୋଗ ଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଭାଗ ନେବେ ବୋଲି କମିଟି ସଦସ୍ୟ ହରି ହୁଇକା, ସମ୍ବାରୁ ସିରିକା , ଚନ୍ଦ୍ର ସିରିକା ଝାଡୁ, ସିରିକା ସାଧୁ ସିରିୟା, କାନ୍ଧରୁ ସିରିୟା ଅଂଚଳ ଜାମ୍ବକା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ କାପିସିପୁଟ ଏବଂ ଝିରିଝିରା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ତଳମିଟିଙ୍ଗି ଭଳି ପଛୁଆ ଗ୍ରାମରେ ଏଭଳି କ୍ରୀଡା ଆୟୋଜନ କରି ସ୍ଥାନୀୟ ଯୁବକ ମାନେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖି ସେମାନଙ୍କୁ ପ୍ରଶଂସା କରିଥିଲେ।

# ବାଲ୍ମିକୀ ସମାଜ ଦୁଆରୀ ପରିବାରର ଆମ୍ବ ଉତ୍ସବ



ଶିଖପାଲି,୨୬।୪(ସମିସ) ମାଲକାନଗିରି ଜିଲ୍ଲା କୁରୁୱାଡା ଗ୍ରାମର ଦୁଆରି ପରିବାର ପକ୍ଷରୁ ଦୀର୍ଘଦିନ ଧରି ପାଳିତ ହୋଇଆସୁଥିବା ପାରମ୍ପରିକ ଆମ୍ବ ଉତ୍ସବ ଆଜି ଭକ୍ତି ଓ ଆନନ୍ଦର ସହିତ ଉଦ୍‌ଯାପିତ ହୋଇଛି। ନିକଟରେ ଜନଜାତିଙ୍କ ସହ ମିଶି ସେମାନଙ୍କ ପରମ୍ପରାକୁ ଶ୍ରଦ୍ଧା ଓ ସମ୍ମାନ ଦେଇ ଆଜି ଏହି ନୂଆଁ ଆମ୍ବ ଖିଆ ପର୍ବର ଶେଷ ଦିନ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ସେମାନେ ବାଲ୍ମିକୀ ସମାଜର ହୋଇଥିବାରୁ ପୂର୍ବପୁରୁଷମାନଙ୍କ ଠାରୁ ଆସିଥିବା ଏହି ପରମ୍ପରା ପରିବାର ପାଇଁ ଗର୍ବର ବିଷୟ ହୋଇରହିଛି। ପରିବାର ସଦସ୍ୟମାନଙ୍କ କହିବା ଅନୁଯାୟୀ, ଏହି ଉତ୍ସବ ମହର୍ଷି ବାଲ୍ମିକୀ ଓ ନିଜ ପରିବାରର ପୂର୍ବଜମାନଙ୍କୁ ସ୍ମରଣ କରିବା ସହିତ ତାଙ୍କର ଆଶୀର୍ବାଦ ଲାଭ କରିବାର ଏକ ପବିତ୍ର ଅବସର। ଏହି ଅବସରରେ ପରିବାରର ଆରାଧ ଦେବୀ ମୁତ୍ୟାଲମ୍ମା ଠାକୁରାଣୀଙ୍କୁ ବିଶେଷ ପୂଜା ଅର୍ଚ୍ଚନା କରାଯାଇଥାଏ। ବିଶେଷ କଥା ହେଲେ, ଦୁଆରି ପରିବାର ପକ୍ଷରୁ ଏହି ଉତ୍ସବ ପ୍ରତିବର୍ଷ ବହୁ ପୁରୁଣା କାଳରୁ ନିରବିଚ୍ଛିନ୍ନ ଭାବେ ପାଳନ କରାଯାଉଛି। ଯାହା ତାଙ୍କର ଆସ୍ଥା, ଭକ୍ତି ଓ ସଂସ୍କୃତି ପ୍ରତି ଗଭୀର ସମ୍ମାନକୁ ପ୍ରକାଶ କରେ। ଏହି ଆମ୍ବ ଉତ୍ସବ ପାରିବାରିକ, ସେମାନଙ୍କ ଏକତାକୁ ମଜବୁତ କରିବା ସହିତ ଆମ ପାରମ୍ପରିକ ସଂସ୍କୃତିକୁ ଅଟୁଟ ରଖିବାରେ ମଧ୍ୟ ଗୁରୁତ୍ୱ ରଖେ। ଉତ୍ସବର ଶେଷରେ ପୂଜା, ପ୍ରାର୍ଥନା ଓ ପ୍ରସାଦ ବିତରଣ କରାଯାଇଥିଲା।

## ଲେବର କାର୍ଡ ନବୀକରଣରେ ଅସୁବିଧା

# ଅଫିସ ଓ ଜନସେବା କେନ୍ଦ୍ରରେ ଚକ୍କର କାଟୁଛନ୍ତି ଶ୍ରମିକ


ମୁନିଗୁଡା,୨୬।୪ (ସମିସ): ମୁନିଗୁଡା ଅଞ୍ଚଳରେ ନିର୍ମାଣ ଶ୍ରମିକମାନଙ୍କ ଲେବର କାର୍ଡ ନବୀକରଣ ନେଇ ଏକ ଗଭୀର ପ୍ରଶାସନିକ ଅସୁବିଧା ସୃଷ୍ଟି ହୋଇଛି। ବର୍ଷକୁ ବର୍ଷ ଶ୍ରମିକମାନେ ସରକାରୀ ନିୟମ ଅନୁଯାୟୀ ନିଜ କାର୍ଡ ନବୀକରଣ କରି ଆସୁଥିବା ସତ୍ତ୍ୱେ ଚଳିତ ବର୍ଷ ନବୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଟକି ଯାଇଥିବାରୁ ଶତାଧିକ ଶ୍ରମିକ ଅସହାୟ ଅବସ୍ଥାରେ ପହଞ୍ଚିଛନ୍ତି।

ସୂଚନା ଅନୁଯାୟୀ, ଏହି ଅଞ୍ଚଳର ଅଧିକାଂଶ ନିର୍ମାଣ ଶ୍ରମିକ ଦିନକୁ ଦିନ ଶ୍ରମ କରି ପରିବାର ଚଳାଉଥିବା ବେଳେ ସେମାନଙ୍କ ପାଇଁ ଲେବର କାର୍ଡ ଏକ ମୁଖ୍ୟ ଆଧାର ଭାବେ କାମ କରେ। ଏହି କାର୍ଡ ମାଧ୍ୟମରେ ସେମାନେ ବିଭିନ୍ନ ସରକାରୀ ସହାୟତା, ଭତ୍ତା, ଚିକିତ୍ସା ସୁବିଧା ଓ ଶିକ୍ଷା ସମ୍ବନ୍ଧୀୟ ଯୋଜନାର ଲାଭ ଉଠାଇଥାନ୍ତି। କିନ୍ତୁ ଚଳିତ ବର୍ଷ ରିନୁଆଲ ହେଉନଥିବାରୁ ସମସ୍ତ ସୁବିଧା ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ, ସେମାନେ ଲେବର ଅଫିସକୁ ଗଲେ ସେଠାରୁ ଜନସେବା କେନ୍ଦ୍ରକୁ ପଠାଯାଉଛନ୍ତି। ଆଉ ଜନସେବା କେନ୍ଦ୍ରକୁ ଗଲେ ତାଙ୍କୁ ପୁଣି ଲେବର ଅଫିସକୁ ଫେରାଇ ଦିଆଯାଉଛି। ଏଭଳି ଦୁଇଟି କାର୍ଯ୍ୟାଳୟ ମଧ୍ୟରେ ଲୋକମାନେ ପ୍ରତିଦିନ ଚକ୍କର କାଟୁଥିବା ବେଳେ କୌଣସି ସ୍ପଷ୍ଟ ସମାଧାନ ମିଳୁନାହିଁ। ଏହାର ପରିଣାମରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରମିକମାନଙ୍କ ସମୟ ଓ ଧନର ଅପଚୟ ହେଉଛି। ଶ୍ରମିକ ମାନେ ଦିନକୁ କାମ ଛାଡ଼ି ରିନୁଆଲ ପାଇଁ ଅଫିସ ଓ ଜନସେବା କେନ୍ଦ୍ର ନିକଟରେ ଚକର କାଟିବା ଆର୍ଥିକ ଭାବେ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ଦିନକୁ ଦିନ ମଜୁରୀ କରି ପରିବାର ପାଇଁ ଦାନା ସଂଗ୍ରହ କରୁଥିବା ବେଳେ ଏମିତି ଅବସ୍ଥାରେ ୨/୩ ଦିନ ଧରି ଅଫିସ ଘୁରିବା ସେମାନଙ୍କ ପାଇଁ ବଡ଼ ସମସ୍ୟା ବୋଲି ଲଛମା ହିଆଲ,ଦେବା ଟାକ୍ରୀ,ଦୁର୍ଗା ବାଗ,ବୁଲୁ ବାଗ,ପ୍ରତିମା ଚାମ, ଆରତୀ ଚାମ, ଶୋସନି କୁସୁଲିଆ, ସାଲେନି ହିଆଲ ଭଳି ମହିଳା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଯଦି ସମୟରେ କାର୍ଡ ରିନୁଆଲ ହେବନାହିଁ, ତେବେ ସେମାନେ ସରକାରୀ ଯୋଜନାରୁ ସ୍ଥାୟୀ ଭାବରେ ବଞ୍ଚିତ ହୋଇପାରନ୍ତି। ତାଙ୍କ ପରିବାର ଜୀବନରେ ଗୁରୁତର ପ୍ରଭାବ ପକାଇପାରେ ବୋଲି କିଛି ଶ୍ରମିକ ଭୟ ପ୍ରକାଶ କରିଛନ୍ତି। ସ୍ଥାନୀୟ ସମାଜସେବୀ ବି.ଭେଙ୍କେଟସ୍ୱର ପାତ୍ର ଓ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ,ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପ୍ରମୁଖ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ ପାଇଁ ଜିଲ୍ଲା ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ସେମାନଙ୍କ ମତାନୁସାରେ ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରାଯାଇନଥାଏ, ତେବେ ଆଗାମୀ ଦିନରେ ଶ୍ରମିକମାନେ ଆନ୍ଦୋଳନର ପଥ ଅଲମ୍ବନ କରିପାରନ୍ତି। ଏହି ପରିସ୍ଥିତିରେ ଶ୍ରମିକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଓ ପ୍ରଶାସନ କେଉଁ ପ୍ରକାର ତୁରନ୍ତ ପଦକ୍ଷେପ ନେଉଛନ୍ତି ସେଥିପାଇଁ ସମସ୍ତଙ୍କ ନଜର ରହିଛି।

● ପ୍ରାଦେଶିକ ମେଧା ବୃତ୍ତି ଓ ଭାରତୀ କୃଷ୍ଣ ଗଣିତ ପରୀକ୍ଷା

# କୃତିତ୍ୱ ଆଣିଲେ ମାଥିଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ






ମାଥିଲି,୨୬।୪(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଭାରତୀ ବିହାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ମାନେ ରାଜ୍ୟ ସ୍ତରୀୟ ପ୍ରାଦେଶିକ ମେଧା ବୃତ୍ତି ଓ ଭାରତୀ କୃଷ୍ଣ ଗଣିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ତୃତୀୟ ଶ୍ରେଣୀ ମେଧା ବୃତ୍ତିରେ ୧୦ମ ସ୍ଥାନରେ ସାଇଶକ୍ତି ପାଳ, ୨ୟ ସ୍ଥାନରେ ସିଦ୍ଧାର୍ଥ ମଲ୍ଲିକ ଓ ତୃତୀୟ ସ୍ଥାନରେ ଜସ୍ମିତ୍ ସାହୁ ୩ୟ ସ୍ଥାନରେ ଥିଲାବେଳେ ଭାରତୀ କୃଷ୍ଣ ଗଣିତରେ ଅଷ୍ଟମ ସ୍ଥାନରେ ଜସ୍ମିତ ସାହୁ, ନବମ ସ୍ଥାନରେ ଦିବ୍ୟ ପ୍ରକାଶ ଦାସ, ଓ ଦିବ୍ୟାଂଶି ବାରିକ ରହିଛନ୍ତି। ପଞ୍ଚମ ଶ୍ରେଣୀରେ ଉଭୟ ପରୀକ୍ଷାରେ ଗୌରବ ପଣ୍ଡା ପଞ୍ଚମ ଓ ସପ୍ତମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଦୁଇଟି ମେଧା ବୃତ୍ତି ପରୀକ୍ଷାରେ ରାଜ୍ୟ ସ୍ତରରେ ମୋଟ ୨୦ଟି ସ୍ଥାନରୁ ମାଥିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ୮ଟି ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରି ସ୍ୱାଇଁ ପ୍ରକାଶ କରିଛନ୍ତି। ଛାତ୍ର ଛାତ୍ରୀ ସେମାନଙ୍କ ସଫଳତା ଶ୍ରେୟ ଗୁରୁଜୀ ଗୁରୁମା, ପିତା ମାତାଙ୍କ ସହ ସମସ୍ତ ମାର୍ଗଦର୍ଶକ ମାନଙ୍କୁ ପ୍ରଦାନ କରିଛନ୍ତି। ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ମାଥିଲି ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ଏହିପରି ସଫଳତା ହାସଲ କରିବା ଜାରି ରଖିଛନ୍ତି। ଅବିଭାବକ ସଂଘ ସହ ସମସ୍ତ ଅବିଭାବକ ଏହି ସଫଳତା ପାଇଁ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ପ୍ରଧାନ ଆଚାର୍ଯ୍ୟଙ୍କ କର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ପରସ୍ପରର ପରିପୂରକ ବୋଲି ଭୁଲିଯାଇଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି।
-ମଦର ଟେରେସା

## ଭାଗ୍ୟ ବନାମ ଦକ୍ଷତା ବିତର୍କ

ଭାରତରେ ବହୁପ୍ରତୀକ୍ଷିତ ଅନ୍‌ଲାଇନ୍ ଗେମ୍(ପ୍ରୋତ୍ସାହନ ଓ ନିୟନ୍ତ୍ରଣ) ଆଇନ୍‌କୁ ଆସନ୍ତା ମେ' ପହିଲାରୁ କାର୍ଯ୍ୟକାରୀ କରିବା ଲାଗି ଗତ ସପ୍ତାହରେ ନିୟମାବଳୀ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ଏଥିପୂର୍ବରୁ ଏହା ଗତାନୁଗତିକ ଢଙ୍ଗରେ ନ୍ୟାୟିକ ପ୍ରତିବନ୍ଧକର ସାମ୍ନା କରିଛି ଏବଂ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ଅନ୍‌ଲାଇନ୍ ଗେମ୍‌ର ନିୟନ୍ତ୍ରଣ ଜନସାଧାରଣଙ୍କ ପାଇଁ ସର୍ବାଦୌ ଆବଶ୍ୟକତା ହୋଇଥିଲେ ହେଁ ସମ୍ପୃକ୍ତ ସଂସ୍ଥାମାନେ ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ବିରୋଧ କରି ଅଦାଲତର ଦ୍ୱାରସ୍ଥ ହୋଇଛି।

ଭାରତରେ ଅନ୍‌ଲାଇନ୍ ଗେମ୍ ବଜାର ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ତା'ସହିତ ଜୁଆ ବା ଟଙ୍କାର ଖେଳ ମଧ୍ୟ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନ୍ ନଥିବାରୁ ବୈଧ ଓ ଅବୈଧ ଅଂଶୀଦାର ଓ ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ିବା ସହିତ ଠକାମୀ ଓ ଅପରାଧ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ଅନ୍‌ଲାଇନ୍ ଗେମ୍ ଆତଙ୍କବାଦୀ ସଂଗଠନଙ୍କ ପାଇଁ ପାଣ୍ଠି ସୃଷ୍ଟିର ଏକ ଉତ୍ସ ହୋଇଛି ଏବଂ କଳାଧନ କାରବାରକୁ ପ୍ରୋତ୍ସାହନ ଦେଉଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି କେତେକ ରାଜ୍ୟ ପଦକ୍ଷେପ ନେଇଥିଲେ ହେଁ ଜାତୀୟସ୍ତରରେ ସର୍ବଗୃହୀତ ନିୟମାବଳୀ ପ୍ରଚଳନ ନଥିବାରୁ ଆନ୍ତଃରାଜ୍ୟ ଅପରାଧ ନିୟନ୍ତ୍ରଣ କରାଯାଇପାରୁନାହିଁ। ତେଣୁ ସମଗ୍ର ଦେଶ ପାଇଁ ଗୋଟିଏ ଆଇନ ପ୍ରଚଳନ କରିବାର ଆବଶ୍ୟକତା ବହୁଳ ଭାବେ ଅନୁଭୂତ ହୋଇଥିଲା।

ବିଜ୍ଞପିତ ନିୟମାବଳୀ ଅନୁଯାୟୀ କେନ୍ଦ୍ର ଇଲେକ୍ଟ୍ରୋନିକସ୍ ଓ ଆଇଟି ମନ୍ତ୍ରଣାଳୟ ଅଧୀନରେ 'ଅନ୍‌ଲାଇନ୍ ଗେମିଂ ଅଥରିଟି ଅଫ୍ ଇଣ୍ଡିଆ(ଓଜିଏଆଇ)' ନାମରେ ଏକ ନିୟାମକ ସଂସ୍ଥା ଗଠନ ହେବ, ଯେଉଁଥିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମେତ ଅର୍ଥ, ସୂଚନା ପ୍ରସାରଣ, କ୍ରୀଡ଼ା ଓ ବିଧି ମନ୍ତ୍ରଣାଳୟର ପ୍ରତିନିଧିମାନେ ସଦସ୍ୟ ରହିବେ। କୌଣସି ଅନ୍‌ଲାଇନ୍ ଗେମ୍ 'ଅନ୍‌ଲାଇନ୍ ମନି ଗେମ୍(ଜୁଆ)', 'ଅନ୍‌ଲାଇନ୍ ସୋସିଆଲ୍ ଗେମ୍(ମନୋରଞ୍ଜନ)', 'ଇସ୍ପୋର୍ଟସ୍(କ୍ରୀଡ଼ା)' କି ନୁହେଁ ତାହା ଓଜିଏଆଇ ତଦାରଖ କରିବା ସହିତ ଆବଶ୍ୟକସ୍ଥଳେ ସମ୍ପୃକ୍ତ ସଂସ୍ଥାମାନଙ୍କୁ ବିହିତ ନିର୍ଦ୍ଦେଶ ଦେଇପାରିବ, ଅଭିଯୋଗ ଶୁଣାଣି କରିବେ ଏବଂ ଜୋରିମାନା ଧାର୍ଯ୍ୟ କରିବେ। କିନ୍ତୁ ଏଥିରେ ଅନ୍‌ଲାଇନ୍ ଗେମିଂ ସେବା ପ୍ରଦାନ କରୁଥିବା ସଂସ୍ଥାମାନଙ୍କ ପାଇଁ ପଞ୍ଜୀକରଣ ସର୍ତ୍ତକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଆର୍ଥିକ କାରବାର ପାଇଁ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ଅନ୍ୟାନ୍ୟ ସଂସ୍ଥାଙ୍କୁ କୌଣସି କାରବାର ପୂର୍ବରୁ ସମ୍ପୃକ୍ତ ଅନ୍‌ଲାଇନ୍ ଗେମିଂ ସଂସ୍ଥାର ଅଧିକୃତ ସ୍ଥିତି ପରଖିବା ଓ ସାବଧାନତା ଅବଲମ୍ବନ କରିବାକୁ ବାଧ କରାଯାଇଛି। ତେଣୁ ନିୟମାବଳୀ ପରସ୍ପର ବିରୋଧୀ ହୋଇଥିବା ଅଭିଯୋଗ ଉଠିଛି। ଏପରିକି ବିଜ୍ଞପ୍ତି ଜାରି ପୂର୍ବରୁ ଆଇନ୍‌କୁ ନେଇ କେତେକ ଦ୍ୱନ୍ଦ୍ୱ ଓ ବିବାଦ ଉଠିଥିଲା ଏବଂ ବିଭିନ୍ନ ରାଜ୍ୟ ଅଦାଲତମାନଙ୍କରେ ମାମଲା ରୁଜୁ ହୋଇଥିଲା। କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ ଦିଲ୍ଲୀ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟମାନଙ୍କରେ ଦାଖଲ ହୋଇଥିବା ମାମଲାକୁ ଏକତ୍ର ଶୁଣାଣି ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମତ ହୋଇଛନ୍ତି ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରୁଛନ୍ତି।

ଅନ୍‌ଲାଇନ୍ ଗେମିଂ ଆଇନ୍ ଅନୁଯାୟୀ ଅନ୍‌ଲାଇନ୍ ମନି ଗେମ(ଜୁଆ)କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବାରୁ ଅନ୍‌ଲାଇନ୍ ଗେମିଂ ସଂସ୍ଥାମାନେ ଆପତ୍ତି ଉଠାଇଛନ୍ତି। ଆଇନ୍‌ରେ ସର୍ବାଧିକ ବିବାଦ ଓ ବିତର୍କ ସୃଷ୍ଟି କରିଛି ଏଥିରେ ଥିବା 'କୌଶଳର କ୍ରୀଡ଼ା(ଗେମ୍ ଅଫ୍ ସ୍କିଲ୍)' ଓ 'ସୁଯୋଗ ବା ଭାଗ୍ୟର ଖେଳ(ଗେମ୍ ଅଫ୍ ଚାନ୍ସ)'ର ସଂଜ୍ଞା ମଧ୍ୟରେ ଥିବା ଆଇନଗତ ବା ବୈଧିକ ତର୍ଜମା। ଅଭିଯୋଗକାରୀମାନେ ଯୁକ୍ତି କରୁଛନ୍ତି ଯେ ଭାରତୀୟ ସମ୍ବିଧାନର ଧାରା ୧୯ ପ୍ରଦତ୍ତ ମୌଳିକ ଅଧିକାର ଅନୁଯାୟୀ ଦେଶର ନାଗରିକମାନେ ସ୍ୱାଧୀନ ଭାବେ ଯେକୌଣସି ବୃତ୍ତି, ପେସା କିମ୍ବା କାରବାର କରିପାରିବେ। ୧୯୫୭ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟରେ କହିଥିଲେ ଜୁଆ 'ଗେମ୍ ଅଫ୍ ଚାନ୍ସ' ହୋଇଥିବାରୁ ଏହାକୁ ପ୍ରୋତ୍ସାହନ ଦିଆ ଯାଇ ନ ପାରେ; କିନ୍ତୁ 'ଗେମ୍ ଅଫ୍ ସ୍କିଲ୍' ବା ବୁଦ୍ଧିର ଖେଳକୁ ବ୍ୟବସାୟିକ କାର୍ଯ୍ୟକଳାପ ଭାବେ ଗ୍ରହଣ କରାଯାଇପାରିବ ଏବଂ ଏହାକୁ ପରିଚାଳନା କରିବା ପାଇଁ ବିଧାନପାଳିକା ଆଇନ ଓ ନିୟମ ଆଦି ପ୍ରଣୟନ କରିପାରିବ।' ଏହି ରାୟ ଆଧାରରେ ଆବେଦନକାରୀମାନେ ଯୁକ୍ତି କରୁଛନ୍ତି ଯେ ଯେକୌଣସି ଖେଳ ଯେତେ କୌଶଳ ଓ ଦକ୍ଷତାଭିତ୍ତିକ ହେଉ ନା କାହିଁକି ଏହାର ଫଳାଫଳ ଭାଗ୍ୟ ବା ସୁଯୋଗ ଉପରେ ନିର୍ଭର କରେ। କିନ୍ତୁ ଆଇନର ଧାରା୨(୧)(ଜି)ରେ 'ଅନ୍‌ଲାଇନ ମନି ଗେମ୍' ସଂଜ୍ଞାରୁ କୌଶଳ ଓ ସୁଯୋଗକୁ ବାଦ୍ ଦିଆଯାଇଛି।

ଆବେଦନକାରୀମାନେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଜଣେ ବ୍ୟକ୍ତି ତା'ର ରୋଜଗାର/ ଉପାର୍ଜନ/ ଅର୍ଥକୁ କିଭଳି ବ୍ୟୟ କରିବ, ମନୋରଞ୍ଜନର କ୍ଷେତ୍ର କ'ଣ କରିବ ତାହା ତା'ର ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନ ଅଧିକାର। ଏହା ଉପରେ ଅଙ୍କୁଶ ଲଗାଇବା ଅର୍ଥ ସମ୍ବିଧାନର ଧାରା ୧୪ ଓ ୨୧ର ବିରୁଦ୍ଧାଚରଣ କରିବା ଭଳି। ସେହିଭଳି ଜୁଆ ବା ସେସମ୍ପର୍କିତ କୌଣସି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ଆଇନ କାନୁନ ଓ କଟକଣା ଆଦି ଲାଗୁ କରିବାକୁ ଆମ ସମ୍ବିଧାନ ରାଜ୍ୟମାନଙ୍କୁ କ୍ଷମତା ଓ ଅଧିକାର ଦେଇଥିଲେ ମଧ୍ୟ ନୂଆ ଆଇନ୍‌ରେ କେନ୍ଦ୍ର ସରକାର ସର୍ବେସର୍ବା ହୋଇଛନ୍ତି। ତେଣୁ ଏହା ମଧ୍ୟ ସାମ୍ବିଧାନିକ ଜଟିଳତା ସୃଷ୍ଟି କରୁଛି। ଆଗାମୀ ଦିନରେ ସର୍ବୋଚ୍ଚ ନ୍ୟାୟାଳୟ ଏହିସବୁ ଆଇନ ଓ ବିଧିଗତ ଜଟିଳତାର ବିଚାର କରି ଯେଉଁ ରାୟ ଦେବେ ତା' ଉପରେ ଆଇନ୍‌ର ଭବିଷ୍ୟତ ନିର୍ଭର କରୁଛି।

ଆମ ମତରେ ଜୁଆ ଏଭଳି ଏକ ନିଶା, ଯେଉଁଥିରେ ବ୍ୟକ୍ତି ଓ ପରିବାର ସର୍ବସ୍ୱାନ୍ତ ହୋଇଯାଏ। ମହାଭାରତ ଏ କ୍ଷେତ୍ରରେ ଏକ ଜ୍ୱଳନ୍ତ ଉଦାହରଣ। ଏହାଛଡ଼ା ଆଜିକାଲି ଯେଉଁଭଳି ଭାବେ ଅନ୍‌ଲାଇନ୍‌ରେ କ୍ରୀଡ଼ା ନାମରେ ଜୁଆ ଖେଳ ଚାଲିଛି ଏବଂ ରାତାରାତି କୋଟିପତି ହୋଇଯିବାର ଖବରମାନ ପ୍ରକାଶ ପାଉଛି ସେଥିରେ ଜଣେ ଚପଳମତି କିଶୋରର ମନ ଉଦ୍‌ଯୋଗ ପ୍ରତି ବୀତସ୍ପୃହ ଓ କର୍ମବିମୁଖ ହେବା ସ୍ୱାଭାବିକ। ଡ୍ରିମ୍ ୧୧ ପରି ଅନ୍‌ଲାଇନ୍ ଗେମ୍‌ରେ ଯଦି ଜଣେ ଅର୍ଦ୍ଧଶିକ୍ଷିତ ଓ ଅଳ୍ପଶିକ୍ଷିତଟିଏ ମଧ୍ୟ ନିଜ ପସନ୍ଦର ଟିମ୍ ବାଛି କୋଟିଏ ଟଙ୍କା ରୋଜଗାର କରିପାରୁଛି ତେବେ ସେ ଉପାର୍ଜନ ପାଇଁ ଅନ୍ୟ ପନ୍ଥା ପ୍ରତି ବିଚାର କରିବ କାହିଁକି? ଏହି ମାନସିକତାକୁ ଆଇପିଏଲ୍ ଆହୁରି ଉଗ୍ର କରିଛି। ନିଜ ପସନ୍ଦର ଟିମ୍ ବାଛିବା ନିଶ୍ଚୟ କୌଶଳ ଆଧାରିତ। କିନ୍ତୁ ସେହି ଟିମ୍‌ର ଦକ୍ଷତା ନିଶ୍ଚୟ ଭାଗ୍ୟ ନିର୍ଣ୍ଣିତ। ଅନ୍‌ଲାଇନ୍ ଗେମିଂ ଆଇନ ଏହାକୁ ସଠିକ୍ ତର୍ଜମା କରିଛି। ଏହାଛଡ଼ା ଅନ୍‌ଲାଇନ୍ ଗେମିଂ ନିଶା ଏବେ ଶିଶୁ, କିଶୋର ସମେତ ଯୁବକମାନଙ୍କୁ ଅସାମାଜିକ କରି ଗଢୁଥିବା ଅଭିଯୋଗମାନ ବଢ଼ିବାରେ ଲାଗିଛି। ତେଣୁ 'ଗେମ୍ ଅଫ୍ ଚାନ୍ସ' ଓ 'ଗେମ୍ ଅଫ୍ ସ୍କିଲ୍' ବିତର୍କରୁ ଉର୍ଦ୍ଧ୍ୱକୁ ଉଠି ଅନ୍‌ଲାଇନ୍ ଗେମର ନିୟନ୍ତ୍ରଣ ଜରୁରୀ। ଏଥିପାଇଁ ଆଇନ ଆଣିବା ବିଳମ୍ବ ହେଲେ ମଧ୍ୟ ଏକ ସାଧୁ ଉଦ୍ୟମ।

## ଯୁଦ୍ଧ, ପ୍ରତିକୂଳ ପାଗ ଓ ଖାଦ୍ୟ ସୁରକ୍ଷା

**ସୁରେନ୍ଦ୍ରନାଥ ପଶୁପାଳକ**

ରୋମାନ୍ ରାଷ୍ଟ୍ରନୀତିଜ୍ଞ ସିସେରୋ ଲେଖିଥିଲେ ଜନସାଧାରଣଙ୍କ ସୁରକ୍ଷା ହିଁ ସର୍ବୋଚ୍ଚ ଆଇନ। ଆଧୁନିକ ସମାଜରେ, ସେହି ସୁରକ୍ଷା କେବଳ ସୀମା ବା ସୈନ୍ୟବାହିନୀରୁ ଆରମ୍ଭ ହୁଏ ନାହିଁ, ବରଂ ଏକ ଅତି ସାଧାରଣ ତଥା ମୌଳିକ ଆବଶ୍ୟକତାରୁ ଆରମ୍ଭ ହୁଏ: ତାହା ହେଉଛି ଖାଦ୍ୟ। ଯେଉଁ ସମାଜ ଅନିଶ୍ଚିତ ସମୟରେ ନିଜର ଖାଦ୍ୟ ବ୍ୟବସ୍ଥାକୁ ରକ୍ଷା କରିପାରେ ନାହିଁ, ସେ କେବଳ ଅସ୍ଥାୟୀ ଅର୍ଥନୈତିକ ସଙ୍କଟ ନୁହେଁ, ବରଂ ନିଜର ସାମାଜିକ ସ୍ଥିରତାକୁ ମଧ୍ୟ ବିପଦରେ ପକାଇଥାଏ।

ଆଜି ବିଶ୍ୱ ଏକ ଚିନ୍ତାଜନକ ସ୍ଥିତି ଦେଇ ଗତି କରୁଛି। ପଶ୍ଚିମ-ଏସିଆର ଯୁଦ୍ଧ ବିଶ୍ୱର ଶକ୍ତି ଓ ସାର ବଜାରକୁ ଅସ୍ଥିର କରିଦେଇଛି। ଏହି ସମୟରେ ଆମ ରାଜ୍ୟରେ ପ୍ରତିକୂଳ ପାଗ, ଜଳବାୟୁ ପରିବର୍ତ୍ତନ ଏବଂ ଜୁଲାଇ ପରେ ଏକ ସମ୍ଭାବ୍ୟ 'ଏଲ୍ ନିନୋ'ର ପ୍ରଭାବ କୃଷି ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। ଯଦି ଶୀତଋତୁ ପର୍ଯ୍ୟନ୍ତ 'ଏଲ୍ ନିନୋ' ଶକ୍ତିଶାଳୀ ରୁହେ, ତେବେ ଉଭୟ ଖରିଫ ଓ ରବି ଋତୁକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଯଦିଓ ଏକ ସକାରାତ୍ମକ 'ଇଣ୍ଡିଆନ୍ ଓସେନ୍ ଡାଇପୋଲ୍' ଏହାର ପ୍ରଭାବକୁ କିଛିମାତ୍ରାରେ ପ୍ରତିହତ କରିପାରେ, ତଥାପି ଏକ ପ୍ରତିକୂଳ ସ୍ଥିତି ପାଇଁ ପ୍ରସ୍ତୁତ ରହିବା ହେଉଛି ବୁଦ୍ଧିମାନର କାର୍ଯ୍ୟ।

ଯେତେବେଳେ ଭୂ-ରାଜନୈତିକ ସଙ୍କଟ ଏବଂ ଜଳବାୟୁର ଅନିଶ୍ଚିତତା ଏକାସାଙ୍ଗରେ ଦେଖାଦିଏ, ସେତେବେଳେ କୃଷି କ୍ଷେତ୍ର ହିଁ ପ୍ରଥମେ ପ୍ରଭାବିତ ହୁଏ ଏବଂ ସବୁଠାରୁ ବିଳମ୍ବରେ ଏଥିରୁ ମୁକୁଳିଥାଏ। କୃଷି କ୍ଷେତ୍ରରେ ଝଟକା ପୂର୍ବରୁ ମଧ୍ୟ ବିଶ୍ୱ ଦେଖିଛି। ୨୦୦୭-୦୮ର ବିଶ୍ୱ ଖାଦ୍ୟ ସଙ୍କଟ ସମୟରେ, ତେଲର ଅହେତୁକ ଦର ବୃଦ୍ଧି, ପ୍ରମୁଖ ଉତ୍ପାଦନକାରୀ ଅଞ୍ଚଳରେ ମରୁଡ଼ି ଏବଂ ରପ୍ତାନି ଉପରେ କଟକଣା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଶସ୍ୟର ମୂଲ୍ୟ ବହୁତ ବଢ଼ିଯାଇଥିଲା। ଗହମ ଓ ଧାନର ମୂଲ୍ୟ ବୃଦ୍ଧି ଯୋଗୁଁ ଅନେକ ଦେଶରେ ଖାଦ୍ୟ ପାଇଁ ଆନ୍ଦୋଳନ ହୋଇଥିଲା ଏବଂ ସରକାରମାନେ ବଜାରକୁ ନିୟନ୍ତ୍ରଣ କରିବା ପାଇଁ ସଂଘର୍ଷ କରିଥିଲେ। ନିକଟ ଅତୀତରେ, ରୁଷ-ୟୁକ୍ରେନ ଯୁଦ୍ଧ ଆଧୁନିକ କୃଷିର ଅନ୍ୟ ଏକ ଦୁର୍ବଳତାକୁ ପଦାରେ ପକାଇଛି। ସାର ଉତ୍ପାଦନ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଗ୍ୟାସ୍ ଉପରେ ନିର୍ଭରଶୀଳ। ଶକ୍ତି ବଜାରର ଅସ୍ଥିରତା ସିଧାସଳଖ ସାର ଦରକୁ ପ୍ରଭାବିତ କରିଥାଏ। ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅନୁସାରେ, ୨୦୨୧ରେ ବିଶ୍ୱ ସାର ମୂଲ୍ୟ ସୂଚକାଙ୍କ ପ୍ରାୟ ୮୦ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ୨୦୨୨ରେ ଏହା ଆହୁରି ବଢ଼ିଥିଲା। ପରିଣାମ ସ୍ୱରୂପ, ଅନେକ ବିକାଶଶୀଳ ଦେଶର ଚାଷୀମାନେ ସାର ବ୍ୟବହାର କମାଇ ଦେଇଥିଲେ କିମ୍ବା ଚାଷ କାର୍ଯ୍ୟରେ ବିଳମ୍ବ କରିଥିଲେ, ଯାହା ଶେଷରେ ଉତ୍ପାଦନ ହ୍ରାସର କାରଣ ହୋଇଥିଲା।

ଏହି ଅଭିଜ୍ଞତା ଆମକୁ ମନେ ପକାଇଦିଏ ଯେ, ଆଜିର କୃଷି କେବଳ ବର୍ଷା କିମ୍ବା ମାଟିର ଉର୍ବରତା ଉପରେ ନିର୍ଭରଶୀଳ ନୁହେଁ। ଏହା ବିଶ୍ୱ ବାଣିଜ୍ୟ ପଥ, ଶକ୍ତି ବଜାର ଏବଂ ଭୂ-ରାଜନୈତିକ ସ୍ଥିରତା ସହ ଜଡ଼ିତ। ଯେତେବେଳେ ହର୍ମୁଜ ପ୍ରଣାଳୀ ବା ଲୋହିତ ସାଗର ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପଥରେ ଅସ୍ଥିରତା ଦେଖାଦିଏ, ସାର ବଜାର ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରେ। ହଜାର ହଜାର କିଲୋମିଟର ଦୂରରେ ଘଟୁଥିବା ଏହି ଘଟଣା ଶେଷରେ ଜଣେ ସାଧାରଣ ଚାଷୀର କ୍ଷେତ ଏବଂ ଖାଉଟିର ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚିଥାଏ। ଖାଦ୍ୟ ସୁରକ୍ଷା କେବଳ ଶସ୍ୟର ଗୋଦାମ ଉପରେ ନିର୍ଭର କରେ ନାହିଁ; ପରିବାରଗୁଡ଼ିକ ବର୍ଦ୍ଧିତ ମୂଲ୍ୟ ସହ କିଭଳି ଖାପ ଖୁଆଉଛନ୍ତି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ଗ୍ରାମୀଣ ପରିବାରଗୁଡ଼ିକର ମୋଟ ଖର୍ଚ୍ଚର ପ୍ରାୟ ଅଧା କେବଳ ଖାଦ୍ୟ ପାଇଁ ବିନିଯୋଗ ହୋଇଥାଏ। ଗରିବ ପରିବାର କ୍ଷେତ୍ରରେ ଏହି ହାର ଆହୁରି ଅଧିକ। ଖାଦ୍ୟ ଦର ବଢ଼ିଲେ ମଧ୍ୟ ପରିବାରଗୁଡ଼ିକ ହଠାତ୍ ଖାଇବା କମାନ୍ତି ନାହିଁ, ବରଂ ସେମାନେ ଏକ 'ଶାନ୍ତ ପୁଷ୍ଟିହୀନତା'(କ୍ୱାଇଟ୍ ନ୍ୟୁଟ୍ରେସନାଲ୍ ରିଟ୍ରିଟ୍) ଆଡ଼କୁ ଗତି କରନ୍ତି। ପ୍ରଥମେ ପରିବାରର ଖାଦ୍ୟ ତାଲିକାରୁ କ୍ଷୀର ବାହାରିଯାଏ, ତା'ପରେ ଡାଲି, ପରିବା ଓ ଫଳ। ପରିବାରଟି କେବଳ ଶସ୍ତା ଶସ୍ୟ ଯଥା ଭାତ ବା ଗହମ ଉପରେ ନିର୍ଭର କରେ। ଏହାକୁ 'ପ୍ରଚ୍ଛନ୍ନ କ୍ଷୁଧା'(ହିଡେନ୍ ହଙ୍ଗର) କୁହାଯାଏ, ଯେଉଁଠାରେ ପେଟ ତ ପୂରେ; କିନ୍ତୁ ଶରୀରକୁ ଆବଶ୍ୟକୀୟ ପୁଷ୍ଟିସାର ମିଳେନାହିଁ। ସରକାରୀ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଏହି ସମୟରେ ଏକ ସୁରକ୍ଷା କବଚ ସାଜିଥାଏ, କିନ୍ତୁ ଜଳବାୟୁ ପରିବର୍ତ୍ତନ ଏବଂ ବଜାରର ଦ୍ୱୈତ ଆକ୍ରମଣ ସମୟରେ ଏହି ବ୍ୟବସ୍ଥାର ମଧ୍ୟ ଅନେକ ପରୀକ୍ଷା ହୋଇଥାଏ।

ଓଡ଼ିଶାର କୃଷି ବ୍ୟବସ୍ଥା ଏହି ଆହ୍ୱାନର ଏକ ଜ୍ୱଳନ୍ତ ଉଦାହରଣ। ରାଜ୍ୟର ପ୍ରାୟ ଦୁଇ-ତୃତୀୟାଂଶ ଚାଷ ଜମି ଏବେ ମଧ୍ୟ ବର୍ଷା ଉପରେ ନିର୍ଭରଶୀଳ। ୯୦ ପ୍ରତିଶତରୁ ଅଧିକ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର। ସେମାନଙ୍କ ପାଇଁ ସାର ବା ଡିଜେଲ ଦରରେ ସାମାନ୍ୟ ବୃଦ୍ଧି ମଧ୍ୟ ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଓଡ଼ିଶାରେ ଖରିଫ ଋତୁରେ ଧାନ ଚାଷ ପ୍ରଧାନ। 'ଏଲ୍ ନିନୋ' ବର୍ଷରେ ବର୍ଷା ଅନିୟମିତ ହେଲେ ତଳି ପକାଇବା ବା ରୁଆ କାର୍ଯ୍ୟରେ ବିଳମ୍ବ ହୁଏ, ଯାହା ଶେଷରେ ଅମଳ ଓ ଖାଦ୍ୟର ଉପଲବ୍ଧତାକୁ ପ୍ରଭାବିତ କରେ। ଚାଷୀ ମୌସୁମୀ ଆସିବା ପୂର୍ବରୁ ସାର କିଣିବା ଏବଂ କ୍ଷେତ ପ୍ରସ୍ତୁତି ପାଇଁ ନିଷ୍ପତ୍ତି ନେଇଥାଏ। ଯଦି ସେହିସମୟରେ ସାରର ଅଭାବ କିମ୍ବା ଦର ବୃଦ୍ଧି ଦେଖାଦିଏ, ତେବେ ସେ କମ୍ ସାର ବ୍ୟବହାର କରେ କିମ୍ବା କମ୍ ଲାଭଜନକ ଚାଷ କରେ। ଏହି ଛୋଟ ଛୋଟ ନିଷ୍ପତ୍ତିଗୁଡ଼ିକ ଏକତ୍ରିତ ହୋଇ ରାଜ୍ୟର ମୋଟ ଖାଦ୍ୟ ଉତ୍ପାଦନ ଉପରେ ବଡ଼ ପ୍ରଭାବ ପକାଏ।

ତଥାପି, ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଏବଂ ଲୋକଙ୍କୁ ସୁରକ୍ଷା ଦେବାରେ ଥିବା ପ୍ରଶାସନିକ ଦକ୍ଷତା ପ୍ରଶଂସନୀୟ। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ବିଶ୍ୱସ୍ତରରେ ସ୍ୱୀକୃତି ପାଇଛି। ଏହି ଅଭିଜ୍ଞତା ବର୍ତ୍ତମାନର ଜଳବାୟୁ ଓ ବଜାର ସଙ୍କଟ ସମୟରେ ମଧ୍ୟ କାମରେ ଆସିବ। ଅତୀତର ସଙ୍କଟଗୁଡ଼ିକ ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛନ୍ତି। ସମସ୍ୟା ଆସିବା ପରେ ପ୍ରତିକ୍ରିୟା ଦେବା ଅପେକ୍ଷା, ପୂର୍ବରୁ ପ୍ରସ୍ତୁତ ରହିବା ଅଧିକ ଫଳପ୍ରଦ। ତେଣୁ ଚାଷ ସମୟ ପୂର୍ବରୁ ସାର ଏବଂ କୃଷି ଋଣର ଉପଲବ୍ଧତା ନିଶ୍ଚିତ କରିବାକୁ ହେବ। ଚାଷର ଅଗ୍ରଗତି, ସାରର ମହଜୁଦ ଏବଂ ଖାଦ୍ୟ ଦର ଉପରେ 'ରିଅଲ-ଟାଇମ୍' ନଜର ରଖିଲେ ସରକାର ସମସ୍ୟା ଜଟିଳ ହେବା ପୂର୍ବରୁ ପଦକ୍ଷେପ ନେଇପାରିବେ। ଖାଦ୍ୟ ସୁରକ୍ଷା କେବଳ ଶସ୍ୟର ପରିମାଣ ନୁହେଁ, ବରଂ ଗରିବ ପରିବାରକୁ ମିଳୁଥିବା ଖାଦ୍ୟର ଗୁଣବତ୍ତା ଉପରେ ମଧ୍ୟ ନଜର ରଖିବା ଉଚିତ। ଆଗାମୀ ମୌସୁମୀ ପାଇଁ ତିନୋଟି ପ୍ରାଥମିକତା ରହିବା ଉଚିତ୍। ପ୍ରଥମତଃ, ସାର ଯୋଗାଣ ଶୃଙ୍ଖଳାକୁ ସୁବ୍ୟବସ୍ଥିତ କରିବାକୁ ହେବ, ଯେପରି ଚାଷୀ ନିଷ୍ପତ୍ତି ନେବା ପୂର୍ବରୁ ଏହାକୁ ପାଇପାରିବେ। ଦ୍ୱିତୀୟତଃ, ଫସଲର ସ୍ଥିତି ଓ ବଜାର ଦର ଉପରେ ସଜାଗ ରହିବାକୁ ହେବ। ତୃତୀୟତଃ, ଚାଷୀମାନଙ୍କୁ ପାଗର ଅନିଶ୍ଚିତତା ଅନୁଯାୟୀ ବିଭିନ୍ନ କିସମର ବିହନ ଏବଂ ପ୍ରଣାଳୀ ବ୍ୟବହାର କରିବା ପାଇଁ ପରାମର୍ଶ ଦେବାକୁ ହେବ।

ପରିଶେଷରେ, ଖାଦ୍ୟ ସୁରକ୍ଷା କେବଳ କୃଷିର ଏକ ପରିସଂଖ୍ୟାନ ନୁହେଁ; ଏହା ଶାସନ ବ୍ୟବସ୍ଥାର ଏକ ମାପକାଠି। ପରିବେଶବିତ୍ ୱେଣ୍ଡେଲ ବେରୀ କହିଥିଲେ ଯେ, 'ଖାଦ୍ୟ ଗ୍ରହଣ କରିବା ଏକ କୃଷିଭିତ୍ତିକ କାର୍ଯ୍ୟ।' ସେହିପରି ଦାୟିତ୍ୱର ସହ ଶାସନ କରିବା ମଧ୍ୟ ଏକ କୃଷିଭିତ୍ତିକ କାର୍ଯ୍ୟ। କାରଣ ଶକ୍ତି ନୀତି ବା ବାଣିଜ୍ୟ ଚୁକ୍ତିର ନିଷ୍ପତ୍ତି ଶେଷରେ ନିର୍ଦ୍ଧାରଣ କରେ ଯେ ଚାଷୀର କ୍ଷେତରେ କ'ଣ ଫଳିବ ଏବଂ ଜଣେ ସାଧାରଣ ନାଗରିକର ଥାଳିରେ କ'ଣ ପହଞ୍ଚିବ। ଯେତେବେଳେ ବିଦେଶରେ ଯୁଦ୍ଧ ଏବଂ ରାଜ୍ୟରେ ପ୍ରତିକୂଳ ପାଗ ଏକାଠି ଦେଖାଦିଏ, ସେତେବେଳେ ଅମଳକୁ ସୁରକ୍ଷିତ କରିବା ହିଁ ଶାସନର ପ୍ରଥମ ଧର୍ମ ହେବା ଉଚିତ।

(ପୂର୍ବତନ କୁଳପତି, ଓୟୁଏଟି)
ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

## ନିଜ ଛାଇକୁ ନିଜର ଡର

**ଡ ସୀତାକାନ୍ତ ତ୍ରିପାଠୀ**

ପ୍ରାକ୍-ସ୍ୱାଧୀନତା କାଳରେ ଜାତିପ୍ରଥା ସମଗ୍ର ଭାରତବର୍ଷକୁ କବଳିତ କରି ରଖିଥିଲା। ପରିସ୍ଥିତି ଏମିତି ଥିଲା ଯେ ତଥାକଥିତ ନୀଚଜାତିର ଲୋକମାନଙ୍କର ଛାଇ ଯଦି ଉଚ୍ଚଜାତିଙ୍କ ଉପରେ ପଡ଼ିଯାଏ, ତା' ହେଲେ ସେମାନଙ୍କୁ ଗାଧୋଇବାକୁ ପଡୁଥିଲା। ତେଣୁ ସକାଳେ ଓ ଅପରାହ୍ଣରେ ସେମାନେ ଉଚ୍ଚଜାତି ରହୁଥିବା ଗାଁମାନଙ୍କୁ ଡରରେ ଯାଉ ନ ଥିଲେ। କାରଣ ସେତେବେଳେ ସୂର୍ଯ୍ୟକିରଣ ତେରଛା ପଡୁଥିବାରୁ ଛାଇ ଲମ୍ବିଯାଏ। ସେମାନଙ୍କର ନିଜ ଛାଇକୁ ନିଜର ଡର ଥାଏ। କାଳେ ନିଜ ଛାଇ ଉଚ୍ଚଜାତିଙ୍କ ଉପରେ ପଡ଼ିଗଲେ ସେମାନେ ଦଣ୍ଡିତ ହେବେ। ସ୍ୱାଧୀନ ଭାରତରେ ଆଉ ସେମିତି ଉତ୍କଟ ଜାତିପ୍ରଥା ନାହିଁ ସତ, କିନ୍ତୁ 'ନିଜ ଛାଇକୁ ନିଜର ଡର' କଥାଟି ଆମମାନଙ୍କ ମନରୁ ଯାଇନାହିଁ। କାରଣ ଏହା ବିଶ୍ୱାସ-ଅବିଶ୍ୱାସର ଗଣିତ ଉପରେ ନିର୍ଭରଶୀଳ। ଅନେକ ସମୟରେ ଯେତେବେଳେ ଅତ୍ୟନ୍ତ ବିଶ୍ୱସ୍ତ ଲୋକ ପାଖରେ କହିଥିବା କଥା ପ୍ରଘଟ ହୋଇଯାଏ ସେତେବେଳେ ପାଟିରୁ ବାହାରି ପଡ଼େ ଆରେ କାହାକୁ କହିବି! ନିଜ ଛାଇକୁ ତ ନିଜର ବିଶ୍ୱାସ ନାହିଁ। ପିତାମାତା ଅନେକ କଷ୍ଟ କରି ପିଲାମାନଙ୍କୁ ଘଣ୍ଟ ଘୋଡ଼ାଇ ଛୋଟରୁ ବଡ଼ କରିଥା'ନ୍ତି। ଆଉ ସେମାନଙ୍କ ମୁଣ୍ଡକୁ ହାତ ପାଇଗଲା ପରେ ପିଲାମାନେ ବାପା-ମା'ଙ୍କର ବଦଗୁଣ ସମ୍ପର୍କରେ ଆଲୋଚନା କରିବାକୁ ଭୁଲନ୍ତି ନାହିଁ। ଯେଉଁମାନଙ୍କୁ ନିଜ ଜୀବନଠାରୁ ଅଧିକ ସୁରକ୍ଷା ଦେଇ ବାପା ମା'ମାନେ ବଢ଼ାଇ ଥା'ନ୍ତି ସେଇମାନେ ହିଁ ପିତାମାତାଙ୍କର ବଇରୀ ସାଜିଥା'ନ୍ତି।

ରାଜନୀତିର ପଶାପାଳିଲେ ମଧ୍ୟ ତଦ୍ରୂପ ଅବସ୍ଥା। ଯେଉଁ ନେତାମାନଙ୍କର ଛତ୍ରଛାୟାରେ ଛୋଟଛୋଟ ନେତାମାନେ ନିଜର ଅସ୍ତିତ୍ୱ ରଖିବାରେ ସମର୍ଥ ହୋଇଥା'ନ୍ତି ସମୟ, ସୁବିଧା ଓ ସୁଯୋଗ ଆସିଲେ ସେମାନେ ଛାୟା ଦେଇଥିବା ଉକ୍ତ ନେତାଙ୍କୁ ତଳକୁ ଭିଡ଼ିଦେଇ ଲହୁଲୁହାଣ କରିବାକୁ ପଛଘୁଞ୍ଚା ଦେଇ ନ ଥା'ନ୍ତି। ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାପଡ଼େ ରାଜଗାଦି ହାସଲ କରିବା ପାଇଁ ନିଜର ପିତା, ଭାଇ, ବନ୍ଧୁ ଓ କୁଟୁମ୍ବକୁ ରାସ୍ତାରୁ ହଟାଇବା ପାଇଁ ମଧ୍ୟ ପଛଘୁଞ୍ଚା ନଥାଏ। ତେଣୁ ବିଶ୍ୱାସ କରିବେ କାହାକୁ? କିଏ ନିଜର ଆଉ କିଏ ପର ତାହା ବିଚାର କରିବା ବଡ଼ କଷ୍ଟକର କଥା।

ଆଧ୍ୟାତ୍ମିକ କ୍ଷେତ୍ରରେ କାୟା ମେଲେଇଥିବା ବିଭିନ୍ନ ଗୁରୁ, ବାବା ଓ ମାତାମାନେ ମଧ୍ୟ ନିଶ୍ଚିନ୍ତରେ ରହିବା ବଡ଼ କଷ୍ଟକର। କେତେବେଳେ କେଉଁ ଶିଷ୍ୟ ତାଙ୍କର ଗାଦି, ଚଉକି ବା ପଦବୀ ମାଡ଼ି ନେବ ସେହି ଚିନ୍ତା ତାଙ୍କୁ ମାଡ଼ି ବସିଥାଏ। ତେଣୁ ଆଧ୍ୟାତ୍ମିକତା କଥା ତୁଳିକୁ ଯାଉ, କିନ୍ତୁ କେମିତି ନିଜ ପଦବୀ ରହିବ ସେଇଟା ବଡ଼କଥା। ଯେଉଁମାନଙ୍କୁ ମଠ-ମନ୍ଦିର, ବିଭିନ୍ନ ନୀତି-ନିୟମ, ଶ୍ଳୋକ ଉଚ୍ଚାରଣ, ବେଦ, ବେଦାନ୍ତ ଆଦି ବିଷୟରେ ଉକ୍ତ ବାବାମାନେ ସେମାନଙ୍କର ଜ୍ଞାନ ପ୍ରଦାନ କରିଥା'ନ୍ତି ସେହିମାନେ ହିଁ ତାଙ୍କର କଣ୍ଟା ସାଜି ଥା'ନ୍ତି।

ଖରାରୁ ରକ୍ଷା ପାଇବା ପାଇଁ ସମସ୍ତେ ଛାଇ ଚାହିଁଥା'ନ୍ତି। ସେଥିପାଇଁ ଯେଉଁମାନେ ଛାୟା ପ୍ରଦାନ କରିଥା'ନ୍ତି ସେମାନଙ୍କ ପାଖରେ କୃତଜ୍ଞ ରହିବା ପାଇଁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଏହା କ'ଣ ସବୁବେଳେ ସମ୍ଭବ! ଅନ୍ୟପକ୍ଷରେ କାୟା ସାଙ୍ଗରେ ଛାୟା ସବୁବେଳେ ରହିଥାଏ। କେହି କାହାକୁ ଦୂରେଇବା କଷ୍ଟକର, କିନ୍ତୁ ସେହି ଛାଇକୁ ଦୂରରୁ ଦେଖି ଉକ୍ତ ଲୋକଙ୍କୁ ଆକ୍ରମଣ କରିବାର ଦୃଷ୍ଟାନ୍ତ ଅଛି। ତେଣୁ ନିଜ ଛାଇ ନିଜ ପାଇଁ ଶତ୍ରୁ ହେବାର ଅନେକ ଉଦାହରଣ ରହିଛି। ନିଜ ଛାଇକୁ ନିଜେ ଡରିବା ସ୍ୱାଭାବିକ। ତେବେ ଛାଇକୁ ଡରି ସମସ୍ତଙ୍କୁ ଗୋଟିଏ ନିକିତିରେ ମାପି ସନ୍ଦେହୀ ହେବା ମାନବିକତାର ପରିପନ୍ଥୀ। କାୟା ଅଛି ମାନେ ଛାୟା ଅଛି। ତେବେ ଡର କାହିଁକି? ନିଜକୁ ସେଥିପାଇଁ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ନଚେତ୍ ଡରି ମରି ବଞ୍ଚିବାର କି ଲାଭ?



ଗାଁ ମୁଣ୍ଡରେ ବଡ଼ ବରଗଛଟିଏ ଥିଲା। ସକାଳେ ସନ୍ଧ୍ୟାରେ ପକ୍ଷୀମାନଙ୍କ କଳରବରେ ବରଗଛ ତଥା ତା'ର ଆଖପାଖ ଅଞ୍ଚଳ ଫାଟି ପଡୁଥିଲା। ଖରାଦିନେ ଯେତେ ଥକିଥିଲେ ମଧ୍ୟ ବରଗଛ ତଳେ ବସି ପଡ଼ିଲେ ତା'ର ଛାଇ ଓ ପବନରେ ନିଦ ଆସିଥାଏ। ଗଛ ତଳେ ଆଶ୍ରା ନେଇଥିବା ଦଳେ ଲୋକ କଥା ହେଉଥିଲେ ଏଇ ବରଗଛ ଅଛି ବୋଲି ଏହାର ତଳେ ଆଉ କୌଣସି ଗଛ ଉଧେଇ ପାରୁନାହିଁ। ଏଠି ଏତେ ଚଢ଼େଇ ବସା ବାନ୍ଧିଛନ୍ତି ଯେ ନିଶ୍ଚିନ୍ତରେ ଟିକିଏ ବସି ହେଉନାହିଁ। ଇଏ ଆମକୁ ଫୁଲ ଦେଉଛି ନା' ଫଳ ଦେଉଛି ଯେ ଏ ଗଛକୁ ଆମେ ଆମ ଗାଁ ମୁଣ୍ଡରେ ରଖିବା? ବରଂ ଏହି ଗଛ ଅଛି ବୋଲି ଗାଁର ଯେତେ କଳି ଗଣ୍ଡଗୋଳ ଏଇଠୁ ଆରମ୍ଭ ହେଉଛି। ଆଉ ଏଇଠି ଚଉପାଢ଼ୀ ବସି ତା'ର ସମାଧାନ ହେଉଛି। ତେଣୁ ଏଇ ଛାଇ ହିଁ ଅନେକ ଅସୁବିଧାର କାରଣ। ବରଂ ଏହାର ଡାଳଗୁଡ଼ିକୁ କାଟିଦେଇ ଅନ୍ୟ ଫୁଲ-ଫଳଗଛ ଲଗାଇଲେ ଗାଁ ମୁଣ୍ଡ ଫୁଲରେ ସୁଶୋଭିତ ହେବା ସହ ବିଭିନ୍ନ ଫଳ ଖାଇବାକୁ ମିଳି ପାରନ୍ତା। ତା'ଛଡ଼ା ଏହାର ଡାଳରେ ରହିଥିବା ବିଭିନ୍ନ ଅଶରିରୀମାନଙ୍କ ଭୟରୁ ଗ୍ରାମବାସୀମାନଙ୍କୁ ମୁକ୍ତି ମିଳି ପାରନ୍ତା। କହିବା ବାହୁଲ୍ୟ ଲୋକମାନେ ବରଗଛର ଭୂତଳ ଜଳଧାରଣ କ୍ଷମତା ତଥା ବିଭିନ୍ନ ଔଷଧୀୟ ଗୁଣ ବିଷୟରେ ଅବଗତ ନଥିଲେ। ବୃହତ୍ ଅର୍ଥରେ ଦେଖିବାକୁ ଗଲେ ନିଜର ଛାଇ ହିଁ ନିଜ ପାଇଁ କାଳ ପାଲଟିଗଲା।

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ସଲପ

(Fishtail or Toddy Palm Tree- Caryota urens)

**ସୌଭାଗ୍ୟସୁନ୍ଦର**

'ସଲପ' ଭାରତ, ମିଆଁମାର, ଶ୍ରୀଲଙ୍କା, ମାଲେସିଆ ଏବଂ ଅନ୍ୟାନ୍ୟ ଉଷ୍ମମଣ୍ଡଳୀୟ ଏସୀୟ ଦେଶଗୁଡ଼ିକର ଏକ ମୂଳ ଜାତ ଉଦ୍ଭିଦ। ଏହା ଦେଖିବାକୁ ପାମ୍ ଅର୍ଥାତ୍ ଖଜୁରୀ ଓ ତାଳ ଭଳି ଗଛ। ଏହା 'ୱାଇନ୍ ପାମ୍', 'ସାଗୋ ପାମ୍', 'ଚିନି ପାମ୍' କିମ୍ବା 'ଗୁଡ଼ ପାମ୍' ନାମରେ ମଧ୍ୟ ସ୍ଥାନୀୟ ଭାବରେ ଜଣାଶୁଣା। ଏହାର ପତ୍ରଗୁଡ଼ିକ ମାଛଲାଞ୍ଜ ଭଳି। ପତ୍ରର ପତ୍ରକ ଗୁଡାକୁ କାଟି ତା'କାଠିକୁ ଶୁଖାଇବା ପରେ ମାଛ ଧରିବା ଦଣ୍ଡ ଭାବରେ ମଧ୍ୟ ବ୍ୟବହାର କରାଯାଏ। ତେଣୁ ଏହାକୁ 'ଫିସଟେଲ୍ ପାମ୍' ବୋଲି ମଧ୍ୟ କୁହାଯାଏ।

ସଲପ ହେଉଛି ଏକାକୀ ଶାଖା ବିହୀନ ଏକ କାଣ୍ଡ ବିଶିଷ୍ଟ ଗଛ, ଯାହା ଉଚ୍ଚତାରେ ୧୮ ମିଟର ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଗୋଲ, ସ୍ତମ୍ଭାକାର, ମସୃଣ। ପ୍ରତି ଗଣ୍ଠିରେ ପ୍ରମୁଖ ପତ୍ରଝଡ଼ା ଦାଗ ସ୍ପଷ୍ଟ ବାରି ହୁଏ। ପତ୍ରଗୁଡ଼ିକ ଲମ୍ବା, ଡେମ୍ଫଯୁକ୍ତ, ଦ୍ୱିପକ୍ଷଳ, ମାଛ ଲାଞ୍ଜ ଆକୃତିର, ତ୍ରିକୋଣୀୟ ଆକାରର, ଉଜ୍ଜ୍ୱଳରୁ ଗଭୀର ସବୁଜ। ପ୍ରତ୍ୟେକ ପତ୍ର ଗଣ୍ଠି ବା ଅକ୍ଷରେ ଉପରୁ ତଳ ପର୍ଯ୍ୟନ୍ତ ଲମ୍ବା ପୁଷ୍ପଗୁଚ୍ଛ ବାହାରିଥାଏ, ଅନେକ ଫୁଲ ଧାରଣ କରେ ଯାହା ଏକ ଲିଙ୍ଗୀ, ମାଇ ଫୁଲ ମଝିରେ ଥାଏ। ଫୁଲଗୁଡ଼ିକ ଧଳା ବା କ୍ରିମ ବର୍ଣ୍ଣର, ତ୍ରିକାକାର, ବୃତି ମଣ୍ଡଳ ୩ଟି ବୃତି ବହନ କରେ, ଗୋଲାକାର, ପରିସଜ୍ଜା ଇମ୍ବ୍ରିକେଟ, ପାଖୁଡ଼ା ରେଖୀୟ- ଆୟତାକାର, ଫୁଙ୍କେଶର ଅନେକ। ଫଳ ଗୋଲାକାର ଡ୍ରୁପ୍ ବା ଅଷ୍ଠିଳା, ଗୋଟିଏ ବିହନ ସହିତ ଗାଢ଼ ଲାଲ କିମ୍ବା କଳା ରଙ୍ଗର।

ପୁଷ୍ପୋଦଗମ ବା ସ୍ତବକ ଦଣ୍ଡକୁ କାଟି ରସ ସଂଗ୍ରହ କରାଯାଏ। ସେଥିରୁ ତାଡ଼ି ବା ଦେଶୀ ମଦ ପ୍ରସ୍ତୁତ କରାଯାଏ, ଯାହା ଅନ୍ୟ ଖଜୁରୀ ଓ ତାଳଜାତୀୟ ତାଡ଼ି ତୁଳନାରେ କିଛିଟା ଅଧିକ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ପଶ୍ଚିମଭାରତର ଅନେକ ସ୍ଥାନରେ ଏହି ତାଡ଼ିକୁ 'ମାଡ଼ି' ନାମକ ଏକ ପାରମ୍ପରିକ ଆଲକୋହଲ ତିଆରି କରିବା ପାଇଁ କିଣ୍ୱନ ଓ ପାଚନ ପ୍ରଣାଳୀ ଅବଲମ୍ବନ କରାଯାଏ। ଗଣ୍ଠିରେ ଅଧିକ ପରିମାଣର ଷ୍ଟାର୍ଚ ବା ଶ୍ୱେତସାର ଓ ସର୍କରା ଥାଏ, ଯେଉଁଥିରୁ ସାଗୁଦାନା ପ୍ରସ୍ତୁତ ହୁଏ। ଶ୍ରୀଲଙ୍କାରେ ସଲପ ରସକୁ ସିଝାଇ କିଥୁଲ୍ଲ ପ୍ରସ୍ତୁତ କରାଯାଏ, ଯାହା ଏକ ତରଳ ମିଠା ଗୁଡ଼ ଭାବରେ ବ୍ୟବହାର କରାଯାଏ। ଏହାର ପରିପକ୍ୱ ଗଛର ଭିତର ଅଂଶ ବା କୋଷକୁ କାଟି ସୂର୍ଯ୍ୟକିରଣରେ ଶୁଖାଇ ଏକ ଖାଦ୍ୟଯୋଗ୍ୟ ପାଉଡର ପ୍ରସ୍ତୁତ ହୁଏ, ଯାହା ଅନେକ ପୁଷ୍ଟିକର। ଶ୍ରୀଲଙ୍କାରେ ପାଉଡରକୁ ନଡ଼ିଆ କ୍ଷୀର ସହିତ ମିଶ୍ରିତ କରାଯାଇ 'କିଥୁଲ୍ ଥାଲାପା' ତିଆରି କରିବା ପାଇଁ ରନ୍ଧା ଯାଏ। ଫଳର କଠିନ କେଶକୁ କାଟି ଏହାର ସୁସ୍ୱାଦୁ ଏବଂ ମିଠା ଅଂଶକୁ ଖିଆଯାଏ। କାମ୍ବୋଡ଼ିଆନମାନେ ଏହାର ଗଣ୍ଠି ଓ ଡାଳ କାଟି ରସ ସଂଗ୍ରହ କରି ମଦ ତିଆରି କରନ୍ତି। ହାତୀମାନଙ୍କୁ ଏହି ଗଛର କୋମଳ ପତ୍ର ଖାଇବାକୁ ଦିଆଯାଏ। ପତ୍ରଗୁଡ଼ିକରେ ଦୃଢ଼ ତନ୍ତୁ କାମ୍ବୋଡ଼ିଆରେ ଟୋକେଇ ପାଇଁ ବ୍ୟବହୃତ ହୁଏ।

ସଲପ ବିଭିନ୍ନ ଔଷଧୀୟ ଲାଭ ପ୍ରଦାନ କରେ, ଯେଉଁଥିରେ ରକ୍ତ ବିଶୋଧନ, ପ୍ରଜ୍ୱଳନ ପ୍ରତିରୋଧ, ଆଣ୍ଟିଫଙ୍ଗାଲ୍ ବା ଫଙ୍ଗସ ପ୍ରତିରୋଧ, ବ୍ୟାକ୍ଟେରିଆ ପ୍ରତିରୋଧ, ବହୁମୂତ୍ର ରୋଧୀ, କର୍କଟ ରୋଧୀ, ଉତ୍ତେଜକ, କାମବାସନା ବୃଦ୍ଧି କ୍ଷମତା ଇତ୍ୟାଦି ଅନ୍ତର୍ଭୁକ୍ତ। ସଲପରେ ଗଚ୍ଛିତ ଥିବା ଫାଇଟୋକେମିକାଲ୍ସ ବା ଜୈବ ରାସାୟନିକ ଉପାଦାନ ହେଉଛି ଫ୍ଲାଭୋନଏଡ୍ସ, ପଲିଫେନୋଲ୍ସ, ଗ୍ଲାଇକୋସାଇଡ୍ସ, ଆଲକାଲଏଡ୍ସ, ଅତ୍ୟାବଶ୍ୟକ ତେଲ, ଟାନିନ୍ସ, ସାପୋନିନ୍ସ, ଅକ୍ସାଲିକ୍ ଏସିଡ୍ ଏବଂ ଟେର୍ପେନୋଏଡ୍ସ, ଆମିନୋ ଏସିଡ୍ସ, ଫ୍ୟାଟି ଏସିଡ୍ସ, ଫାଇଟୋଷ୍ଟେରୋଲ୍ସ ଶ୍ୱେତସାର ଓ ଶର୍କରା ଇତ୍ୟାଦି।

ସଲପକୁ ଏକ ଶୋଭାବର୍ଦ୍ଧନ ଗଛ ଭାବରେ ରୋପଣ କରାଯାଏ। ପ୍ରାଥମିକ ଅବସ୍ଥାରେ ଛୋଟ ଥିବା ବେଳେ ଏହାକୁ ଆଭ୍ୟନ୍ତରୀଣ କୋଠରି କିମ୍ବା ଘର ବଗିଚାରେ ମଧ୍ୟ ସଜାଇ ରଖାଯାଇପାରିବ। ୧୧ ଡିସେମ୍ବର ୨୦୨୫ରେ, ଶ୍ରୀଲଙ୍କାର କିଥୁଲ୍ (ସଲପ) ଟ୍ୟାପିଂ ଶିଳ୍ପକୁ ଆନୁଷ୍ଠାନିକ ଭାବରେ ୟୁନେସ୍କୋର ମାନବତାର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ଲିପିବଦ୍ଧ କରାଯାଇଥିଲା। ସଲପ 'ମୋନୋକାର୍ପିକ୍', ଅର୍ଥାତ୍ ପ୍ରାୟ ୧୫ ରୁ ୩୦ ବର୍ଷ ପାଇଁ ବଞ୍ଚେ। ଜୀବନକାଳରେ କେବଳ ଥରେ ମାତ୍ର ଫୁଲ ଧରେ। ଓଡ଼ିଶାର ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ପାହାଡ଼ରେ ଏକ ପ୍ରମୁଖ ଉଦ୍ଭିଦ।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ଘଟଣା

# କେମିତି ମାରିଥିଲେ, ଦେଖାଇଲେ

ବ୍ରହ୍ମପୁର, ୨୬।୪ (ସମିସ): ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ପରେ କିଭଳି ହତ୍ୟା କରାଯାଇଥିଲା, ତାହାର ଡେମୋ ଦେଖାଇଛନ୍ତି ୫ ଅଭିଯୁକ୍ତ। ଗିରଫ ମୋଟ ୯ ଜଣଙ୍କ ମଧ୍ୟରୁ ଗୋପାଳପୁର ଥାନା ପୁଲିସ ୫ଜଣଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଆଜି ୫ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସ୍ପଟକୁ ନେଇଥିଲା।

ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ସୁଧୀରଙ୍କ ଝିଆରୀ ନିବେଦିତାଙ୍କ ପୁରୁଷ ବନ୍ଧୁ କାଲୁ ଚରଣ ପ୍ରଧାନକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବଣଗାଁ ନିକଟସ୍ଥ ଭଲିବଲ କୋର୍ଟକୁ ଅଣାଯାଇଥିଲା। ଅପହରଣ ପୂର୍ବରୁ ସେଠାରେ କିଭଳି ସୁଧୀରଙ୍କ ଗତିବିଧି ଉପରେ ନଜର ରଖି ରେକି କରାଯାଇଥିଲା ସେ ନେଇ କାଲୁ କହିଥିଲା। ପରେ ପୁଣି ପୃଥକ ଭାବେ ଅନ୍ୟତମ ଅଭିଯୁକ୍ତ ତଥା ଉତ୍ତରପ୍ରଦେଶର ସାର୍ପ ସୁଟର ସୂର୍ଯ୍ୟ ପ୍ରତାପ ସିଂଙ୍କୁ ମଧ୍ୟ ଅପହରଣ ସ୍ଥଳକୁ ନେଇଥିଲା ପୁଲିସ। ସେଠାରେ କାଲୁ ସୁଧୀରଙ୍କ ସମ୍ପର୍କରେ ରେକି କରି ସୂର୍ଯ୍ୟଙ୍କୁ ଖବର ଦେବା ପରେ ସୂର୍ଯ୍ୟ ଓ ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ଜିତୁନ ପଳେଇ କିଭଳି ବୋଲେରୋ ଗାଡ଼ିରେ ସୁଧୀରଙ୍କୁ ଅପହରଣ କରିଥିଲେ ସେ ସମ୍ପର୍କିତ ଡେମୋ ଦେଖାଇଥିଲା ସୂର୍ଯ୍ୟ। ପରେ ୫ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବୁଗୁଡ଼ା ରାମପାଦ ଜଙ୍ଗଲକୁ ନେଇ ସେଠାରେ କିପରି ନିର୍ଯାତନା ସହ ଫାଙ୍କା ଗୁଳିଚାଳନା କରିଥିଲେ ସେସବୁର ସୂଚନା ଦେଇଥିଲେ ଅଭିଯୁକ୍ତ। ପରିଶେଷରେ ସୋରଡ଼ାରୁ ୨୦କିଲୋମିଟର ଦୂରରେ ଥିବା ଜଙ୍ଗଲରେ ମୃତଦେହକୁ କିଭଳି କାରରେ ନେଇ ଫିଙ୍ଗି ଫେରାର ହୋଇଥିଲେ ସେନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ୫ ଅଭିଯୁକ୍ତ।



ସୁଧୀରଙ୍କ ହତ୍ୟା ଘଟଣାର କ୍ରାଇମ ସିନ୍ ରିକ୍ରିଏସନ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିଲା ଲୋକଙ୍କ ପ୍ରବଳ ଭିଡ଼। ଅଭିଯୁକ୍ତଙ୍କୁ କଠୋରରୁ ଅତି କଠୋର ଦଣ୍ଡବିଧାନ କରି ସୁଧୀରଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ହୋଇଛି ସବୁ ମହଲରେ ଦାବି। ସୁଧୀର କେବଳ ଜଣେ ଭଲ ବ୍ୟବସାୟୀ ନଥିଲେ ବରଂ ଜଣେ ଭଲ ଭଲିବଲ ଖେଳାଳି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ ମଧ୍ୟ ଉତ୍ତମ ଖେଳ ପ୍ରଦର୍ଶନ କରି ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଥିଲେ। ଭଲିବଲ ଖେଳରେ ସମଗ୍ର ଗଞ୍ଜାମରେ ରହିଛି ତାଙ୍କର ସ୍ୱତନ୍ତ୍ର ପରିଚୟ। ତାଙ୍କ ହତ୍ୟାକାରୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ନୁହେଁ ବରଂ ଆଣ୍ଠେଇ ଆଣ୍ଠେଇ ଥାନାରୁ ଅପହରଣ ସ୍ଥଳକୁ ଆଣି ପୁଲିସ କ୍ରାଇମ ସିନ୍ ରିକ୍ରିଏସନ କରିବା କଥା ବୋଲି କହିଛନ୍ତି ସୁଧୀରଙ୍କ ଆତ୍ମୀୟ ଓ ପରିଜନ। ଅଭିଯୁକ୍ତଙ୍କୁ ୩ଦିନିଆ ରିମାଣ୍ଡ ଆଣିଥିବା ବେଳେ ଗୋଟିଏ ଦିନରେ ୫ଘଣ୍ଟାରୁ ଅଧିକ ସମୟ ଜେରା ଓ କ୍ରାଇମ ସିନ୍ ରିକ୍ରିଏସନରେ ବିତିଯାଇଛି। ଆସନ୍ତା କାଲି ଅଭିଯୁକ୍ତଙ୍କୁ ଜେରା ପରେ ରିମାଣ୍ଡ ଅବଧି ଶେଷ ସହିତ ପୁଣି କୋର୍ଟରେ ହାଜର କରି ଜେଲ ହଜାତକୁ ପଠାଇବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଖୁବଶୀଘ୍ର ଅଭିଯୁକ୍ତ ତୁଷାର, ନିବେଦିତା ଓ ଶୁଭମଙ୍କ ସମେତ ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନେବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି।

## ଅମାନିଆ ଇସ୍କନ

# ପୁଣି ଆମେରିକା, ଅଷ୍ଟ୍ରେଲିଆରେ ଗଡ଼ାଇଲା ରଥ

ପୁରୀ, ୨୬।୪ (ସମିସ): ଅମାନିଆ ଇସ୍କନ। ଅଦିନିଆ ରଥଯାତ୍ରାକୁ ନେଇ ଯେତେ ଯାହା କହିଲେ ବି କିଛି ଶୁଣିବାକୁ ନାରାଜ। ଶାସ୍ତ୍ରୀୟ ମତ ଏପରିକି ଆଇନଗତ ଧମକ ଦେଲେ ବି ମାନୁନାହିଁ। ଅମାନିଆ ଇସ୍କନ୍ କରୁଛି ମନମାନି। ବାରମ୍ବାର ଚେତାବନୀ ଓ ବାରଣ ସତ୍ତ୍ୱେ ପୁଣି ଅଦିନିଆ ରଥଯାତ୍ରାର ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଶନିବାର ଆମେରିକା ଓ ଅଷ୍ଟ୍ରେଲିଆରେ ଅତିଥିରେ ରଥ ଗଡ଼ାଇଛି ଇସ୍କନ। ନିକଟରେ ଆମେରିକାର ଟେକ୍ସାସ୍ ସହରସ୍ଥିତ ଡଲାସରେ 'ଫେଷ୍ଟିଭାଲ୍ ଅଫ୍ ଜୟ' ଏବଂ ଅଷ୍ଟ୍ରେଲିଆର ବ୍ରିସବେନରେ 'ଫେଷ୍ଟିଭାଲ୍ ଅଫ୍ ଚାରିୟଟ୍' ନାଁରେ ରଥଯାତ୍ରା କରିଥିଲା। ଏବେ ପୁଣି ହୋଷ୍ଟନ୍ ସହରରେ ଅଦିନିଆ ରଥଯାତ୍ରା କରିଛି।

ଗଜପତି ଦିବ୍ୟସିଂହ ଦେବ ବାରମ୍ବାର ଏ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଗତ ଏପ୍ରିଲ ୧୧ ତାରିଖରେ ଗଜପତି ଦିବ୍ୟସିଂହ ଦେବ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ, ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛନ୍ତି। ଗତବର୍ଷ ମଧ୍ୟ ଇସ୍କନ୍ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା କରାଯାଇଛି। ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଗଜପତି ଦିବ୍ୟସିଂହଦେବ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ଏହା ସତ୍ତ୍ୱେ ଇସ୍କନ୍ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଓ ଗଜପତି ମହାରାଜାଙ୍କୁ ଭ୍ରୂକ୍ଷେପ ନକରି ଅଦିନିଆ ରଥଯାତ୍ରା କରିଛି। କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ଏଭଳି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ସେବାୟତ ଦାବି କରିଛନ୍ତି। ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ନେଇ ଭକ୍ତ, ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଇସ୍କନର ଏପରି ମନମାନିକୁ ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ଛତିଶା ନିଯୋଗ ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିକଟରେ ଐକ୍ୟମଣ୍ଡଳୀ ବୈଠକରେ ମଧ୍ୟ ଗଜପତି ମହାରାଜା ଏନେଇ ଇସ୍କନ୍ ଉପରେ ବର୍ଷିଥିଲେ। ଆଗାମୀ ଦିନରେ ଇସ୍କନ୍‌ର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ପ୍ରକ୍ରିୟା ଜାରି ରହିବା ସହ ଶେଷରେ ଆଇନର ଆଶ୍ରୟ ନିଆଯିବ କହିଥିଲେ ଗଜପତି ମହାରାଜା ଦିବ୍ୟସିଂହଦେବ।

ସୂଚନାଥାଉ କି, ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଓହ୍ଲାଇ ଆସନ୍ତି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ଭାଇ, ଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଯାଆନ୍ତି ଶ୍ରୀଗୁଣ୍ଡିଚା ମନ୍ଦିର।

# ଅଣଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛଟେଇ

- ଫାଟକ ତାଲା ଖୋଲୁଛନ୍ତି କଲେଜ ଅଧ୍ୟକ୍ଷ
- ସାରା ରାଜ୍ୟରେ ଡିଗ୍ରୀ କଲେଜରେ ଅଚଳାବସ୍ଥା

ବ୍ରହ୍ମପୁର/ଭୁବନେଶ୍ୱର, ୨୬।୪(ସମିସ): ରାଜ୍ୟରେ ସମସ୍ତ ସରକାରୀ ସ୍ନାତକ ମହାବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଠିକା ବା ଆଉଟସୋର୍ସିଂ ମାଧ୍ୟମରେ ଅଣଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ନ ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୧୩ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି ହେବା ପରେ ବହୁ ସଂଖ୍ୟାରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ସେମାନଙ୍କ ଚୁକ୍ତିକୁ ନବୀକରଣ କରାଯାଉ ନଥିବାରୁ ଉଚ୍ଚଶିକ୍ଷାନୁଷ୍ଠାନରେ ମାନବ ସମ୍ବଳ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଭାବରୁ ଖୋଦ୍ ଅଧ୍ୟକ୍ଷମାନେ ତାଲା ଖୋଲୁଥିବା ମଧ୍ୟ ଅଭିଯୋଗ ହୋଇଛି।

ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଉଚ୍ଚଶିକ୍ଷା ବିଭାଗର ବିନା ଅନୁମତିରେ ଠିକା ବା ଆଉଟସୋର୍ସିଂ ମାଧ୍ୟମରେ କୌଣସି ଅଣଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିବ ନାହିଁ। ଅନେକ ସମୟରେ ଏପରି ନିଯୁକ୍ତିକୁ ନେଇ ହାଇକୋର୍ଟରେ ମାମଲା ହେଉଥିବାରୁ ଆଇନଗତ ମାମଲାରେ ସରକାର ଛନ୍ଦି ହେଉଛନ୍ତି। ଏପରିକି ବିଭାଗ ଆର୍ଥିକ ବୋଝ ମଧ୍ୟ ବୋହୁଛି। ଏଣୁ ଏହାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେବା ସହ ଅମାନ୍ୟ କଲେ କ୍ଷତି ହେଉଥିବା ଅର୍ଥ ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କ ଠାରୁ ଭରଣା କରାଯିବ ବୋଲି କୁହାଯାଇଛି। ଏହାପରେ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ଛଟେଇ ପର୍ବ ଆରମ୍ଭ ହୋଇଛି। ପ୍ରତିବର୍ଷ ସେମାନଙ୍କ ନବୀକରଣ ନିୟମ ରହିଥିଲେ ମଧ୍ୟ ବିଭାଗର ନିର୍ଦ୍ଦେଶ ପରେ ସେମାନଙ୍କ କାର୍ଯ୍ୟ ଅବଧିକୁ ଆଉ ବୃଦ୍ଧି କରାଯାଉ ନାହିଁ। ରାଜ୍ୟର ସମସ୍ତ ୬୬ଟି ସରକାରୀ କଲେଜରେ ଗତ ଦୁଇବର୍ଷ ଧରି ନିୟୋଜିତ ଥିବା ଆଉଟସୋର୍ସିଂ ଅଣଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉଛି।

ରାଜ୍ୟରେ ଶହଶହ ଅଣଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ଖାଲି ପଡ଼ିଥିବାବେଳେ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇ କାର୍ଯ୍ୟ କରାଯାଉଥିଲା। ଏଥିପାଇଁ ୨୦୨୪ ଜୁଲାଇ ୩୦ ରେ ଆବଶ୍ୟକତା ଅନୁଯାୟୀ ଅଣଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଆଯାଇଥିଲା। ଏବେ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟାନ୍ତର କରିବା ପରେ ପରିସ୍ଥିତି ଅଧିକ ସଙ୍ଗିନ ହୋଇଛି। କର୍ମଚାରୀ ଅଭାବରୁ କେଉଁଠି ଅଧ୍ୟକ୍ଷଙ୍କୁ କଲେଜର ତାଲା ଖୋଲିବାକୁ ପଡୁଛି ତ ଆଉ କେଉଁଠି ଅଣଶିକ୍ଷକ କର୍ମଚାରୀଙ୍କୁ ଝାଡୁ କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ଗଞ୍ଜାମର ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ବ୍ରହ୍ମପୁରର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଆସିକା ମହିଳା ମହାବିଦ୍ୟାଳୟ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ରାଜ୍ୟର ସମସ୍ତ ୬୬ଟି ସରକାରୀ ସ୍ନାତକ ଶିକ୍ଷାନୁଷ୍ଠାନରେ ଏପରି ସ୍ଥିତି ଉପୁଜୁଛି। ଖରାଛୁଟି ପରେ ଏହା ଅଧିକ ସାଂଘାତିକ ରୂପ ଧାରଣ କରିବ ବୋଲି ଆଶଙ୍କା କରାଯାଉଥିବାବେଳେ ସରକାର ଏହାର ସମୀକ୍ଷା କରି ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅନ୍ତେବାସୀ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର

# ପ୍ରଧାନ ଶିକ୍ଷକ ଗିରଫ

ତେନ୍ତୁଳିଖୁଣ୍ଟି, ୨୬।୪ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚଳର ଏକ ସେବାଶ୍ରମ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ଅଭିଯୋଗରେ ତେନ୍ତୁଳିଖୁଣ୍ଟି ପୁଲିସ ଆଜି ଅଭିଯୁକ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଷଡ଼ଙ୍ଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ପ୍ରଧାନ ଶିକ୍ଷକ ଶ୍ରୀ ଷଡ଼ଙ୍ଗୀଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଥିଲେ। ସୂଚନାନୁଯାୟୀ, ଗତ ୧୫ ତାରିଖରେ ପ୍ରଧାନ ଶିକ୍ଷକ ଶ୍ରୀ ଷଡ଼ଙ୍ଗୀ ଜଣେ ଛାତ୍ରୀଙ୍କ ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ଅଭିଯୋଗ କରିବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରିଥିଲେ। ଘଟଣାର ୧୦ଦିନ ପରେ ଉକ୍ତ ଛାତ୍ରୀ ଏବଂ ତାଙ୍କ ପରିବାର ବିଜେଡି ନେତା ପ୍ରଦୀପ ମାଝୀଙ୍କୁ ଏ ସଂପର୍କରେ ଅବଗତ କରାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତେନ୍ତୁଳିଖୁଣ୍ଟି ଥାନାରେ ନମ୍ବର ୮୧/୨୬ରେ ଏକ ମାମଲା ରୁଜୁ ହୋଇଥିଲା।

## ଏମ୍‌କେସିଜିରେ ଆରମ୍ଭ ହେଲା ୧୦ଶଯ୍ୟା ବିଶିଷ୍ଟ ଏମ୍‌ଏନ୍‌ସିୟୁ

# ଏକାଠି ଚିକିତ୍ସିତ ହେବେ ମା' ଓ ନବଜାତକ

ବ୍ରହ୍ମପୁର,୨୬।୪(ସମିସ): ଏମ୍‌କେସିଜି ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଏମଏନସିୟୁ(ମାତୃ ଓ ନବଜାତ ଶିଶୁ କେୟାର ୟୁନିଟ) ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର

### ଭିତ୍ତିଭୂମି ଯୋଗାଇଲା ଏନ୍‌ଏଚ୍‌ଏମ୍ ଓ ୟୁନିସେଫ

ଯୋଗଦେଇ ଏମଏନସିୟୁ ସେବାର ଶୁଭାରମ୍ଭ କରିଥିବା ବେଳେ ଏଣିକି ଉଭୟ ମା' ଓ ଶିଶୁ ଏକାଠି ଚିକିତ୍ସା ସେବା ପାଇପାରିବେ। ରାଜ୍ୟରେ ଅନ୍ୟ କୌଣସି ସରକାରୀ ହସ୍ପିଟାଲରେ ମାତୃ ଓ ନବଜାତ ଶିଶୁଙ୍କ କେୟାର ୟୁନିଟ୍ ନ ଥିବା ବେଳେ ଏମ୍‌କେସିଜି ମେଡ଼ିକାଲରେ ଏହି ସେବା ପ୍ରଥମ କରି ଆରମ୍ଭ ହୋଇଛି। ଏଥିନିମନ୍ତେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଏନଏଚଏମ ବା ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ୟୁନିସେଫ ପକ୍ଷରୁ ପ୍ରଦାନ କରାଯାଇଛି।



ଗୁରୁତର ଶିଶୁଙ୍କ ନିମନ୍ତେ ଫଟୋ ଥେରାପି ୟୁନିଟ୍ ସହ ମା'ଙ୍କ ପାଇଁ ଉନ୍ନତମାନର କିଚେନର ବ୍ୟବସ୍ଥା କରାଯାଇଛି। ଏଭଳି ଭାବେ ନୂତନ ମାତୃ ଓ ନବଜାତ ଶିଶୁ କେୟାର ୟୁନିଟରେ ଆବଶ୍ୟକ ସମସ୍ତ ଉପକରଣ ଉପଲବ୍ଧ ହୋଇଛି। ସେହିପରି ଉଭୟ ମା' ଓ ଶିଶୁଙ୍କ ଚିକିତ୍ସା ପାଇଁ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଓ ଶିଶୁରୋଗ ବିଭାଗର ଡାକ୍ତରଙ୍କୁ ଏଠାରେ ନିୟୋଜିତ କରାଯିବ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ଦ୍ୱାରା ଉଭୟ ମା' ଓ ଶିଶୁ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଚିକିତ୍ସିତ ହୋଇପାରିବେ। ଫଳରେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

ପୂର୍ବରୁ ମେଡିକାଲରେ ନବଜାତଙ୍କ ଚିକିତ୍ସା ନିମନ୍ତେ ଏସଏନସିୟୁ (ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍) ରହିଥିବା ବେଳେ ଏଠାର ଗୁରୁତର ନବଜାତ ଶିଶୁଙ୍କ ଚିକିତ୍ସା କରାଯାଏ। କିନ୍ତୁ ଏହି ସମୟରେ ଉକ୍ତ ଶିଶୁଙ୍କ ମା'ମାନଙ୍କ ରହିବା ଏବଂ ଚିକିତ୍ସା ନିମନ୍ତେ କୌଣସି ବ୍ୟବସ୍ଥା ନଥିଲା। ଏଭଳି କ୍ଷେତ୍ରରେ ଉଭୟ ମା' ଓ ଶିଶୁଙ୍କୁ ପୃଥକ ପୃଥକ ବିଭାଗରେ ରଖି ଚିକିତ୍ସା କରାଯାଉଥିଲା। ଫଳରେ ଚିକିତ୍ସିତ ମା' ଆବଶ୍ୟକ ସ୍ଥଳେ ଶିଶୁଙ୍କୁ ସାକ୍ଷାତ କରିବା ସହ ସ୍ତନ୍ୟପାନ କରିବାରେ ସମସ୍ୟା ହେଉଥିଲା। ସେହିପରି ଏମଏନସିୟୁରୁ ଏକାକୀ ନବଜାତଙ୍କ ଚିକିତ୍ସା ହେଉଥିବା ବେଳେ ଶିଶୁଙ୍କ ଚିକିତ୍ସାରେ ଅବହେଳା ହେଉଥିବା ନେଇ ମଧ୍ୟ ବିଭିନ୍ନ ସମୟରେ ଅଭିଭାବକ ଅଭିଯୋଗ କରୁଥିବା ନଜିର ରହିଛି। ଏଭଳି ପରିସ୍ଥିତିରେ ଉଭୟ ମା' ଓ ଶିଶୁଙ୍କୁ ଏକାଠି ଚିକିତ୍ସା କରିବା ଜରୁରୀ ରହିଥିଲା। ଯାହାକୁ ଦୃଷ୍ଟିରେ ରଖି ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଓ ୟୁନିସେଫର ମିଳିତ ସହଯୋଗରେ ଏମକେସିଜି ମେଡିକାଲରେ ୧୦ଶଯ୍ୟା ବିଶିଷ୍ଟ ନୂତନ ଏମଏନସିୟୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୟୁନିସେଫ ଟିମ ମେଡିକାଲ ଅଧିକ୍ଷକଙ୍କ ସହ ଆଲୋଚନା କରିବା ସହ ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ କୋଠାରେ ହେବାକୁ ଥିବା ୟୁନିଟ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସଂଘମିତ୍ରା ମହାପାତ୍ର, ଆନାଟୋମି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ଜେ. ସାଗର ପୃଷ୍ଟିଙ୍କ ସମେତ ବିଭାଗର ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଳ୍ପକେ ବର୍ତ୍ତିଗଲେ...

କରାଯାଇଛି। ଏହି ଘଟଣାରେ ଜଣେ ସୁରକ୍ଷା ଅଧିକାରୀ ଗୁଳିବିଦ୍ଧ ହୋଇଥିଲେ ମଧ୍ୟ ସେ ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ସୁରକ୍ଷିତ ଅଛନ୍ତି। ପରେ ହ୍ୱାଇଟ୍ ହାଉସରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀକୁ ଟ୍ରମ୍ପ ସମ୍ବୋଧିତ କରିଥିଲେ। ସେ ପ୍ରଥମେ ଗୁଳି ଶବ୍ଦକୁ କୌଣସି ଟ୍ରେ ପଡ଼ିଯିବାର ଶବ୍ଦ ବୋଲି ଭାବିଥିଲେ ବୋଲି କହିଥିଲେ। ସେ ନିଜ କାର୍ଯ୍ୟକୁ ବିପଜ୍ଜନକ ବୋଲି ସ୍ୱୀକାର କରିବା ସହ ଆମେରିକାବାସୀଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ନିଜର ମତଭେଦ ସମାଧାନ କରିବାକୁ ନିବେଦନ କରିଛନ୍ତି। ଏହି ଡିନରଟି ଆସନ୍ତା ୩୦ ଦିନ ମଧ୍ୟରେ ପୁନର୍ବାର ଆୟୋଜିତ ହେବ ବୋଲି ସେ ଘୋଷଣା କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଏବଂ ତାଙ୍କ ପରିବାର ସୁରକ୍ଷିତ ଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହାକୁ କଡ଼ା ଭାଷାରେ ନିନ୍ଦା କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେନ୍‌ବମ୍ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଟ୍ରମ୍ପଙ୍କ ଉପରେ ଏହା ତୃତୀୟ ଆକ୍ରମଣ ଉଦ୍ୟମ। ପୂର୍ବରୁ ପେନସିଲଭାନିଆ ଏବଂ ଫ୍ଲୋରିଡାରେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା।

## ଆକ୍ରମଣକାରୀଙ୍କୁ 'ଲୋନ୍ ୱୁଲ୍ଫ'...

ଆକ୍ରମଣକାରୀ ଜଣକ ଏକାଧିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସୁରକ୍ଷା ଯାଞ୍ଚ କେନ୍ଦ୍ର ଉପରକୁ ଆକ୍ରମଣ କରିଥିଲେ। ଆକ୍ରମଣକାରୀ ଜଣେ ସିକ୍ରେଟ ସର୍ଭିସ୍ ଏଜେଣ୍ଟଙ୍କ ଉପରକୁ ଅତି ନିକଟରୁ ଗୁଳି ଚଳାଇଥିଲେ। ସୌଭାଗ୍ୟବଶତଃ, ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ଏଜେଣ୍ଟ ଜଣକ ରକ୍ଷା ପାଇଯାଇଛନ୍ତି ଏବଂ ତାଙ୍କ ଅବସ୍ଥା ଏବେ ସୁସ୍ଥ ରହିଛି। ଆକ୍ରମଣ ପରେ ବଲ୍ ରୁମ୍ ଭିତରେ ଉପସ୍ଥିତ ୨,୬୦୦ ଅତିଥିଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ଲୋକମାନେ ଟେବୁଲ୍ ତଳେ ଆଶ୍ରୟ ନେଉଥିବା ଦେଖାଯାଇଥିଲା।

ପୋଲିସ ଆକ୍ରମଣକାରୀଙ୍କୁ କାଲିଫର୍ଣ୍ଣିଆର ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ୍ ଭାବେ ଚିହ୍ନଟ କରିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ସେ ଜଣେ ଶିକ୍ଷକ ହୋଇଥାଇପାରନ୍ତି ଏବଂ ସେହି ହୋଟେଲର ଜଣେ ଅତିଥି ଭାବେ ରହିଥିଲେ। ୱାସିଂଟନ୍ ପୋଲିସ ତାଙ୍କ ନିକଟରୁ ଏକ ସଟଗନ୍, ଏକ ହ୍ୟାଣ୍ଡଗନ୍ ଏବଂ ଏକାଧିକ ଛୁରୀ ଜବତ କରିଛି। ଘଟଣା ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ ଆକ୍ରମଣକାରୀଙ୍କୁ ଜଣେ "ଲୋନ୍ ୱୁଲ୍ଫ" (ଏକାକୀ ଆକ୍ରମଣକାରୀ) ଏବଂ ଜଣେ ଅସୁସ୍ଥ ବ୍ୟକ୍ତି ବୋଲି ବର୍ଣ୍ଣନା କରିଛନ୍ତି। ସେ ନିଜେ ଏହି ଆକ୍ରମଣର ଲକ୍ଷ୍ୟ ଥିଲେ ଅନୁମାନ କରୁଥିବା କହିଛନ୍ତି। ଏଥିସହ ସେ ହୋଟେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ତଦନ୍ତ ଏବେ ଏଫବିଆଇର ଆତଙ୍କବାଦ ନିରୋଧୀ ୟୁନିଟ୍ ଦ୍ୱାରା କରାଯାଉଛି। ୨୦୨୪ରେ ଟ୍ରମ୍ପଙ୍କ ଉପରକୁ ହୋଇଥିବା ଦୁଇଟି ହତ୍ୟା ଉଦ୍ୟମ ପରେ ଏହି ଘଟଣା ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ସୂଚନାଯୋଗ୍ୟ ଯେ, ଏହି ୱାସିଂଟନ୍ ହିଲଟନ୍ ହୋଟେଲରେ ୧୯୮୧ରେ ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କୁ ମଧ୍ୟ ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା।

## ଦିଲ୍ଲୀରେ ସ୍ୱିସ୍ ବିମାନରେ...

ନିଷ୍ପତ୍ତି ନେଇଥିଲେ। ବିମାନରେ ୪ ଜଣ ଶିଶୁଙ୍କୁ ମିଶାଇ ମୋଟ ୨୨୮ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଜରୁରୀକାଳୀନ ସ୍ଲାଇଡ୍ ଏବଂ କିଛି କ୍ଷେତ୍ରରେ ସିଡ଼ି ସାହାଯ୍ୟରେ ସମସ୍ତଙ୍କୁ ବିମାନରୁ ବାହାର କରାଯାଇଥିଲା। ଏହି ଉଦ୍ଧାର ପ୍ରକ୍ରିୟା ସମୟରେ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ବିମାନର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଦୁର୍ଘଟଣା ଯୋଗୁଁ ସମ୍ପୃକ୍ତ ରନୱେକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା। ଏହି ଘଟଣା ପରେ ସ୍ୱିସ୍ ଏୟାରଲାଇନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି। କମ୍ପାନୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଯାତ୍ରୀଙ୍କ ସୁରକ୍ଷା ସେମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଭାବିତ ଯାତ୍ରୀମାନଙ୍କ ପାଇଁ ହୋଟେଲ ରହଣି ଏବଂ ବିକଳ୍ପ ବିମାନର ବ୍ୟବସ୍ଥା କରାଯାଉଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏୟାରଲାଇନ୍ସର ବୈଷୟିକ ବିଶେଷଜ୍ଞମାନେ ସୁଇଜରଲ୍ୟାଣ୍ଡରୁ ଦିଲ୍ଲୀ ଆସି ତଦନ୍ତ ଆରମ୍ଭ କରିବେ।

## ଆଜି ଜାଳିବ...

ଏଥିପାଇଁ ୨୮ ତାରିଖରୁ ତାତିରେ ବ୍ରେକ ଲାଗିବାର ସହ ବିଜୁଳି ଘଡ଼ଘଡ଼ିର ବିପଦ ବଢ଼ିଯିବ। ଏମିତି କି ୨୯ ଏପ୍ରିଲରୁ ମେ' ୨ ମଧ୍ୟରେ ରାଜ୍ୟରେ ବଡ଼ଧରଣର କାଳ ବୈଶାଖୀ ହେବା ନେଇ ଆଶଙ୍କା କରାଯାଇଛି। କାଳବୈଶାଖୀ ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଅନେକ ସ୍ଥାନରେ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି। ଏହାସହିତ ୨୭ଠାରୁ ପ୍ରାୟ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରାଯାଇଛି। ତେଣୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଏନେଇ ପାଣିପାଗ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ଟ୍ରଫ୍ ଲାଇନ୍ ସହ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁଛି। ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରାଯାଉଛି। ସେହିପରି ବର୍ଷା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ୫୦ରୁ ୬୦ ସର୍ବାଧିକ ୭୦ କିମି ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। କାଳବୈଶାଖୀ ଯୋଗୁଁ ୨ରୁ ୩ ଦିନ ଭିତରେ ରାଜ୍ୟରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ହ୍ରାସ ପାଇବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ବିଭିନ୍ନ ମଡେଲ୍ ଅନୁଯାୟୀ ୧-୬ ଜୁନ୍ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ସ୍ୱାଭାବିକ ସମୟ ହୋଇଥିବାରୁ ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ପ୍ରାକ ମୌସୁମୀ ବର୍ଷାର ସମ୍ଭାବନା ରହୁଛି। ସାଧାରଣତଃ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ୧ ଜୁନ ବେଳକୁ କେରଳ ଉପକୂଳ ଛୁଇଁଥାଏ। ଏହାର ଠିକ ୧୦ ରୁ ୧୨ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ମଧ୍ୟକୁ ପ୍ରବେଶ କରିଥାଏ। ଚଳିତବର୍ଷ ଏହି ପ୍ରକ୍ରିୟା ସ୍ୱାଭାବିକ ସମୟରେ ହେବା ନେଇ ମଡେଲ ଗୁଡିକ ପ୍ରାକ୍ ଆକଳନ କରୁଛନ୍ତି।

## ପୁଣି କାୟା ମେଲାଇଲାଣି...

ଏହି ଅଭିଯାନର ସୁଫଳ ଦେଖିବାକୁ ମିଳିଥିଲା। ୨୦୧୯ ମସିହାରେ ଏହି ସଂଖ୍ୟା ଆହୁରି କମିଥିଲା ଏବଂ ସେହିବର୍ଷ ମାତ୍ର ୩୯, ୫୫୬ଜଣ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୦ ମସିହାରେ ୪୧,୭୩୯ ଜଣ, ୨୦୨୧ ମସିହାରେ ୨୫ହଜାର ୫୨୫ ଜଣ ଏବଂ ୨୦୨୨ରେ ୨୩ ହଜାର ୭୭୦ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ହେଲେ ଏହା ପରଠାରୁ ରୋଗୀ ସଂଖ୍ୟା ପୁଣି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ, ୨୦୨୩ ମସିହାରେ ରାଜ୍ୟରେ ୪୧ ହଜାର ୯୭୩ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ, ୨୦୨୪ ମସିହାରେ ୬୮ ହଜାର ୬୩୯ଜଣ ଏବଂ ୨୦୨୫-୨୬ରେ ୬୧ ହଜାର୧୩୭ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୫୫ଲକ୍ଷ କୀଟନାଶକ ସ୍ପ୍ରେ ମଶାରି ବଣ୍ଟନ କରାଯାଇଥିଲା। ଏଗୁଡ଼ିକର ଗୁଣବତ୍ତା ସରି ଯାଇଥିବାରୁ ଏବେ କାମରେ ଆସିପାରୁନାହିଁ। ମ୍ୟାଲେରିଆ ରୋଗୀସଂଖ୍ୟା ବୃଦ୍ଧିକୁ ନେଇ ସରକାର ଚିନ୍ତାରେ ଥିବାବେଳେ ସାଧାରଣ ଲୋକଙ୍କ ସଚେତନତା ଆଡ଼କୁ ବି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ରୋଗୀ ସଂଖ୍ୟା ବଢୁଥିବା ବେଳେ ପରୀକ୍ଷା ମଧ୍ୟ ଜୋରଦାର୍ କରାଯାଉଛି। ବାର୍ଷିକ ରକ୍ତ ନମୁନା ପରୀକ୍ଷା ହାର ୨୦୨୫ରେ ୨୩.୨୧ ପ୍ରତିଶତକୁ ବୃଦ୍ଧି ପାଇଛି।୨୦୨୪ରେ ଏହି ହାର ୨୨.୪୯ ପ୍ରତିଶତ ଥିଲା। କେବଳ ସେତିକି ନୁହେଁ; ୨୦୩୦ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆମୁକ୍ତ କରିବାକୁ ସରକାର ଯୋଜନା ରଖିଛନ୍ତି। ସେଥିପାଇଁ ଦୁର୍ଗମ ଅଞ୍ଚଳରେ ୮୫୩ ଜଣ ଚିକିତ୍ସା କର୍ମୀଙ୍କୁ ନିୟୋଜିତ କରାଯାଇଛି। ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ହସ୍ପିଟାଲ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୬୬ଟି ମ୍ୟାଲେରିଆ ସେଣ୍ଟିନେଲ୍ ସାଇଟ୍ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ୪୮ ୯୦୫ଜଣ ଆଶାକର୍ମୀଙ୍କୁ ବିଭିନ୍ନ ଗ୍ରାମରେ ନିୟୋଜିତ କରାଯାଇଛି। ୨୦୨୨ରୁ ୨୦୨୭ ଯାଏ 'ଦମନ' ଯୋଜନାକୁ ବୃଦ୍ଧି କରାଯାଇ ୫୦ କୋଟି ବ୍ୟୟବରାଦ ହୋଇଛି। ବୌଦ୍ଧ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝରରେ ଭଳି ୨୧ଟି ଜିଲ୍ଲାରେ ମ୍ୟାଲେରିଆ ସକ୍ରିୟ ରହିଥିବାରୁ ସେଠାରେ କୀଟନାଶକ ସ୍ପ୍ରେ ମଶାରି ବଣ୍ଟନ ଚାଲିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

ଅପରପକ୍ଷେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରତିକ୍ରିୟା ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି ରୋଗକୁ ରୋକାଯାଇପାରିବ ଏବଂ ପରାସ୍ତ କରାଯାଇ ପାରିବ। ଓଡ଼ିଶା ନିଜ 'ଦମନ' ପଦକ୍ଷେପ ଫଳରେ ମ୍ୟାଲେରିଆ ନିରାକରଣରେ ପୂର୍ବରୁ ଉଦାହରଣ ସୃଷ୍ଟି କରିପାରିଛି। ଦୃଢ଼ ପଦକ୍ଷେପ ଦ୍ୱାରା ଏହି ରୋଗର ନିରାକରଣ କରାଯାଇପାରିବ ବୋଲି ପ୍ରମାଣିତ ହୋଇଥିବା ନବୀନ ଉଲ୍ଲେଖ କରିଛନ୍ତି।

## ଅତ୍ୟଧିକ ବିପଦ ଜୋନ୍‌ରେ...

ସ୍ୱାଭାବିକ ଠାରୁ ୪.୫ ରୁ ୬.୪ ଡିଗ୍ରୀ ସେଲସିୟସ୍ ଅଧିକ ହେଲେ ତାହାକୁ 'ଉଷ୍ଣ ରାତି' ବର୍ଗୀକୃତ କରାଯାଇଥାଏ। ଏହି ପାର୍ଥକ୍ୟ ଅଧିକ ହେଲେ ତାହାକୁ 'ଗମ୍ଭୀର" ବା 'ଅତି ଗମ୍ଭୀର' ବର୍ଗରେ ସାମିଲ କରାଯାଇଥାଏ। ଦିନ ସମୟରେ ଖରା ତାତି ୪୦ ଡ଼ିଗ୍ରୀ ଅତିକ୍ରମ କଲେ ତାହାକୁ ଗ୍ରୀଷ୍ମ ଲହର ବୋଲି କୁହାଯାଉଥିଲା। ଖରାଦିନେ ଖରାବେଳେ ଘରୁ ନ ବାହାରିବା, ଛାଇରେ ରହିବା, ପର୍ଯ୍ୟାପ୍ତ ପାଣି ପିଇବା, ଘରୁ ବାହାରିବା ବେଳେ ଛତା ଧରି ବାହାରିବା ପାଇଁ ପରାମର୍ଶ ଦିଆଯାଉଥିଲା। ମାତ୍ର ଉଷ୍ଣ ରାତିରେ ବାହାର ଅପେକ୍ଷା ଘର ହିଁ ବେଶୀ ବିପଦ ଡ଼ାକିଥାଏ। ସାରା ଦିନ କଂକ୍ରିଟ୍ କାନ୍ଥ ଓ ସିମେଣ୍ଟ ଛାତ ସାରା ଦିନ ସୂର୍ଯ୍ୟକିରଣ ଶୋଷଣ କରେ। ସୂର୍ଯ୍ୟାସ୍ତ ପରେ ସେହି ଗରମ ଧୀରେଧୀରେ ବାହାରକୁ ବାହାରିଥାଏ। ରାତି ଅଧରେ ବି ଘରର କାନ୍ଥ ଗରମ ଲାଗେ, ପଙ୍ଖାରୁ ବି ଗରମ ପବନ ବର୍ଷେ। ୨୦୨୫ ରେ ପ୍ରକାଶିତ ଏକ ସାଇନ୍ସ ଡାଇରେକ୍ଟ ରିପୋର୍ଟ ଅନୁସାରେ ୧୯୮୦ ରୁ ୨୦୨୦ ମଧ୍ୟରେ ଭାରତରେ ଗରମ ରାତି ସଂଖ୍ୟା ପ୍ରତି ଦଶନ୍ଧିରେ ୮ ଦିନ ବୃଦ୍ଧି ପାଇଛି। ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଭାରତରେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଛି।। ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡବ୍ଲୁ) ଅନୁଯାୟୀ ଦେଶର ପ୍ରମୁଖ ସହରଗୁଡ଼ିକରେ ଉଷ୍ଣ ରାତି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗତ ଦଶନ୍ଧି ମଧ୍ୟରେ ଦେଶର ୭୦% ଜିଲ୍ଲାରେ ଉଷ୍ଣ ଦିବସ ସଂଖ୍ୟା ୨୮% ଓ ଉଷ୍ଣ ରାତି ସଂଖ୍ୟା ୧୨% ବୃଦ୍ଧି ପାଇଛି।

ଏହି ରିପୋର୍ଟ ଅନୁସାରେ ୨୦୨୫ରେ ମୁମ୍ବାଇରେ ୧୫, ବେଙ୍ଗାଲୁରୁରେ ୧୧, ଭୋପାଳରେ ୭, ଜୟପୁରରେ ୭, ଦିଲ୍ଲୀରେ ୬ ଉଷ୍ଣ ରାତି ଅନୁଭୂତ ହୋଇଛି। ଓଡ଼ିଶାର ଖୋର୍ଦ୍ଧା, ବଲାଙ୍ଗୀର, ତାଳଚେର, ସମ୍ବଲପୁର ଆଦି ଜିଲ୍ଲାରେ ପୂର୍ବାପେକ୍ଷା ଅଷ୍ଟ ଉଷ୍ଣରାତି ଅନୁଭୂତ ହୋଇଛି। ବଢୁଥିବା ରାତିର ଉତ୍ତାପ ପାଇଁ କଂକ୍ରିଟ କୋଠା ଓ ରାସ୍ତାଘାଟକୁ ଦାୟୀ କରାଯାଉଛି। କଂକ୍ରିଟ ଓ ସିମେଣ୍ଟ କାନ୍ଥ ଓ ଘର ଗରମକୁ ଘଣ୍ଟାଘଣ୍ଟା ବାନ୍ଧିରଖେ। ସହରାଞ୍ଚଳର ଉଚ୍ଚ ଅଟ୍ଟାଳିକାଗୁଡ଼ିକ ବାୟୁ ପ୍ରବାହକୁ ଅବରୋଧ କରି ତାପକୁ ବୃଦ୍ଧି କରେ। ଯାହାକୁ 'ସହରୀ ତାପ ଦ୍ୱୀପ' ବୋଲି ଅଭିହିତ କରାଯାଇଥାଏ। ଭୋପାଳ, ଭୁବନେଶ୍ୱର, କଟକ ଭଳି ଦ୍ରୁତ ଗତିରେ ବଢୁଥିବା ସହରରେ, ରାତିରେ ପ୍ରତି ଦଶନ୍ଧିରେ ଏହି ପ୍ରଭାବ ବିଶେଷ ବୃଦ୍ଧି ପାଇଛି। ସିଇଇଡ଼ବ୍ଲୁ ରପୋର୍ଟ ଅନୁସାରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କାନପୁର, ଗୁରୁଗ୍ରାମ, ଲକ୍ଷ୍ନୌ, ଭୁବନେଶ୍ୱର ପରି ସହରାଞ୍ଚଳର ଲୋକମାନେ ଏଥିରେ ବିଶେଷ ପ୍ରଭାବିତ ହୋଇଛନ୍ତି।

ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡ଼ବ୍ଲୁ) ରିପୋର୍ଟ ଅନୁଯାୟୀ, ରାତିର ଗରମ ଏକ "ନୀରବ ହତ୍ୟାକାରୀ" ଭାବରେ କାର୍ଯ୍ୟ କରିଥାଏ। ଶରୀରର ଶୀତଳୀକରଣ ପ୍ରଣାଳୀ ଭାଙ୍ଗିଯାଏ। ରାତିରେ ବାହାରେ ଥଣ୍ଡା ହେଲେ, ଶରୀର ସୁସ୍ଥ ହେବା ପାଇଁ ସମୟ ପାଏ। କିନ୍ତୁ ଯଦି ରାତିର ତାପମାତ୍ରା ହ୍ରାସ ପାଏନାହିଁ, ତେବେ ଶରୀର ଅସୁସ୍ଥ ଅନୁଭବ କରେ। ଏହାକୁ "ତାପ ଚାପ" କୁହାଯାଏ। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ତାପ ଚାପ ଯୋଗୁଁ ଗ୍ରୀଷ୍ମ ରାତିରେ ହୃଦଘାତ ଆଶଙ୍କା ୬ ଗୁଣ ବୃଦ୍ଧି ପାଇଥାଏ। ଶରୀର ରାତିରେ ଥଣ୍ଡା ହୁଏ ନାହିଁ, ହୃଦୟକୁ ଶରୀରର ତାପମାତ୍ରା କମ କରିବା ପାଇଁ ନିରନ୍ତର ଅତିରିକ୍ତ ପରିଶ୍ରମ କରିବାକୁ ପଡ଼ିଥାଏ। ଏହା ରକ୍ତଚାପ ବୃଦ୍ଧି କରେ ଓ ଶୋଇବା ସମୟରେ 'ନୀରବ ହୃଦଘାତ' ହୋଇଥାଏ। ସେହିପରି ନିଦ୍ରା ହ୍ରାସ ଓ ବୃକକ୍ ଉପରେ ପ୍ରଭାବ ଶରୀର ଉପରେ ଗୁରୁତର ପ୍ରଭାବ ପକାଇଥାଏ।


**AFFIDAVIT**

By virtue of an Affidavit sworn before the R. Das Exective Magistrate, Bhubaneswar, Dated: 23.04.2026, I, **Malati Dash**, W/o.: Late Sukadev Dash, Permanent Resident of At/PO.: Kendrapara, Odisha, PIN-754217, declare that I have changed my minor son's name from Somjeet Dash to **Soumyajit Dash.** Henceforth, he shall be known as **Soumyajit Dash** for all purposes.

**Malati Dash**

**ସହରକୁ ବୃକ୍ଷ ଶୂନ୍ୟ କଲା ଏନ୍‌ଏଚ୍ ବିଭାଗ**

# ଟିକେ ଛାଇ ପାଇଁ ଡହଳବିକଳ ଲୋକେ



ନବରଙ୍ଗପୁର,୨୬।୪(ସମିସ): ରାସ୍ତା ନିର୍ମାଣ ନାଁରେ ଗଛ କାଟିଲା ଜାତୀୟ ରାଜପଥ ବିଭାଗ । ହେଲେ ଗଛର ଉପର ଭାଗ କାଟି ଉଠାଇ ନେଲା । ଆଉ ଗଛ ମୂଳଗଣ୍ଡିକୁ ଛାଡ଼ି ଭୁଲିଗଲା। ଟିକେ ଛାଇ ପାଇଁ ଏବେ ଡହଳବିକଳ ହେଉଛନ୍ତି ସହରବାସୀ। ନବରଙ୍ଗପୁର ସହର ମଧ୍ୟଭାଗ ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ। ନବରଙ୍ଗପୁର ଇନ୍ଦ୍ରାବତୀ ନଦୀ ପୋଲ ଠାରୁ ମାଝୀ ଗୁଡା ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ଯାହାକି ସମ୍ପୂର୍ଣ୍ଣ ଭାବେ ସହର ମଧ୍ୟ ଦେଇ ଯାଉଛି। ଏହି ସହର ମଧ୍ୟ ଭାଗ କୁହାଯାଉଥିବା ଅର୍ଥାତ୍ ନବରଙ୍ଗପୁର ଇନ୍ଦ୍ରାବତୀ ନଦୀ ପୋଲ ଠାରୁ ମାଝୀ ଗୁଡା ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ରାସ୍ତା କଡର ଦୁଇ ପାଶ୍ୱର୍ରେ ରହିଥିବା ପାଖାପାଖି ୮୭୦ ଗୋଟି ବଡ ବଡ ଗଛ କାଟି ଦିଆଗଲା। ଯାହାକି ସହରର ଦୀର୍ଘ ବହୁ ବର୍ଷ ପୁରୁଣା ଗଛ । ସହରକୁ ସବୁଜ ସୁନ୍ଦର କରି ରଖିବା ସହ ଛାୟା ପ୍ରଦାନକାରୀ ଥିଲେ ଏହି ସବୁ ଗଛ। ଜିଲ୍ଲା ସଦର ମହକୁମା ହୋଇଥିବାରୁ ସଭା ସମିତି ଓ ଶୋଭାଯାତ୍ରା ସମୟରେ ଲୋକଙ୍କୁ ଛାୟା ପ୍ରଦାନ କରୁଥିଲା ଏବଂ ଚାଲି ଯିବା ପୁରୁଷ ମହିଳା ଛାତ୍ର ଛାତ୍ରୀ ମାନେ ମଧ୍ୟ ଉକ୍ତ ଗଛର ଛାୟା ତଳେ ଆଶ୍ରୟ ନେଇଥିବା ପୂର୍ବରୁ ବହୁବାର ଦେଖିବାକୁ ମିଳୁଥିଲା। ଗଛ ସବୁ କାଟି ଲଣ୍ଡା ହୋଇଯିବାରୁ ଦୁଇ ପାଶ୍ୱର୍ ରାସ୍ତା କଡ଼ ଏବେ ଶ୍ରୀହୀନ ହୋଇପଡିଛି ଏପରିକି ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ଯୋଗୁଁ ଖରାର ପ୍ରକୋପ ଏତେ ପରିମାଣରେ ବଢ଼ି ଯାଇଛି ଯେ, ରାସ୍ତାରେ ଯିବା ଆସିବା ସମୟରେ ଟିକିଏ ଛାଇରେ ଠିଆ ହେବା ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଜାତୀୟ ରାଜପଥ ନିର୍ମାଣ ପୂର୍ବରୁ ଗଛ ଗୁଡ଼ିକ କଟାଯିବା ପରେ ଜନସାଧାରଣଙ୍କ ମଧ୍ୟରେ ଧାରଣା ସୃଷ୍ଟି ହେଲା ଯେ ବର୍ତ୍ତମାନ ସଂକୀର୍ଣ୍ଣ ରାସ୍ତା ଚଉଡ଼ା ହେବ। ମାଝୀଗୁଡା ଛକ ଠାରୁ ସହର ଆଡ଼କୁ ନିର୍ମାଣ ହେଉଥିବା ଡ୍ରେନ୍ କାମକୁ ଦେଖିଲେ ଲାଗୁଛି ରାସ୍ତା ଓସାରିଆ ପରିବର୍ତ୍ତେ ପୁଣି ସଂକୀର୍ଣ୍ଣ ହେଉଛି। ନବରଙ୍ଗପୁର ଜିଲ୍ଲାରେ ଜାତୀୟ ରାଜପଥ ବିଭାଗର କୌଣସି ଗୋଟିଏ ଦପ୍ତର ବା କାର୍ଯ୍ୟାଳୟ ନ ଥିବାରୁ କୌଣସି ଜନସାଧାରଣ ଅଭିଯୋଗ କରିବା ପଛର କଥା ଜାତୀୟ ରାଜପଥ ବିଷୟରେ କୌଣସି ସୂଚନା ମଧ୍ୟ ପାଇପାରିନାହାନ୍ତି। ନବରଙ୍ଗପୁର ସହରର ମଧ୍ୟ ଭାଗରେ ତଥା ଜାତୀୟ ରାଜପଥ ଉପରେ ଶ୍ରୀଜଗନ୍ନାଥ, ମାଁ ଭଣ୍ଡାରଘରଣୀ ଭଳି ବିଭିନ୍ନ ବଡ଼ ବଡ଼ ମନ୍ଦିର ରହିବା ସହ ରଥଯାତ୍ରା, ଦଶହରା, ଚର୍ଚ୍ଚର ବଡ ଦିନ ପର୍ବ ଭଳି ବଡ଼ ବଡ଼ ପରବ ମଧ୍ୟ ମୁଖ୍ୟ ରାସ୍ତା ଉପରେ ପାଳନ କରାଯାଉଛି। ସବୁ ଜାତୀୟ ରାଜପଥ କଡ଼ରେ ହିଁ ରହୁଛି। ଅନ୍ୟ ପକ୍ଷରେ ସହରରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା କଡ଼ରେ ଗାଡି ମୋଟର ରଖାଯାଇ ବହୁ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଡ୍ରେନ ଗୁଡିକ ଯଦି ଚଉଡା କରାଯିବ, ତା'ହେଲେ ସହର ମଧ୍ୟରେ ରାସ୍ତା ଅତିଶୟ ସଂକୀର୍ଣ୍ଣ ହେବ

## ଗଛମୂଳ ସାଜିଛି ମୁଖସାକ୍ଷୀ

ଏଥିରେ ଦ୍ୱିମତ ନାହିଁ। ଏଥିସହ ଜାତୀୟ ରାଜପଥ ବିଭାଗ ଯେ ରାସ୍ତା କଡ଼ରେ ରହିଥିବା ବଡ ବଡ ଗଛ ସବୁ କାଟି ଚାଲିଲେ, ଗଛ ସବୁ କାଟି ଗଛ ତଳର ବଡ ବଡ ଗଣ୍ଡି ଅଧା କଟା ଅବସ୍ଥାରେ ଛାଡ଼ି ଚାଲି ଗଲେ। ସହରବାସୀ ବର୍ତ୍ତମାନ ଅଣଓସାରିଆ ରାସ୍ତା ଯୋଗୁଁ ଟ୍ରାଫିକ ସମସ୍ୟାର ଯାହା ସମ୍ମୁଖୀନ ହେଉଛନ୍ତି ତାହା କେବଳ ସହର ବାସୀ ଏବଂ ଏହି ସହର ମଧ୍ୟ ଦେଇ ଯାଉଥିବା ଜନସାଧାରଣ ହିଁ ଭୋଗୁଛନ୍ତି। କଟା ଘାରେ ଚୂନ ଦେଲା ଭଳି ଗଛ କାଟି ନେଇ ଏହି ଅଧା କଟା ଗଛର ଗଣ୍ଡୀକୁ ଛାଡି ତାକୁ ପୁଣି କଳା ଧଳା ରଙ୍ଗ ମାରି ଛାଡ଼ି ଦିଆଯାଇଛି। ପୁଣି ବିଦ୍ୟୁତ୍ ପୋଲ୍ ମଧ୍ୟ ସ୍ଥାନାନ୍ତର କରାଯାଇ ନାହିଁ। ଫଳରେ ବହୁବାର ଟ୍ରାଫିକ ସମସ୍ୟା ଘଟି ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ଏହା ଜାତୀୟ ରାଜପଥ ବିଭାଗର ନବରଙ୍ଗପୁର ଜନସାଧାରଣଙ୍କ ପ୍ରତି କଟା ଘାରେ ଚୂନ ଦେଲା ଭଳି ନାହିଁ ତ ଆଉ କଣ ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରୁଛି। ଏନେଇ ଜାତୀୟ ରାଜପଥ ବିଭାଗ ନବରଙ୍ଗପୁର ଦାୟିତ୍ୱରେ ଥିବା ଜାତୀୟ ରାଜପଥ ବିଭାଗ ପକ୍ଷରୁ ସୂଚନା ମିଳିଥିଲା ଯେ ନବରଙ୍ଗପୁର ଇନ୍ଦ୍ରାବତୀ ପୋଲ ଠାରୁ ସହର ମଧ୍ୟ ଭାଗ ଦେଇ ମାଝିଗୁଡ଼ା ସ୍ଥିତ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କରାଯିବ ନାହିଁ। କାରଣ ନବରଙ୍ଗପୁର ବାଇପାସ ପାଇଁ ବର୍ତ୍ତମାନ ଅନୁମୋଦନ ହୋଇ ସାରିଛି ଓ ବ୍ୟୟ ବରାଦ ମଧ୍ୟ ହୋଇ ସାରିଛି। ତେଣୁ ସହର ମଧ୍ୟରେ ରହିଥିବା ପୁରୁଣା ରାସ୍ତା ଉପରେ ହିଁ କେବଳ ନୂତନ ଭାବେ ପିଚୁ ପକାଯିବ। ଦେଢ଼ ମିଟର ନୂତନ ଡ୍ରେନ ନିର୍ମାଣ କରି ଡ୍ରେନ ଉପରେ ପ୍ଲେଟ ପକାଇ ଚଲା ରାସ୍ତା ବ୍ୟବସ୍ଥା କରିବା ସହ ଗଛ କାଟି ନେଇ ଯିବାପରେ ଯେଉଁ ଅଧା କଟା ବଡ ବଡ ଗଣ୍ଡୀ ମାଟି ତଳ ସହିତ ରହିଛି ସେସବୁ ବାହାର କରାଯିବ। ଭୁଲ ବଶତଃ ପାଖ ଲୁହା ରାଲିଂକୁ ମାରିବା ସମୟରେ ମରାଯାଇଛି ତେଣୁ ସେସବୁ ଗଣ୍ଡୀ ଆଉ ରାସ୍ତା କଡ଼ରେ ରହିବ ନାହିଁ । ସବୁକୁ ବାହାର କରାଯିବ।। ବିଭାଗୀୟ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅଯଥା ଖର୍ଚ୍ଚ ସହିତ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ନିରୀହ ଜନସାଧାରଣ। ଜାତୀୟ ରାଜପଥ କଡ଼ରେ ଗଛ କଟା ଗଲେ ସେହି ସମ ପରିମାଣର ଗଛ ପୁଣି ଥରେ ବିଭାଗ ପକ୍ଷରୁ ଲଗାଯିବା କଥା । କିନ୍ତୁ ଅଧା କାର୍ଯ୍ୟ ସାରି ଅଧା କାର୍ଯ୍ୟକୁ ବନ୍ଦ କରି ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଗଛ ଲଗାଇବାର ନା ଧରୁନାହିଁ ବିଭାଗ । ଯେଉଁଥି ପାଇଁ ଟିକେ ଛାଇ ପାଇବା ପାଇଁ ଏବଂ ଉତ୍ତପ୍ତ ଖରା ତାତିରୁ ମୁକ୍ତି ପାଇବା ପାଇଁ ନିରୀହ ଜନସାଧାରଣ ଡହଳ ବିକଳ ହେଉଛନ୍ତି।

**● ଗ୍ୟାସ୍ ବୁକିଂ ପାଇଁ ବାଧକ ସାଜୁଛି ବିଏସ୍‌ଏନ୍‌ଏଲ ନେଟ୍‌ୱାର୍କ**

# ସରକାରୀ ବ୍ୟବସ୍ଥାରେ ଗ୍ରାହକ ହିନସ୍ତା

ଲକ୍ଷ୍ମୀପୁର,୨୬।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ୧୦ଦିନ ହେଲାଣି ବିଏସଏନଏଲ ନେଟୱାର୍କର ଆତାପତା ନାହିଁ। ସେଥିପାଇଁ ଲକ୍ଷ୍ମୀପୁର ଗ୍ୟାସ୍ ଏଜେନ୍ସି କାର୍ଯ୍ୟାଳୟରେ ମଧ୍ୟ ଅନେକ ସମସ୍ୟା ଦେଖାଦେଉଛି। ଏହା ବ୍ୟତୀତ ଗ୍ୟାସ୍ ବୁକିଙ୍ଗ ପାଇଁ କଲ କଲା ପରେ ଓଟିପି ଆସିବା ଜରୁରୀ। ନେଟୱାର୍କ ନ ଥିବା ଯୋଗୁଁ ଏହା ସମସ୍ୟା ଦେଖା ଦେଉଛି। ଗ୍ୟାସ ଓ ବିଏସଏନଏଲ ଗ୍ରାହକଙ୍କ ହିନସ୍ତା କହିଲେ ନ ସରେ। ବିଭାଗୀୟ ଅଧିକାରୀ ମାସିକ ଦରମା ପାଇ ମାଲାମାଲ, ଲୋକଙ୍କ କଥା କିଏ ପଚାରେ। ଏବେ ଗ୍ରାହକ ତାତିଲେଣି। ଗ୍ୟାସ ସଙ୍କଟ ଥିବା ବେଳେ ମୋବାଇଲ୍ ନେଟୱର୍କକୁ ନେଇ ସମସ୍ୟ ଦ୍ୱିଗୁଣିତ ହେବା ସହ ଗ୍ରାହକ ମହଲରେ ଅଶାନ୍ତି ଦେଖା ଦେଇଛି। ଆଗାମୀ ଦିନରେ ବିଏସଏନଏଲ କାର୍ଯ୍ୟାଳୟ ସମୁଖରେ ଧାରଣ ଦେବାକୁ ଗ୍ରାହକ ମାନେ ଚେତାବନୀ ଦେଇଛନ୍ତି। ।୧୦ ଦିନ ହେଲାଣି ନେଟୱାର୍କ ବଜାରରେ ନାହିଁ । ଲୋକେ ହଇରାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଚୁପ୍ ରହିଛନ୍ତି। ଏହାର ପ୍ରତିକାର ହେଉ ନଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଖୁର୍ଜୀ ପଞ୍ଚାୟତରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ



ନନ୍ଦପୁର,୨୬।୪ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ମଣ୍ଡଳ ଅଧୀନସ୍ଥ ଖୁର୍ଜି ଗ୍ରାମ ପଞ୍ଚାୟତରେ 'ମନ କି ବାତ' କାର୍ଯ୍ୟକ୍ରମରେ କୋରାପୁଟ ଏସ୍‌ଡିସି ସଭାପତି ଭଗବାନ ମୁଦୁଲି, ଜାତୀୟ କାଉସିଲର ଜୟରାମ ଭୋଇ, ମୋହନ ବୈରାଗୀ, ବୁଥ୍ ସଭାପତି ସତ୍ୟ ନାରାୟଣ, କମଳଲୋଚନ ଗୋଲରି, ମଣ୍ଡଳ ସମ୍ପାଦକ ମାଧବ ମୁଦୁଲି, ସମ୍ପାଦକ କୋଣ୍ଡା ଦରା ଉପସ୍ଥିତ ରହିଥିଲେ। ଏହି ଅବସରରେ ସେମେଲା ଗ୍ରାମ ସଦର ପିଣ୍ଡି, ହୁଣ୍ଡି ସହ ଆଦିବାସୀ ସଂସ୍କୃତି କଳାର ବିକାଶ ନିମନ୍ତେ ଆଲୋଚନା କରିଥିଲେ ।

# ମକ୍କା-ମଦିନା ଗଲେ ୮ ହଜ୍ ଯାତ୍ରୀ



ଉମରକୋଟ,୨୬।୪ (ସମିସ): ଉମରକୋଟ ସହରର ମୁସଲମାନ ସାମ୍ପ୍ରଦାୟର ୮ ଜଣ ତୀର୍ଥ ଯାତ୍ରୀ ହଜ୍ ପାଇଁ ମକ୍କା ମଦିନା ଗସ୍ତ କରିଛନ୍ତି। ଏହି ଅବସରରେ ଉମରକୋଟସ୍ଥିତ ମସଜିଦ୍‌ରେ ମୁସଲମାନ ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ହଜ୍‌ଯାତ୍ରୀ ସଲିମ ରାଠୋର, ଯାହାମାରା ରାଠୋର୍, ଅଲ୍ଲୀ ଲାଠିଆ, ତବସୁମ ଲାଠିଆ, ମୌଲାନା ସାଇଦ ଅହମ୍ମଦ, ଅହମ୍ମଦ, ସରବରି ଖତୁନ ତୁନ, ଏଜାଜ ଖାନ, ଜା ଜାକିଆ ବାଇଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନଙ୍କୁ ମସ୍‌ଜିଦ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ଶାଭାଯାତ୍ରାରେ ନିଆଯାଇଥିଲା। ସୂଚନାନୁଯାୟୀ, ସେମାନେ ରାୟପୁର ଠାରୁ ମୁମ୍ବାଇ ଯିବେ ଏବଂ ସେଠାରେ ପହଞ୍ଚିବାପରେ୨ଦିନତାଲିମନେଇ୨୯ ତାରିଖଦିନସାଉଦିଆରବଅଭିମୁଖେଯାତ୍ରାକରିବେ। ପୁଣି ଜୁନ ୧୪ରେ ସେଠାରୁ ବାହାରି ଉମରକୋଟ ଫେରି ଆସିବେ ବୋଲି ସୂଚନା ମିଳିଛି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ପଟାଙ୍ଗି,୨୬।୪(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁଲି ପଞ୍ଚାୟତ ଅନ୍ତର୍ଗତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର ଠାରେ ରୌପ୍ୟ ଜୟନ୍ତୀ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଯୋଗଦାନ ଦେଇଥିଲା। ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଯୋଗଦାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କୋଟପାଡ଼ ଅଧ୍ୟକ୍ଷ ନିରଞ୍ଜନ କୁମାର ନିରାଲା,ଆବାସିକ ବିଦ୍ୟାଳୟ କୋଙ୍ଗାର ଅଧ୍ୟକ୍ଷ ଅଭିଜିତ ଚାଟାର୍ଜୀ, ଆବାସିକ ବିଦ୍ୟାଳୟ ମାଲକାନାଗିରି ଜିଲ୍ଲା ମାଥିଲିର ଅଧ୍ୟକ୍ଷ ଏସ କେ ମଣ୍ଡଳ, ଆବାସିକ ବିଦ୍ୟାଳୟ ନବରଙ୍ଗପୁର ଜିଲ୍ଲା ହିରିଲିର ଅଧ୍ୟକ୍ଷା ସୁବାସିନୀ ସାହୁ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ପୁଙ୍ଗାରର ଅଧ୍ୟକ୍ଷ ମାନୁଆଲ ଚନ୍ଦ୍ର ନାୟକ ଯୋଗଦାନ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ପରେ ନାଟକ, ନୃତ୍ୟ ଆଦି ରଙ୍ଗାରଙ୍ଗ କର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ତେଜସ୍ୱୀନୀ ଟାକ୍ରୀ, ଶୁଭ୍ରା ସ୍ୱରୂପା ଦାସ ଓ ସରିତା ବିଶ୍ୱକର୍ମା ସଂଯୋଜନା କରିଥିଲେ।

**■ କାନ୍ଧରେ ବ୍ୟାଗ୍, ହାତରେ ପେନ୍ ଖାତା**

# ଗ୍ରୀଷ୍ମ ପ୍ରବାହରେ ଚାଲିଛି ଜନଗଣନା

ଲକ୍ଷ୍ମୀପୁର,୨୬।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଚାଲିଛି ଜାତୀୟ ଜନଗଣନା କାମ। ଏହି କାର୍ଯ୍ୟ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରିଛି ପ୍ରଶାସନ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ



କାନ୍ଧରେ ବ୍ୟାଗ, ହାତରେ ପେନ୍ , ଖାତା ଓ ମୋବାଇଲ ଫୋନ ଧରି ଘର ଘର ବୁଲି କରୁଛନ୍ତି ଜନଗଣନା। ସକାଳୁ ଆରମ୍ଭ କରି ଦିନ ୧୧ଟା ପର୍ଯ୍ୟନ୍ତ କରୁଥିବା କହିଛନ୍ତି। ଏବେ ଖରା ତାତି ଲକ୍ଷ୍ମୀପୁରରେ ମଧ୍ୟାହ୍ନରେ ପ୍ରାୟ ପାଖାପାଖି ୪୦ ଡିଗ୍ରୀ ରହୁଛି। ଏହା ସତ୍ତ୍ୱେ ନିଜର କର୍ତ୍ତବ୍ୟକୁ ନିର୍ଭୁଲ ଭାବେ ତୁଲାଇବା ପାଇଁ ଲାଗିପଡିଛନ୍ତି। ଲକ୍ଷ୍ମୀପୁରକୁ ବିଭିନ୍ନ ବିଭକ୍ତ କରି ଅନେକ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇ ଥିବା ଜଣାପଡ଼ିଛି। ଜାତୀୟ ଜନଗଣନା କିପରି ସଫଳ ହେବ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ଲୋକେ ମଧ୍ୟ ସହଯୋଗ କରୁଥିବା କହିଛନ୍ତି। ସଠିକ ଜନଗଣନା ହିଁ ଜନତାଙ୍କ ପାଇଁ ଉଚିତ ଯୋଜନା ଆଣି ଦେବ। ତେଣୁ ଏହାକୁ ସମସ୍ତେ ସହଯୋଗ କରି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରି ଦେଶର ଜଣେ ସଚେତନ ନାଗରିକ ଭାବେ ନିଜକୁ ଓ ଦେଶକୁ ଠିକ୍ ଦିଶାରେ ନେବାକୁ ସହଯୋଗ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ।

**● ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ବେଳେ ଓଡ଼ିଆ ଅସ୍ମିତାକୁ ଭୁଲିଗଲେ**

# ଅସନ୍ତୋଷ ପ୍ରକାଶ କଲେ ବିଜେଡି ନେତା

ନନ୍ଦପୁର, ୨୬।୪ (ସମିସ): ଓଡ଼ିଶାର ବରପୁତ୍ର ବିଜୁଙ୍କ ଜନ୍ମ ଦିନକୁ ଭୁଲି ଯାଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରୁଥିବା ଓଡ଼ିଶା ସରକାରଙ୍କୁ ବିଜୁ ଜନତା ଦଳ ନେତା ମାନେ ତୀବ୍ର ସମାଲୋଚନା କରିଛନ୍ତି। କୋରାପୁଟ ଜିଲ୍ଲା ବିଜେଡି ଉପ ସଭାପତି ତଥା ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା କହିଛନ୍ତି ଯେ, ତୃଣମୂଳସ୍ତରରେ ଲୋକଙ୍କ ଶାସନ, ଲୋକ ସମସ୍ୟା ବୁଝିବାକୁ ଯେଉଁ ପଞ୍ଚାୟତିରାଜ



ବ୍ୟବସ୍ଥା କରାଯାଇଛି, ବର୍ତ୍ତମାନ ସରକାର ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷାଙ୍କ କ୍ଷମତାକୁ ସଙ୍କୁଚିତ କରିଛନ୍ତି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ବର୍ତ୍ତମାନ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ବେଳେ ଓଡ଼ିଆ ବୀରପୁତ୍ର ବିଜୁ ବାବୁଙ୍କୁ ଅପମାନ କରିଛନ୍ତି। ନନ୍ଦପୁର ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳନ ଅବସର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନେତା ଶ୍ରୀ ବେବର୍ତ୍ତା ବିଜେପିର ଏଭଳି ନୀତିକୁ ସମାଲୋଚନା କରିଛନ୍ତି। ଗତ ଦୁଇ ବର୍ଷ ବିଜେପି ସରକାର ଆସିବା ଠାରୁ ବ୍ଲକ ଠାରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବାବୁ ରାଜ୍ ଚାଲିଛି ବୋଲି କହିଛନ୍ତି ନନ୍ଦପୁର ବ୍ଲକ ସାଂସଦ ପ୍ରତିନିଧି ଗୋପାଳ ମାଟାମ। ସମସ୍ତ ଲୋକ ପ୍ରତିନିଧି ସଚେତନ ହୋଇ ଅଞ୍ଚଳର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ ବରିଷ୍ଠ ବିଜେପି ନେତା ସେକ ଗୋଫୁର।

# 'ସକ୍ଷମ' ପକ୍ଷରୁ ସୁରଦାସ ଜୟନ୍ତୀ

ନବରଙ୍ଗପୁର,୨୬।୪(ସମିସ):



ସର୍ବ ଭାରତୀୟ ସ୍ତରରେ "ସକ୍ଷମ' ତରଫରୁ ସୁରଦାସଙ୍କ ଜୟନ୍ତୀ ଭାବେ ପାଳନ କରାଯାଉଥିବା ବେଳେ ଅନୁରୂପ ଭାବରେ ନବରଙ୍ଗପୁର ଉତ୍କଳ ବାଳିକା ଆଶ୍ରମ ଠାରେ ଜିଲ୍ଲା ସକ୍ଷମ ତରଫରୁ ସନ୍ଥ ସୁରଦାସ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସଚିବ ଏ ସୁରେଶ, ଜିଲ୍ଲା ସଭାପତି ସୁଜିତ୍ କୁମାର ରଥ, ଜିଲ୍ଲା ଉପ-ସଭାପତି ପ୍ରୀତିଶ ଚନ୍ଦ୍ର, ଆଶ୍ରମ ଅଧ୍ୟକ୍ଷା ଜୟନ୍ତୀବାଳା ପଟ୍ଟନାୟକ, ଜୟସ୍ମିତା ନାୟକ,ଏସ ଲକ୍ଷ୍ମୀ ପଟ୍ଟନାୟକ,କଳ୍ପନା ପଟ୍ଟନାୟକ,ମୁନି ଭତ୍ରା ଏବଂ ଆଶ୍ରମର ଅନ୍ୟମାନେ ଉପସ୍ଥିତ ରହିଥିଲେ। ସଚିବ ଶ୍ରୀ ଶାସ୍ତ୍ରୀ ସୁରଦାସ ଜୟନ୍ତୀ ଅବସରରେ ପୌରାଣିକ ଓ ଇତିହାସ ପୃଷ୍ଠାରୁ ଆଶ୍ରମ ଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ରତ୍ନ ଏବଂ ସେମାନେ କେବେ ଅବଳା କିମ୍ବା ଦୂର୍ବଳା ନୁହଁନ୍ତି ବୋଲି କହିଥିଲେ। ବୈଠକରେ ସୁରେଶ ପଟ୍ଟନାୟକ ସୁରଦାସଙ୍କ ଭଳି ଜଣେ ମହାପୁରୁଷଙ୍କ ସାନିଧ ଲାଭ କରିବା ପାଇଁ ତାଙ୍କ ବିଷୟ ଜାଣିବା,ପଢିବା ଏବଂ ସେ ସମାଜକୁ ଯେଉଁ ଦିଗଦର୍ଶନ ଦେଇ ଯାଇଛନ୍ତି,ତାହାକୁ ଅନୁଭବ କରିବା ଆବଶ୍ୟକ ବୋଲି କହିଥିଲେ। ସଭାପତି ଶ୍ରୀ ରଥ ଛାତ୍ରୀମାନଙ୍କୁ ସୁରଦାଶଙ୍କ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ରହିଥିବା ଅଗାଢ ଭକ୍ତି ଓ ସୁର,ସଙ୍ଗୀତ କ୍ଷେତ୍ରରେ ସେ ଜଗତକୁ ମୋହିତ କରିଥିଲେ। ଆଜି ପର୍ଯ୍ୟନ୍ତ ସଙ୍ଗୀତ ଦୁନିଆରେ ପ୍ରସିଦ୍ଧି ଲାଭ କରିଥିବା କହିଥିଲେ। ଆଶ୍ରମର ଅନାଥ ଛାତ୍ରୀମାନେ ନୃତ୍ୟ, ସଙ୍ଗୀତ,କଳା ପ୍ରଦର୍ଶନ କରିଥିଲେ। ଶେଷରେ ଆଶ୍ରମ ଅଧ୍ୟକ୍ଷା ଜୟନ୍ତୀବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**● ଜାତୀୟ ପଞ୍ଚାୟତିରାଜ ଦିବସ**

# ଆନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ଦିବ୍ୟାଙ୍ଗ ଭତ୍ତା ବଣ୍ଟନ

ନନ୍ଦାହାଣ୍ଡି,୨୬।୪(ସମିସ): ଦେଶବ୍ୟାପୀ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ନନ୍ଦାହାଣ୍ଡି ବ୍ଲକରେ ମଧ୍ୟ ଶୁକ୍ରବାର ପାଳିତ ହୋଇଯାଇଛି। ବଲାଙ୍ଗିର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନକୁ ଭର୍ଚୁଆଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୩୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୬ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଏକ ମାସର ନଗଦ ଅର୍ଥ ରାଶି ସହ ଭତ୍ତା ପଞ୍ଜୀକୃତ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟି ବ୍ଲକ କାର୍ଯ୍ୟାଳୟ ପରିସରରେ ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଏବଂ ସମ୍ମାନୀତ ଅତିଥି ରୂପେ ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ରୂପେ ଜଗଦିଶ ଚନ୍ଦ୍ର ବିଷୋୟୀ, ଧଣ୍ଡରା ସରପଞ୍ଚ ଚଇତି ଜାନୀ, ଡଙ୍ଗରଭେଜା ପଞ୍ଚାୟତ ସମିତି ସଭ୍ୟ ଅଭିମନ୍ୟୁ ନାୟକ, ମେଣ୍ଟ୍ରି ପଞ୍ଚାୟତ ସମିତି ସଭ୍ୟା ବସନ୍ତ କୁମାରୀ ନାୟକ ଓ ଦହଣା ପଞ୍ଚାୟତ ଭାରପ୍ରାପ୍ତ ସରପଞ୍ଚ କନକ ପାଇକ ଯୋଗ ଦେଇଥିଲେ। ବ୍ଲକର ସାମାଜିକ ସୁରକ୍ଷା ବିଭାଗର କାର୍ଯ୍ୟକ୍ରମ ସହାୟକ ବିଚିତ୍ରାନନ୍ଦ ଶତପଥୀ



ମଞ୍ଚ ପରିଚାଳନା କରିଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସଞ୍ଚାଳନ ପାଇଁ ସହଯୋଗ କରିଥିଲେ।

**● କୋଟସ୍ ଇଗ୍ନୋ ପାଠ୍ୟ କେନ୍ଦ୍ର**

# ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ

କୋରାପୁଟ,୨୬।୪(ସମିସ): କୋରାପୁଟ କୋଟସ୍ ସ୍ଥିତ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକେନ୍ଦ୍ରରେ ଜାନୁଆରୀ ଚକ୍ର ନିମନ୍ତେ ନୂତନ ଛାତ୍ରଛାତ୍ରୀଙ୍କ ଅଧିଗ୍ରହଣ ଉତ୍ସବ କୋଟସର ସେମିନାର ହଲରେ ଅନୁଷ୍ଠିତ ହୋଇଯାଇଛି। କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ତଥା ଇଗ୍ନୋ ପାଠ୍ୟକେନ୍ଦ୍ରର ସଂଯୋଜକ ଡ. ନରେନ୍ଦ୍ର କୁମାର ରଥ ପ୍ରଥମେ ବିବରଣୀ ପାଠ କରିଥିଲେ। ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମାଗୁଣି ଚରଣ ବେହେରା ମୁଖ୍ୟ ଅତିଥିରୂପେ ଯୋଗଦେଇ ଇଗ୍ନୋ ପାଠ୍ୟକ୍ରମକୁ ଏକ ସମୟ ଉପଯୋଗୀ ଏବଂ ଉଚ୍ଚ କୋଟୀର ଶିକ୍ଷା ବ୍ୟବସ୍ଥା ବୋଲି କହିଥିଲେ। ଆଞ୍ଚଳିକ କେନ୍ଦ୍ରର ସହ ନିର୍ଦ୍ଦେଶକ ମାଧବ କୁମାର ବିଶୋୟୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଇଗ୍ନୋ ଦ୍ୱାରା ପ୍ରଦତ୍ତ ଶିକ୍ଷା ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କୋଟସର ପ୍ରଫେସର ଜଗବନ୍ଧୁ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଇଗ୍ନୋ ଦୂରଶିକ୍ଷା ବ୍ୟବସ୍ଥା ଓ ପାଠ୍ୟ ପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟା



ଉପରେ ଆଲୋଚନା କରିଥିଲେ। ଡ. ରଘୁ ପ୍ରସାଦ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ସମୟାନୁବର୍ତ୍ତିତା ହୋଇ ପଢିବା ପାଇଁ କହିଥିଲେ। ସଭାପତି ପ୍ରଫେସର ପି.ସି.ମହାପାତ୍ର ଛାତ୍ରଛାତ୍ରୀ ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଇଗ୍ନୋ ସାର୍ଟିଫିକେଟର ଉପକାରିତା ଆଲୋଚନା କରିଥିଲେ। ଶେଷରେ ସହ ସଂଯୋଜକ ଡଃ ସାବିତ୍ରୀ ମାଝୀ ଧନ୍ୟବାଦ ଦେଇଥିଲେ।

# ଚିତଲପୁଟ ଗ୍ରାମବାସୀଙ୍କ ରାସ୍ତା ଯନ୍ତ୍ରଣା

ନନ୍ଦପୁର,୨୬।୪ (ସମିସ): ଦଶନ୍ଧି ଧରି ରାସ୍ତା ଯନ୍ତ୍ରଣାରେ ପେଶି ହେଉଛନ୍ତି ଚିତଲପୁଟ ଗ୍ରାମବାସୀ। ଏହି ଚିତ୍ର କୌଣସି ଦୁର୍ଗମ କିମ୍ବା ସୀମାନ୍ତ ଗ୍ରାମର ନୁହେଁ। ଏହି ଦୃଶ୍ୟ ନନ୍ଦପୁର ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଗ୍ରାମ ଚିତଲପୁଟ ଗ୍ରାମର ରାସ୍ତାର ଅବସ୍ଥା। ଏହି ଯନ୍ତ୍ରଣା ଆଜିର ନୁହେଁ, ଦଶନ୍ଧି ବିତିଯାଇଥିଲେ ମଧ୍ୟ ପକ୍କା ସଡ଼କ ଟିଏ ସଂଯୋଗ ହୋଇ ପାରିଲା ନାହିଁ ଗ୍ରାମର ଦୁଆର ମୁହଁକୁ। ସୂଚିତ ଯେ, ନନ୍ଦପୁର ବ୍ଲକ ସଦର ମହକୁମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚିତଲପୁଟ ଗ୍ରାମ। ବ୍ଲକ ସଦର କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଏହି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ଆଜି ପର୍ଯ୍ୟନ୍ତ ପକ୍କା ହୋଇପାରିନାହିଁ। ଯାହା ଲୋକଙ୍କ ଦୈନନ୍ଦିନ ଜୀବନକୁ କଷ୍ଟକର କରିଦେଇଛି। ସ୍ୱାଧୀନତାର ଦଶକ ଦଶକ



ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଏହି ଗ୍ରାମର ଚିତ୍ର ଦେଖିଲେ ଉନ୍ନୟନ ଦାବି କେତେ ତାହା ସ୍ପଷ୍ଟ ହେଉଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏହି ରାସ୍ତାଟି ମଧ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ପଡ଼ି ରହିଯାଇଛି। ଯାହାକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଚାଲିଛି। ରାସ୍ତାର ଅବସ୍ଥା ଏପରି ଯେ, ଦୁଇ ଚକିଆ ଯାନ ଚଳାଚଳ କରିବା ମଧ୍ୟ ଦୁଃସାଧ ହୋଇପଡ଼ିଛି। ବର୍ଷା ଦିନରେ ଏହା ଆଉ ଅଧିକ ଦୁର୍ଦ୍ଦଶାର

## ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରୁ ବିକାଶର ନଗ୍ନଚିତ୍ର

ରୂପ ନେଇଥାଏ। କୌଣସି ଆପାତକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପହଞ୍ଚିବା କଥା ଭାବିବା ମଧ୍ୟ ବୃଥା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚିତଲପୁଟ ଓ ଆଖପାଖ ଅଞ୍ଚଳର ଲୋକମାନେ ଏନେଇ ବାରମ୍ବାର ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସରକାରଙ୍କ ପ୍ରାୟୋଜିତ ଜନଶୁଣାଣିରେ ମଧ୍ୟ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ତାହାର ମଧ୍ୟ କୌଣସି ନିଷ୍କର୍ଷ ମିଳିନାହିଁ। ହେଲେ ଏହା ସରକାରୀ କଳର ଅପାରଗତା ନା କୌଣସି ରାଜନୈତିକ ଅଣଦେଖା ତାହା ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ତେବେ ଶୀଘ୍ର ଏହି ରାସ୍ତାର ଉନ୍ନତି କରାଯାଇ ଲୋକଙ୍କ ଦୀର୍ଘଦିନର ଦୁଃଖ ଦୂର କରିବାକୁ ଅଞ୍ଚଳର ସାଧାରଣ ଜନତା ଦାବି କରିଛନ୍ତି। ବିଡମ୍ବନା ଏହି କି ଯେ ଚିତଲପୁଟ ଗାଁ ଶେଷ ମୁଣ୍ଡରୁ ପକ୍କା ସଡ଼କ ସଂଯୋଗ ହୋଇ ଖିଲୁଆ ଗ୍ରାମ ପର୍ଯ୍ୟନ୍ତ ହେଲେ ବି ଗାଁ ସମ୍ମୁଖରେ ପହଞ୍ଚି ପାରିନାହିଁ ପକ୍କା ସଡ଼କ।

# ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା, ଲୋକେ ହନ୍ତସନ୍ତ

ଗୁଡାରୀ,୨୬।୪(ସମିସ):



ପ୍ରାୟ ୬୦ ବର୍ଷ ତଳେ ଗୁଡାରୀ ସହରକୁ ପୌର ପରିଷଦ ମାନ୍ୟତା ମିଳିଥିଲେ ମଧ୍ୟ ସାଧାରଣ ଲୋକ ବିଭିନ୍ନ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି । ସେଥି ମଧ୍ୟରୁ ସହରକୁ ସରକାରୀ ବସ୍ ସେବା ନାହିଁ। ଏଠାକାର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ପାଇଁ ବାହାରକୁ ଯିବାକୁ ପଡୁଛି। ଏମିତିରେ ସ୍ୱାସ୍ଥ୍ୟ ଅବସ୍ଥା ନ କହିଲେ ଭଲ। ଅପରପକ୍ଷରେ ପରିଷଦର ଆକାର ସହ ଜନସଂଖ୍ୟା ବୃଦ୍ଧିକୁ ନଜରକୁ ଆଣିଲେ, ସେହି ପ୍ରକାରର ଉନ୍ନତମାନର ଭିତ୍ତିଭୂମି ଦେଖିବାକୁ ମିଳିପାରି ନାହିଁ। ଏମିତିରେ ବିଗତ ବିଜେଡି ସରକାର ସମୟରେ ସମସ୍ତ ପଞ୍ଚାୟତକୁ ରାସ୍ତା ନିର୍ମାଣ କରାଯିବା ସହିତ ବସ ସେବାର ବ୍ୟବସ୍ଥା କରାଯିବା ଫଳରେ ଆଜି ନଗର ମୁଖ୍ୟ ରାସ୍ତା ଭିଡ଼ ଜମିବା ସହ ସଙ୍କୁଚିତ ହେଉଥିବା ଦେଖିବାକୁ ମିଳୁଛି। ପରିଷଦର ଗୋଟିଏ ମୁଖ୍ୟ ରାସ୍ତା। ଯାହା ଯୁକ୍ତ ୩ କଲେଜ ଠାରୁ ଗାନ୍ଧି ଛକ ଦେଇ ସହର ଭିତରେ ପ୍ରବେଶ କରି ତିନି କୋଣିଆ ରାସ୍ତା। ଗୋଟିଏ ରାସ୍ତା ପରିବା ବ୍ୟବସାୟୀ କବ୍‌ଜାରେ ରହିଥିବା ବେଳେ ଅନ୍ୟ ରାସ୍ତାଟି ମିନାଝୋଲା ଛକ ପର୍ଯ୍ୟନ୍ତ ଲମ୍ବିଛି। ଏହି ରାସ୍ତାରେ ଦୋକାନ ବଜାର, ହୋଟେଲ ସମସ୍ତ ସାମଗ୍ରୀ ମିଳେ। ଏମିତିକି ଦୁଇ ଚକିଆ ଠାରୁ ଆରମ୍ଭ କରି ଟ୍ରକ୍, ବସ୍ ଅଟୋ ସ୍କୁଲ ବସ ସମସ୍ତ ପ୍ରକାରର ଯାନବାହନ ମୁଖ୍ୟ ରାସ୍ତା ଉପରେ ଭରସା କରେ। ଗୋଟିଏ ପଟରୁ କହିବାକୁ ଗଲେ ପରିଷଦରେ ବସବାସ କରୁଥିବା ସାଧାରଣ ଲୋକଙ୍କ ଏହା ନିଶ୍ୱାସ ଦ୍ୱାର କହିଲେ ଅତ୍ୟୁକ୍ତି ହେବନାହିଁ। ଅଣଓସାରିଆ ରାସ୍ତାରେ ଅଧିକାଂଶ ସମୟରେ ରାସ୍ତା ଜାମ ଦେଖିବାକୁ ମିଳୁଛି। କାରଣ ଗୋଟିଏ ଟ୍ରକ୍ କି ବସ ଗଲେ, ବାଇକ୍ ଯିବାପାଇଁ ରାସ୍ତା ନାହିଁ। ରାସ୍ତା କଡ଼ରେ ମାଳ ମାଳ ଅଟୋ ସାଙ୍ଗକୁ ଶହ ଶହ ବାଇକ୍। ଏଥିସହ ଠେଲା ଗାଡି ରାସ୍ତାରେ ପରିବା ବିକ୍ରି କରିବା ଫଳରେ ରାସ୍ତାଟି ଅବରୋଧ ହେଉଛି। ଗୁଡାରୀ ସହରକୁ ଗତ ଦିନରେ ବଂଶଧାରା ନଦୀରେ ପୋଲ ନଥିଲା । ପୂର୍ବତନ ବିଜେଡି ସରକାର ସମୟରେ ନଦୀରେ ବିଜୁ ସେତୁ ନିର୍ମାଣ ପରେ ନଦୀ ଆର ପଟେ ଥିବା ପଞ୍ଚାୟତ ତଥା ଗୁମୁଡ଼ା ଯାତାୟତ ପରିବହନ ବାଟ ଫିଟିଥିଲା। ଫଳରେ ସହର ମୁଖ୍ୟ ରାସ୍ତାରେ ଗାଡ଼ି ମୋଟର ସଂଖ୍ୟା ଆଶା ଠାରୁ ଅଧିକ ବଢ଼ିଛି। ଏହି ମୁଖ୍ୟ ରାସ୍ତାକୁ ପ୍ରଥମେ ଗ୍ରାମୀଣ ସଡ଼କ ବିଭାଗ, ପରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଜଣାପଡିଛି। ଏହି ରାସ୍ତାର ପୁନରୁଦ୍ଧାର କେବେ କରାଯିବ ତାହା ଅନିଶ୍ଚିତତା ଭିତରେ ରହିଛି। ସହର ଦେଇ ଯାଇଥିବା ମୁଖ୍ୟ ରାସ୍ତା ଅବରୋଧ ଅନ୍ୟ ଏକ କାରଣ ହେଲା ବିଦ୍ୟୁତ ପୋଲ। କେଉଁ କାଳରୁ ଏହା ରାସ୍ତା ଅବରୋଧ କରି ରଖିଛି। ସହରରେ ଦିନେ, ଦୁଇଦିନକୁ ଥରେ ଏହି ରାସ୍ତାରେ ବାଇକ୍ ଦୁର୍ଘଟଣା ଘଟୁଥିବାବେଳେ କେତେବେଳେ ଯେ ବଡ଼ଧରଣର ଅଘଟଣ ନ ଘଟିବ କିଏ ବା କହିପାରିବ। ଏହି ରାସ୍ତା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ବେଶ୍ୟାବୃତ୍ତି ଘଟଣାରେ ମହିଳା ଗିରଫ
# ନାବାଳିକା, ଯୁବତୀ ଉଦ୍ଧାର

ଜୟପୁର, ୨୬।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସକୁ ଗତକାଲି ବଡ଼ ସଫଳତା ମିଳିଛି। ଜୟପୁର ଠାରେ ଯୁବତୀ ଓ ଝିଅ ମାନଙ୍କୁ ନେଇ ବେଶ୍ୟାବୃତ୍ତିରେ ନିୟୋଜିତ କରୁଥିବା ସ୍ଥାନୀୟ ବେଢାସାହିର ଶିଲ୍ପା ପଣ୍ଡା (୩୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହିପରି ତାଙ୍କ ନିକଟରୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ହାଜର କରାଯାଇ ଶିଶୁ ଯତ୍ନ ଗୃହରେ ରଖାଯାଇଛି ଏବଂ ଯୁବତୀଙ୍କୁ ସୁଧାର ଗୃହକୁ ପଠାଯାଇଥିବା ନେଇ ଟାଉନଥାନା ପୁଲିସ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱର କମିଶନରେଟ ପୁଲିସ ଅନ୍ତର୍ଗତ ଖଣ୍ଡଗିରି ଥାନା ଅଞ୍ଚଳର ଜଣେ ଯୁବତୀ ନିରୁଦ୍ଦିଷ୍ଟ ନେଇ ଏତଲା ହୋଇଥିଲା। ଖଣ୍ଡଗିରି ପୁଲିସ ଯୁବତୀଙ୍କ ମୋବାଇଲ ଫୋନ ଟ୍ରାକ୍ କରିବା ସହିତ ଜୟପୁର ଠାରେ ରହିଥିବା ଜାଣିବାକୁ ପାଇଥିଲା। ଖଣ୍ଡଗିରି ପୁଲିସ ଜୟପୁର ଠାରେ ପହଞ୍ଚି ସ୍ଥାନୀୟ ଟାଉନଥାନାର ସହାୟତା ନେଇଥିଲେ। ଗତକାଲି ସଂଧ୍ୟାରେ ମୁଖ୍ୟ ଅଭିଯୁକ୍ତ କୌଣସି ସୂତ୍ରରୁ ସୂଚନା ପାଇବା ପରେ ଅନୁଗୁଳକୁ ଫେରାର ହେବା ପାଇଁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିବା ବେଳେ ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରାଯାଇଥିଲା। ଏହି ଚଢ଼ଉରେ ଏସ.ଆଇ ସିଦ୍ଧାନ୍ତ ବେହେରା ଏବଂ ଏସଆଇ ରାଜେନ୍ଦ୍ର ପାଙ୍ଗୀଙ୍କ ନେତୃତ୍ୱରେ ପୁଲିସ ଦଳ ସାମିଲ ହୋଇଥିଲେ।

## ପେଣ୍ଠିଆ-ହାଲ୍‌ବା ଆଦିବାସୀ ସମାଜ ବିକାଶ ପରିଷଦର ସଭାଗୃହ ଉଦ୍‌ଘାଟିତ



ଜୟପୁର, ୨୬।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ସାନକାଉଡ଼ି ଗ୍ରାମରେ ପେଣ୍ଠିଆ-ହାଲବା ଆଦିବାସୀ ସମାଜସ ବିକାଶ ପରିଷଦର ନୂତନ ସଭାଗୃହ ଉଦ୍‌ଘାଟନ ସହିତ ଚଇତି ପରବ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଏହି ସଭାଗୃହକୁ ଉଦ୍‌ଘାଟନ କରିବା ସହିତ ପେଣ୍ଠିଆ ଓ ହାଲବ ଆଦିବାସୀ ସମ୍ପ୍ରଦାୟ ଓଡିଶା ତଥା ଦେଶର ଏକ ଆଦିମ ଜନଜାତି ଅଟନ୍ତି। ତେଣୁ ସେମାନଙ୍କ ସଂସ୍କୃତି, ପାରମ୍ପରିକତା ଓ ଜୀବନଶୈଳୀ ଏକ ନିଆରା ଅଟେ। ଆଦିବାସୀ ସମାଜର ସାମୂହିକ ଉନ୍ନତି, ସମ୍ମାନ ଓ ସଂସ୍କୃତିର ସୁରକ୍ଷା ପ୍ରତି ସମସ୍ତଙ୍କ ସହାୟତା ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ତିଳତ୍ତମା ମୁଦୁଲୀ, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମି ରଥ ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ ସମାଜର ସଭାପତି ପୀତବାସ ହଲାବ, ସମ୍ପାଦକ ଆନନ୍ଦ ହାଲବା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ୧୨ଟି ଆଦିବାସୀ ଜନଜାତିର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ଏବଂ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନାବାଳିକା ପ୍ରେମିକାଙ୍କୁ ଦୁଷ୍କର୍ମ, ନିର୍ଯାତନା ଅଭିଯୋଗ

ଜୟପୁର,୨୬।୪(ସମିସ): ଜୟପୁର ସଦରଥାନାର ଆମ୍ବାଗୁଡା ଅଞ୍ଚଳରେ ଅଭିଯୁକ୍ତ ଯୁବକ ନାବାଳିକା ପ୍ରେମିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ପରିବାର ଚାପ ଯୋଗୁଁ ଅଭିଯୁକ୍ତ ନାବାଳିକାଙ୍କୁ ବିବାହ କରିଥିଲେ ଏବଂ କିଛି ଦିନ ରଖିବା ପରେ ଅଭିଯୁକ୍ତ ସ୍ୱାମୀ, ତାଙ୍କ ଭାଇ ଓ ଶାଶୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ ଏବଂ ଘରୁ ବାହାର କରି ଦେଇଥିଲେ। ଏଥିନେଇ ନାବାଳିକାଙ୍କ ସଦରଥାନାରେ ଲିଖିତ ଅଭିଯୋଗ କ୍ରମେ ଅଭିଯୁକ୍ତ ସ୍ୱାମୀ ଲିଭିଙ୍ଗ ହରିଜନଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାର ତଦନ୍ତ କରିବା ସହ ଲିଭିଙ୍ଗକୁ ଅଟକ ରଖି ତା ସହିତ ପଚରା ଉଚୁରା ଜାରି ରଖିଥିବା ସଦରଥାନା ଏସଆଇ ପଙ୍କଜିନୀ ଶବର ପ୍ରକାଶ କରିଛନ୍ତି।

### ଜିଲ୍ଲା ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ, କାର୍ଯ୍ୟକର୍ତ୍ତା ଚୟନ
# ଅନିଲ ସଭାପତି, ପ୍ରସନ୍ନ ସମ୍ପାଦକ

ରାୟଗଡ,୨୬।୪(ସମିସ):



ରାୟଗଡ଼ ଜିଲ୍ଲା ଓଷ୍ଟା ୫ମ ସାମ୍ବିଧାନିକ ସମ୍ମିଳନୀ ଆଜି ଉତ୍କଳ ଖଦୀମଣ୍ଡଳ ମାଧ୍ୟମିକ ବିଦ୍ୟାପୀଠ ଗୋପାଳବାଡି ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ତିନି ବର୍ଷ ପାଇଁ ନୂଆ ପରିଚାଳନା କମିଟି ଗଠନ କରାଯାଇଛି । ଜିଲ୍ଲା ସଭାପତି ଭାବେ ଅନିଲ କୁମାର ପୁରୋହିତ, କାର୍ଯ୍ୟକାରୀ ସଭାପତି ଭାବେ ସୁଶାନ୍ତ କୁମାର ପଣ୍ଡା, ଉପସଭାପତି ଭାବରେ ମହେଶ କୁମାର ପଟ୍ଟନାୟକ, ରବିନ୍ଦ୍ରନାଥ ପଣ୍ଡିତ ଓ ଇନ୍ଦିରା ମହାପାତ୍ର ସମ୍ପାଦକ ଭାବରେ ପ୍ରସନ୍ନ କୁମାର ରଥ, ଯୁଗ୍ମ ସମ୍ପାଦକ ଭାବରେ ସୁଧୀର କୁମାର ଦଳପତି, ମନୋଜ କୁମାର ଡାକୁଆ ଓ ଜ୍ୟୋତିର୍ମୟୀ ପାଣିଗ୍ରାହୀ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବରେ ପ୍ରମୋଦ କୁମାର ମହାପାତ୍ର, ରଞ୍ଜିତ ଗୌଡ, ଖିରସିନ୍ଧୁ ରାଉତ ଓ ଯୋନୋଫା ଶବର ମନୋନୀତ ହୋଇଛନ୍ତି। ସେହିପରି ରାୟଗଡ ବ୍ଲକ୍ ସଭାପତି ଓ ସମ୍ପାଦକ ଭାବରେ ମନୋଜ କୁମାର ଗୈଡ଼, କେ. ରାମାରାଓ, କୋଲନରା ପାଇଁ ଶ୍ରୀନିବାସ ପଟ୍ଟନାୟକ, ନିରଞ୍ଜନ ନାୟକ, କାଶିପୁର ପାଇଁ ସୁମିତ କୁମାର ସ୍ୱାଇଁ, ସୋମନାଥ ଗାଣ୍ଡିକି, କଲ୍ୟାଣସିଂହପୁର ସମ୍ପାଦକ ଭାବରେ ମନୋଜ କୁମାର ସାହୁକାର, ବିଷମକଟକ ପାଇଁ ସଭାପତି ଦିଲ୍ଲିପ କୁମାର ପରିଜା ସମ୍ପାଦକ ଭାବରେ ପ୍ରତାପ ଚନ୍ଦ୍ର ରାଜୁ, ମୁନିଗୁଡା ରାମପ୍ରସାଦ ରଥ, ପବିତ୍ର ମୋହନ କର, ପଦ୍ମପୁର ନିରଞ୍ଜନ ସାହୁ ଛନ୍ଦା ଚରଣ ପାଣିଗ୍ରାହୀ, ଗୁଡ଼ାରୀ ନେତ୍ରାଞ୍ଜନ ସାହୁ, ଭଗବାନ ତୁଳ, ଗୁଣୁପୁର କୃଷ୍ଣଚନ୍ଦ୍ର ପ୍ରଧାନ, ପଦ୍ମଚରଣ ବେହେରା, ଚନ୍ଦ୍ରପୁର ଲଳିତେନ୍ଦୁ ଦାସ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ରାଜ୍ୟର ଉପସଭାପତି ଅରୁଣ କୁମାର ବଳ ରାଜ୍ୟ ସହ ସମ୍ପାଦକ ମନୋଜ କୁମାର ପାଢୀ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଜୟ କୁମାର ନାୟକ ମଞ୍ଚାସୀନ ହୋଇ ବର୍ତ୍ତମାନ ସମୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମସ୍ୟା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଶେଷରେ ଗୋପାଳବାଡି ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶାର ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରି ୨ ଜଣ ଗିରଫ ହେବା ପରେ ଆନ୍ଧ୍ର ପ୍ରଦେଶ ସାଲୁରର ବିଧାୟିକା ଗୁମାଡ଼ି ସନ୍ଧ୍ୟା ରାଣୀଙ୍କ ଶରଣରେ ଉପରସେମ୍ବୀ ଗ୍ରାମବାସୀ

## ଗ୍ରାମୀଣ ଜଳଯୋଗାଣ କାମ ନିମ୍ନମାନର: ବିଧାୟକ



ଲକ୍ଷ୍ମୀପୁର,୨୬।୪(ସମିସ): ଆରମ୍ଭ ହୋଇଛି ଗ୍ରୀଷ୍ମ ପ୍ରବାହ। ଚାରି ଆଡେ ଖରା ତାତିରେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ। ଏପରି ସମୟରେ ଲକ୍ଷ୍ମୀପୁର ସଦର ମହକୁମାରେ ଗତ ବର୍ଷ ପାନୀୟ ଜଳ ଯୋଗାଣ ନିମନ୍ତେ ନିର୍ମାଣ ହୋଇଥିବା ମେଗା ପ୍ରକଳ୍ପ କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଅଧିକାଂଶ ସ୍ଥାନରେ ପାଇପ୍ ଫାଟି ରାସ୍ତା ଉପରେ ପାଣି ବୋହିଯାଉଛି। ଆମ୍ବେଦକର ଛକ ନିକଟରେ ମୃତ୍ୟାଲୁ ମା'ମନ୍ଦିରକୁ ଯିବା ରାସ୍ତାରେ ଘରକୁ ଘର ପାଇପ୍ ଦିଆଯାଇଛି। ଏହି ପାଇପ୍ ଗୁଡ଼ିକ ରାସ୍ତା ଉପରେ ରହିଛି। ଏହା ଉପରେ ଗାଡ଼ି ମଟର ଚଳାଚଳ ହେଉଥିବା ହେତୁ ପାଇପ୍ ଫାଟି ପାଣି ସବୁ ନଷ୍ଟ ହେଉଛି ଏବଂ ରାସ୍ତା ମଧ୍ୟ ଖରାପ ହେଉଛି। ଏ ସବୁ ଦୃଶ୍ୟ ବିଧାୟକଙ୍କ ଆଖିରେ ପଡ଼ିଥିଲା। ଏହା ଦେଖି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏ ପ୍ରକାର ଅବ୍ୟବସ୍ଥା ନେଇ ବିଗତ ଦିନରେ ଅଭିଯୋଗ କରିଥିଲି। ଲୋକେ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। କୋଟି କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ ହେଉଛି । ଠିକ୍ ରୂପେ କାର୍ଯ୍ୟ ସମ୍ପାଦନ ହେଉ ନ ଥିବା ଯୋଗୁଁ ତାହା ପାଣିରେ ପଡିଛି। ଲକ୍ଷ୍ମୀପୁର ସଦର ମହକୁମାର ବିଭିନ୍ନ ସ୍ଥାନରେ ଏଭଳି ହୋଇଛି। ତେଣୁ ବିଭାଗୀୟ ଅଧିକାରୀ ଏ ନେଇ ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ବିଧାୟକ କହିଛନ୍ତି।

## ନାବାଳିକାଙ୍କୁ ଘରେ ରଖି ଦୁଷ୍କର୍ମ, ନିର୍ଯାତନା: ଅଭିଯୁକ୍ତ ଗିରଫ



ଜୟପୁର,୨୬।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ପକ୍ଷରୁ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ନିଜ ଘରକୁ ନେଇ ଦୁଇବର୍ଷ ପତ୍ନୀ ଭାବେ ରଖିବା ପରେ ନିର୍ଯାତନା ଦେଇ ମାଡମାରି ଘରୁ ବାହାର କରି ଦେଇଥିବା ନେଇ ଅଭିଯୁକ୍ତଙ୍କ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ କୋରାପୁଟ ଟାଉନଥାନା ରଙ୍ଗବାଲି କୁମ୍ଭା ଗ୍ରାମର ସତ୍ୟନାରାୟଣ ବାଘ(୨୮)। ପୁଲିସ ସୂଚନା ଅନୁଯାୟୀ, ଗତ ୨୦୨୪ ମସିହାରେ ଅଭିଯୁକ୍ତ ୧୬ ବର୍ଷର ଜଣେ ନାବାଳିକାଙ୍କୁ ପ୍ରେମ କରିବା ସହିତ ତାଙ୍କୁ ଘରକୁ ଆଣି ପତ୍ନୀ ଭାବେ ରଖିଥିଲେ। କିନ୍ତୁ କିଛି ଦିନ ପରେ ନାବାଳିକାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହିତ ଘରୁ ବାହାର କରିଦେଇଛନ୍ତି। ବର୍ତ୍ତମାନ ସାବାଳିକା ହୋଇଥିବା ଅଭିଯୋଗକାରିଣୀ ଥାନାର ଦ୍ୱାରସ୍ଥ ହେବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୁଷ୍କର୍ମ ଓ ନାବାଳିକା ନିର୍ଯାତନା ନେଇ ମାମଲା ଗତ ୨୨ ତାରିଖରେ ଏତଲା ଦେଇଥିଲେ। ମହିଳା ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲକୋ ସୂଚନା ଦେଇଛନ୍ତି।

### ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ
# ନାମ ଲେଖାଇବାକୁ ନେଇ ଚିନ୍ତାରେ ଅଭିଭାବକ

ତେନ୍ତୁଲିଖୁଣ୍ଟି ,୨୬।୪(ସମିସ):



ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଭବିଷ୍ୟତ ନେଇ ଚିନ୍ତାରେ ଅଭିଭାବକ। ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି । ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏକ ପ୍ରକାର ଅନ୍ଧକାର ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୪୦ ରହିଛି। ସେଠାରେ ପ୍ରକଳ୍ପ ତରଫରୁ ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି । ବିଦ୍ୟାଳୟ ପ୍ରତି ପ୍ରକଳ୍ପର ଅଣଦେଖା ଓ ଏହାର ପ୍ରତିବାଦ ପରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ୫ ଜଣ ଶିକ୍ଷକ ଏବଂ ୩ ଜଣ ଶିକ୍ଷକ ପାଳି କରି ଯୋଗାଇ ବିଦ୍ୟାଳୟରେ ଶିକ୍ଷାଦାନ କରାଯାଉଛି । ବର୍ତ୍ତମାନ ବିଦ୍ୟାଳୟ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ପ୍ରକଳ୍ପ ଓ ଜିଲ୍ଲା ଶିକ୍ଷା ବିଭାଗର ସର୍ବମୋଟ ୮ଜଣ ଶିକ୍ଷକ ଓ ୩ଜଣ ପାଳି ଶିକ୍ଷକ ରହିଛନ୍ତି । ୩ ଜଣ ଶିକ୍ଷକ ପାଳିରେ ଆସୁଥିବା ବେଳେ ବିଦ୍ୟାଳୟରେ ୫ଟି ଶ୍ରେଣୀର ୧୦ଟି ସେକ୍ସନରେ ୮ ଜଣ ଶିକ୍ଷକ କିଭଳି ପାଠ ପଢ଼ାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ। ଆସନ୍ତା ଜୁଲାଇ ମାସରେ ବିଦ୍ୟାଳୟର ରେଗୁଲାର ଶିକ୍ଷକ ଗଣେଶ ବାଗ ଏବଂ ମେ' ମାସରେ ସୁଦର୍ଶନ ସାହୁଙ୍କ ଅବସର ହେଉଥିବା ବେଳେ ଶିକ୍ଷକଙ୍କ ସଂଖ୍ୟା ୬ରେ ପହଞ୍ଚିବ। ଏହାପରେ ଜିଲ୍ଲା ଶିକ୍ଷା ବିଭାଗ ଆଉ କିଛି ଅତିଥି ଶିକ୍ଷକ ଦେବ ନା ଦେବନାହିଁ ତାକୁ ନେଇ ଚିନ୍ତାରେ ପଡିବା ସହ ବିଦ୍ୟାଳୟରେ ନାମ ଲେଖା ପାଇଁ ପଛଘୁଞ୍ଚା ଦେଇ ୫କିଲୋମିଟର ଦୂର ଦେଓପାଲି, ନଚେତ ୩ କିଲୋମିଟର ଦୂର ଲମତାଗୁଡା ଉଚ୍ଚ ବିଦ୍ୟାଳୟ ଉପରେ ଭରସା କରୁଛନ୍ତି। ଆଉ କିଛି ଅଭିଭାବକ ଭଗବାନଙ୍କୁ ଭରସା କରି ଏହି ବିଦ୍ୟାଳୟରେ ନାମ ଲେଖାଉଥିବା କହିଛନ୍ତି । ଯେଉଁ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ୧୧୦ ଛାତ୍ରଛାତ୍ରୀ ରହିଛନ୍ତି। ସେହି ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୩ରେ ସୀମିତ ରହୁଛି । ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୭୧, ଅଷ୍ଟମ ଶ୍ରେଣୀରେ ୬୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହି ଅନୁପାତକୁ ଦେଖିଲେ ବର୍ତ୍ତମାନର ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦଶମ ଶ୍ରେଣୀ ତୁଳନାରେ ୫୦ ପ୍ରତିଶତ ମଧ୍ୟ ହେଉନାହିଁ । ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ନାମଲେଖା ଜାରିରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୪୦ ଜଣ ନାମ ଲେଖାଇଛନ୍ତି । ବାର୍ଷିକ ଅନୁପାତକୁ ଦେଖିଲେ, ଅଭିଭାବକ ଏହି ବିଦ୍ୟାଳୟରୁ ମୁହଁ ଫେରାଉଥିବା ବାରିହୋଇ ପଡୁଛି । ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ବିଦ୍ୟାଳୟର ପୂର୍ବାବସ୍ଥା ଫେରାଇବା ପାଇଁ ଦାବି ହେଉଛି। ବିଦ୍ୟାଳୟ ପ୍ରକଳ୍ପ ଅଧୀନରୁ ଶିକ୍ଷା ବିଭାଗକୁ ହସ୍ତାନ୍ତର କଲେ ବିଦ୍ୟାଳୟ ପ୍ରତି ଅଭିଭାବକଙ୍କ ଆସ୍ଥା ଭାଜନ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି। ସରକାର ଏହାର ସୁବିଚାର କରି ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି ହେଉଛି।






# ହ୍ୱାଇଟ୍ ହାଉସ୍‌ରେ ସୁରକ୍ଷା ବିଭ୍ରାଟ; ବିପଦରେ ରାଷ୍ଟ୍ରନେତା

ୱାସିଂଟନ୍,୨୬।୪(ଏଜେନ୍ସି):

ଆମେରିକା ରାଜଧାନୀର ସବୁଠାରୁ ପ୍ରତିଷ୍ଠିତ ସାମାଜିକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ 'ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ସମ୍ମିଳନୀ ଭୋଜି' ବା କରେସପଣ୍ଡେଣ୍ଟସ ଡିନର ଏକ ଭୟଙ୍କର ରକ୍ତପାତର ସାକ୍ଷୀ ହେବାରୁ ଅଳ୍ପକେ ବର୍ତ୍ତିଯାଇଛି। ଶନିବାର ରାତିରେ ୱାସିଂଟନ୍ ହଲ୍‌ଟନ୍ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଳିମାଡ଼ ହୋଇଛି। ପରେ ସେଠାରେ ଉପସ୍ଥିତ ଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସମେତ ଅନେକ ଶୀର୍ଷ ଅଧିକାରୀଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ବାହାର କରାଯାଇଛି। ସ୍ଥାନୀୟ ସମୟ ଅନୁସାରେ ଗତରାତିର ଏହି ଭୋଜି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ହୋଟେଲର ମୁଖ୍ୟ ସୁରକ୍ଷା ପ୍ରବେଶ ପଥ ନିକଟରେ ଗୁଳି ଶବ୍ଦ ଶୁଣାଯାଇଥିଲା। ତୁରନ୍ତ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ସେଠାରୁ ବାହାର କରି ନେଇଥିଲେ। ଏହାର କିଛି ସମୟ ପରେ ଜୋରରେ ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା। ଏଥିରେ ହଲ୍ ଭିତରେ ଥିବା ଅତିଥିମାନେ ଆତଙ୍କିତ ହୋଇ ଟେବୁଲ୍ ତଳେ ଆଶ୍ରୟ ନେଇଥିଲେ। ଉଦ୍ଧାର କାର୍ଯ୍ୟ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ଝୁଣ୍ଟି ପଡ଼ିଥିବା ବେଳେ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତାଙ୍କୁ ଉଠାଇ ନେଇଥିଲେ। ଅନ୍ୟପଟେ, ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଏଜେଣ୍ଟମାନେ ସିଧାସଳଖ ଚେୟାରରୁ ଉଠାଇ ବାହାରକୁ ନେଇଯାଇଥିଲେ। କେବଳ ଟ୍ରମ୍ପ ନୁହଁନ୍ତି, ଏରିକା କିର୍କ (ମୃତ ଚାର୍ଲି କିର୍କଙ୍କ ପତ୍ନୀ) ମଧ୍ୟ ଏହି ଘଟଣାରେ ଅତ୍ୟନ୍ତ ଭୟଭୀତ ହୋଇ କାନ୍ଦୁଥିବାର ଦେଖାଯାଇଥିଲା। ପୂର୍ବତନ ସ୍ୱାସ୍ଥ୍ୟ ସଚିବ ରବର୍ଟ ଏଫ୍. କେନେଡି ଜୁନିୟର ମଧ୍ୟ ଭୟଭୀତ ହୋଇପଡ଼ିଥିଲେ ଏବଂ ତାଙ୍କୁ ଧରାଧରି କରି ବାହାରକୁ ଅଣାଯାଉଥିବା ଦେଖିବାକୁ ମିଳିଥିଲା।



ଏହି ଗୁଳିକାଣ୍ଡ ଘଟାଇଥିବା ଅଭିଯୋଗରେ ୩୧ ବର୍ଷୀୟ କୋଲ୍ ଟୋମାସ ଆଲେନଙ୍କୁ ଗିରଫ କରାଯାଇଛି। କାଲିଫର୍ନିଆର ଟୋରାନ୍ସର ବାସିନ୍ଦା ଆଲେନ ସୁରକ୍ଷା ବାଡ଼ ଭାଙ୍ଗିବାକୁ ଚେଷ୍ଟା କରିବା ସହ ଜଣେ ସିକ୍ରେଟ୍ ସର୍ଭିସ ଏଜେଣ୍ଟଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କ ନିକଟରୁ ପୁଲିସ ଏକ ଶଟଗନ୍, ଏକ ହ୍ୟାଣ୍ଡଗନ୍ ଏବଂ ଏକାଧିକ ଛୁରୀ ଜବତ କରିଛି। ତଦନ୍ତରୁ ଜଣାପଡିଛି ଯେ ଆଲେନ ଜଣେ ଅତି ଉଚ୍ଚ ଶିକ୍ଷିତ ବ୍ୟକ୍ତି। ସେ ପ୍ରତିଷ୍ଠିତ କାଲିଫର୍ନିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଏବଂ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ବୃତ୍ତିରେ ସେ ଜଣେ ସ୍ୱାଧୀନ ଗେମ୍ ଡେଭଲପର ଏବଂ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ଡିସେମ୍ବର ୨୦୨୪ରେ ତାଙ୍କୁ 'ଟିଚର ଅଫ୍ ଦି ମନ୍ଥ' ଭାବେ ସମ୍ମାନିତ କରାଯାଇଥିଲା। ପୁଲିସ ମୁଖ୍ୟ ଜେଫରି କାରୋଲଙ୍କ ଅନୁଯାୟୀ, ଆଲେନ ଏହି କାଣ୍ଡ ଏକାକୀ ଘଟାଇଛନ୍ତି। ତେଣୁ ତାଙ୍କୁ ଜଣେ 'ଲୋନ୍ ୱଲ୍ଫ' ଭାବେ ବର୍ଣ୍ଣନା କରାଯାଇଛି। ଯଦିଓ ସେ ଟ୍ରମ୍ପ ପ୍ରଶାସନର ଅଧିକାରୀମାନଙ୍କୁ ଟାର୍ଗେଟ କରିବାକୁ ଚାହୁଁଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି, ତଥାପି ଏହି ଆକ୍ରମଣ ପଛର ପ୍ରକୃତ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ତଦନ୍ତରୁ ଜଣାପଡିଛି ଯେ ସେ ଅକ୍ଟୋବର ୨୦୨୪ରେ କମଳା ହାରିସଙ୍କ ପ୍ରଚାର ଅଭିଯାନ ପାଇଁ ୨୫ ଡଲାର ଦାନ କରିଥିଲେ।

ଏହି ଘଟଣା ପରେ ନିଜ ପ୍ରତିକ୍ରିୟାରେ ଟ୍ରମ୍ପ ରାଜନୀତିକୁ ଏକ "ବିପଜ୍ଜନକ ବୃତ୍ତି" ବୋଲି ବର୍ଣ୍ଣନା କରିଛନ୍ତି। ସେ ନିଜକୁ ଆମେରିକାର ୧୬ତମ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ସହ ତୁଳନା କରିଛନ୍ତି। ଟ୍ରମ୍ପଙ୍କ ଅନୁସାରେ, ଲିଙ୍କନଙ୍କ ଭଳି ପ୍ରଭାବଶାଳୀ ନେତାମାନେ ହିଁ ଆକ୍ରମଣର ଶିକାର ହୋଇଥାନ୍ତି। ଉଲ୍ଲେଖଯୋଗ୍ୟ, ଗତ ତିନି ବର୍ଷ ମଧ୍ୟରେ ଟ୍ରମ୍ପଙ୍କ ଉପରେ ଏହା ତୃତୀୟ ଆକ୍ରମଣ ଉଦ୍ୟମ। ଏହା ପୂର୍ବରୁ ୨୦୨୪ ମସିହା ଜୁଲାଇରେ ପେନସିଲଭାନିଆର ଏକ ରାଲିରେ ଏବଂ ସେହି ବର୍ଷ ସେପ୍ଟେମ୍ବରରେ ଫ୍ଲୋରିଡ଼ା ଗଲ୍ଫ କ୍ଲବରେ ମଧ୍ୟ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା।

ଏହା ପରେ ଆମେରିକାର ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇର ନିର୍ଦ୍ଦେଶକ କାଶ ପଟେଲଙ୍କୁ ଖୁବ୍‌ଶୀଘ୍ର ତାଙ୍କ ପଦରୁ ବିଦା କରାଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏନେଇ ଜଣେ ବରିଷ୍ଠ ହ୍ୱାଇଟ୍ ହାଉସ୍ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ କାରୋଲିନ ଲିଭିଟ୍ ବର୍ତ୍ତମାନ ପାଇଁ ତାଙ୍କୁ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ବୋଲି କହି ସମର୍ଥନ କରିଛନ୍ତି। କିନ୍ତୁ ଅଧିକାରୀଙ୍କ କହିବା ଅନୁଯାୟୀ, ତାଙ୍କର ବିଦାୟ କେବଳ ସମୟର ଅପେକ୍ଷା।

ଗୁଳିକାଣ୍ଡ ଘଟଣା ପରେ ହ୍ୱାଇଟ ହାଉସ ପ୍ରେସ ସେକ୍ରେଟାରୀ କାରୋଲାଇନ ଲିଭିଟ୍‌ଙ୍କ ଏକ ପୁରୁଣା ବୟାନ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଆକ୍ରମଣର କିଛି ସମୟ ପୂର୍ବରୁ କାରୋଲାଇନ ଫକ୍ସ ନ୍ୟୁଜକୁ ଏକ ସାକ୍ଷାତକାର ଦେଇଥିଲେ। ସେଥିରେ ସେ "ଆଜି ରାତିରେ ଏହି କୋଠରୀରେ କିଛି ଗୁଳି ଚାଲିବ' ବୋଲି କହିଥିଲେ। ଯଦିଓ ସେ ଏହି ଶବ୍ଦକୁ ଟ୍ରମ୍ପଙ୍କ ଭାଷଣରେ ଥିବା ରାଜନୈତିକ ବ୍ୟଙ୍ଗ ବା କଟାକ୍ଷ ଅର୍ଥରେ ବ୍ୟବହାର କରିଥିଲେ, କିନ୍ତୁ ପ୍ରକୃତ ଗୁଳିକାଣ୍ଡ ପରେ ଏହାକୁ ଏକ ଭୟଙ୍କର ସଂଯୋଗ ବୋଲି କୁହାଯାଉଛି।

ଆଜିର ଆକ୍ରମଣକୁ ବିଶ୍ୱ ନେତାମାନେ କଠୋର ନିନ୍ଦା କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସ ମାଧ୍ୟମରେ କହିଛନ୍ତି ଯେ, "ରାଷ୍ଟ୍ରପତି ଟ୍ରମ୍ପ, ପ୍ରଥମ ମହିଳା ଏବଂ ଉପ-ରାଷ୍ଟ୍ରପତି ସୁରକ୍ଷିତ ଥିବା ଜାଣି ମୁଁ ଆଶ୍ୱସ୍ତ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ'। ସେହିପରି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନେ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିଛନ୍ତି।

## ଆତଙ୍କବାଦୀ ଆକ୍ରମଣରେ ମାଲି ପ୍ରତିରକ୍ଷା ମନ୍ତ୍ରୀ ନିହତ

ବାମାକୋ,୨୬।୪(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଆତଙ୍କବାଦୀ ହିଂସା ଭୟଙ୍କର ରୂପ ଧାରଣ କରିଛି। ଏକ ବଡ଼ ଧରଣର ସମନ୍ୱିତ ଆକ୍ରମଣରେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ସାଦିଓ କାମାରା ପ୍ରାଣ ହରାଇଛନ୍ତି। ରାଜଧାନୀ ବାମାକୋ ବାହାରେ ଥିବା କାଟି ସାମରିକ ଘାଟିରେ ଥିବା ତାଙ୍କ ବାସଭବନରେ ଅଲ-କାଏଦା ସହ ଜଡିତ ଗୋଷ୍ଠୀ ଦ୍ୱାରା ହୋଇଥିବା ଆକ୍ରମଣରେ ସେ ନିହତ ହୋଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଦେଶରେ ହୋଇଥିବା ଏହା ସବୁଠାରୁ ବଡ଼ ସମନ୍ୱିତ ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ରବିବାର ରାଜଧାନୀ ନିକଟସ୍ଥ ଏକ ଗ୍ୟାରିସନ୍ ସହରରେ ଗୁଳି ବିନିମୟ ଜାରି ରହିଥିବା ଜଣାପଡିଛି। ଏହି ଆକ୍ରମଣ ପାଇଁ ଅଲ-କାଏଦାର ଏକ ସହଯୋଗୀ ସଂଗଠନ ଏବଂ ଟୁଆରେଗ ବିଦ୍ରୋହୀମାନେ ନିଜକୁ ଦାୟୀ କରିଛନ୍ତି। ବିଦ୍ରୋହୀମାନେ ଦେଶର ସୁନା ଉତ୍ପାଦନକାରୀ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଛନ୍ତି। ଏପରିକି ବିଦ୍ରୋହୀମାନେ ଗୁରୁତ୍ୱପୂର୍ଣ୍ଣ ସହର କିଡାଲ୍‌କୁ ସରକାରୀ ସେନାଠାରୁ ପୁନର୍ବାର ଦଖଲ କରିଥିବା ଦାବି କରିଛନ୍ତି।

## କଲମ୍ବିଆ ବସ୍ ବିସ୍ଫୋରଣ; ୧୩ ମୃତ


କଲମ୍ବିଆ,୨୬।୪(ଏଜେନ୍ସି): ଦକ୍ଷିଣ-ପଶ୍ଚିମ କଲମ୍ବିଆର କାଉକା ଅଞ୍ଚଳରେ ଏକ ଭୀଷଣ ବିସ୍ଫୋରଣ ଘଟି ଯାତ୍ରୀବାହୀ ବସରେ ଥିବା ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୮ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଦେଶର ସେନା ମୁଖ୍ୟ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ଭାବରେ ଅଭିହିତ କରିଛନ୍ତି। ହାଇୱେରେ ବସ୍‌ଟି ଯାଉଥିବା ସମୟରେ ବିସ୍ଫୋରଣ ଘଟାଯାଇଥିଲା। ଆହତଙ୍କ ମଧ୍ୟରେ ୫ ଜଣ ଶିଶୁ ରହିଥିବା ବେଳେ ମୃତକଙ୍କ ମଧ୍ୟରେ ଅନେକ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକ ଅଛନ୍ତି ବୋଲି ପ୍ରାଥମିକ ରିପୋର୍ଟରୁ ଜଣାପଡିଛି। କଲମ୍ବିଆ ସଶସ୍ତ୍ର ବାହିନୀର କମାଣ୍ଡର ଜେନେରାଲ ହ୍ୟୁଗୋ ଲୋପେଜ୍ ଏହି ଆକ୍ରମଣ ପାଇଁ ପୂର୍ବତନ ବିଦ୍ରୋହୀ ଗୋଷ୍ଠୀଙ୍କ ମଧ୍ୟରୁ ଏକ ଗୋଷ୍ଠୀ ତଥା ଏହାର ନେତା ଇଭାନ୍ ମୋର୍ଡିସ୍କଙ୍କୁ ଦାୟୀ କରିଛନ୍ତି। ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

## ଦିଲ୍ଲୀରେ ସ୍ୱିସ୍ ବିମାନରେ ନିଆଁ: ୬ ଆହତ, ୨୩୨ ଯାତ୍ରୀ ଉଦ୍ଧାର

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ରବିବାର ଏକ ବଡ଼ ଧରଣର ବିମାନ ଅଘଟଣ ଟଳିଯାଇଛି। ଦିଲ୍ଲୀରୁ ସ୍ୱିଜରଲାଣ୍ଡର ଜ୍ୟୁରିକ୍ ଅଭିମୁଖେ ଯାତ୍ରା କରୁଥିବା ସ୍ୱିସ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ିବା ଆରମ୍ଭ କରିବା ସମୟରେ ଏହାର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ତେବେ ପାଇଲଟଙ୍କ ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ଯୋଗୁଁ ବିମାନରେ ଥିବା ୨୩୨ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ସ୍ୱିସ୍ ଏୟାରଲାଇନ୍ସର ଏୟାରବସ୍ ଏ୩୩୦ (ଫ୍ଲାଇଟ୍ ଏଲ୍‌ଏକ୍ସ୧୪୭) ବିମାନଟି ରବିବାର ରନୱେ ୨୮ରୁ ଉଡ଼ାଣ ଆରମ୍ଭ କରୁଥିଲା। ବିମାନଟି ପ୍ରାୟ ୧୦୪ ନଟ୍ ଗତିରେ ଥିବାବେଳେ ଏହାର ଏକ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ଏବଂ ନିଆଁ ଲାଗିଯାଇଥିଲା। ବିପଦକୁ ଆଖିରେ ରଖି କ୍ରୁ ସଦସ୍ୟମାନେ ତୁରନ୍ତ ଟେକ୍-ଅଫ୍ ବାତିଲ କରିଥିଲେ। ଏହପରେ ରନୱେ ଉପରେ ହିଁ ଯାତ୍ରୀମାନଙ୍କୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ବିମାନରେ ୪ ଜଣ ଶିଶୁଙ୍କୁ ମିଶାଇ ମୋଟ ୨୨୮ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଜରୁରୀକାଳୀନ ସ୍ଲାଇଡ୍ ଏବଂ କିଛି କ୍ଷେତ୍ରରେ ସିଡ଼ି ସାହାଯ୍ୟରେ ସମସ୍ତଙ୍କୁ ବିମାନରୁ ବାହାର କରାଯାଇଥିଲା। ଏହି ଉଦ୍ଧାର ପ୍ରକ୍ରିୟା ସମୟରେ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ବିମାନର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି।

## କିମ୍ବଦନ୍ତୀ ଫଟୋଗ୍ରାଫର ରଘୁ ରାୟଙ୍କ ପରଲୋକ

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ଭାରତୀୟ ଫଟୋ ସାମ୍ବାଦିକତା ଜଗତର ଜଣେ କିମ୍ବଦନ୍ତୀ ପୁରୁଷ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ରଘୁ ରାୟଙ୍କ ରବିବାର ନୂଆଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଶ୍ରୀ ରାୟ ଦୀର୍ଘ ଦିନ ଧରି କର୍କଟ ରୋଗ ଏବଂ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟା ସହ ଲଢୁଥିଲେ। ପୂର୍ବରୁ ସେ ପ୍ରୋଷ୍ଟେଟ୍ ଏବଂ ପେଟ କର୍କଟରୁ ସୁସ୍ଥ



ହୋଇଥିଲେ ମଧ୍ୟ ନିକଟରେ ଏହି ମାରାତ୍ମକ ରୋଗ ତାଙ୍କ ମସ୍ତିଷ୍କକୁ ବ୍ୟାପିଯାଇଥିଲା। ଆଜି ଅପରାହ୍ଣ ୪ଟା ସମୟରେ ନୂଆଦିଲ୍ଲୀର ଲୋଧି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ତାଙ୍କ ବିୟୋଗରେ ସାମ୍ବାଦିକତା ଏବଂ କଳା ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ୧୯୪୨ରେ ଅବିଭକ୍ତ ପଞ୍ଜାବର ଝାଙ୍ଗ (ବର୍ତ୍ତମାନ ପାକିସ୍ତାନରେ) ଜନ୍ମିତ ଶ୍ରୀ ରାୟ, ନିଜ ବଡ଼ ଭାଇ ଏସ୍. ପଲ୍‌ଙ୍କ ପ୍ରେରଣାରେ ୧୯୬୦ ଦଶକରୁ ଫଟୋଗ୍ରାଫି ଆରମ୍ଭ କରିଥିଲେ। ୧୯୭୨ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ଏବଂ ଶରଣାର୍ଥୀ ସମସ୍ୟାର ଉତ୍କୃଷ୍ଟ ଫଟୋ କଭରେଜ୍ ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ୧୯୯୨ରେ ଫଟୋଗ୍ରାଫର ଅଫ୍ ଦି ଇୟର (ଆମେରିକା) ଏବଂ ୨୦୦୯ରେ ଫ୍ରାନ୍ସ ସରକାରଙ୍କ ଦ୍ୱାରା ଅଫିସର ଦେଶ ଆର୍ଟ୍ସ ଏଟ୍ ଦେସ୍ ଲେଟ୍ରେସ୍ ସମ୍ମାନରେ ସେ ଭୂଷିତ ହୋଇଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ ଶୋକ ବ୍ୟକ୍ତ କରିଛନ୍ତି।

## ଆଶଙ୍କାରେ ଇସ୍ରାଏଲ-ଲେବାନନ ଅସ୍ତ୍ରବିରତି

### ହିଜବୁଲ୍ଲା ଉପରେ ଭୀଷଣ ଆକ୍ରମଣ ପାଇଁ ନେତନ୍ୟାହୁଙ୍କ ନିର୍ଦ୍ଦେଶ

ଜେରୁଜେଲମ୍/ବେରୁତ, ୨୬।୪ (ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ ଭୁଶୁଡ଼ିବା ଅବସ୍ଥାରେ ପହଞ୍ଚିଛି। ଦକ୍ଷିଣ ଲେବାନନରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ହିଜବୁଲ୍ଲା ଆଡ୍ଡାଗୁଡ଼ିକ ଉପରେ କରାଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ପରେ ସମଗ୍ର ଅଞ୍ଚଳରେ ପୁଣି ଥରେ ଉତ୍ତେଜନା ପ୍ରକାଶ ପାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହିଜବୁଲ୍ଲା ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଲେବାନନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ରବିବାର ଦକ୍ଷିଣ ଲେବାନନର ବିନ୍ତ ଜବେଲ, ଟାୟର ଏବଂ ନବତିୟ ଜିଲ୍ଲାର ଅତିକମରେ ୪ଟି ସ୍ଥାନରେ ଇସ୍ରାଏଲ ପକ୍ଷରୁ କ୍ରମାଗତ ବିମାନ ଆକ୍ରମଣ କରାଯାଇଛି। ଇସ୍ରାଏଲ ସେନା କହିଛି ଯେ ସେମାନେ ହିଜବୁଲ୍ଲାର ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ଅସ୍ତ୍ରବିରତି ନିୟମ ଉଲ୍ଲଂଘନ କରିଛି। ଏଥିପାଇଁ ଇସ୍ରାଏଲ ଇରାନ ସମର୍ଥିତ ଏହି ଗୋଷ୍ଠୀକୁ ଦାୟୀ କରିଛି। ଆଇଡିଏଫ୍‌ର ସୂଚନା ଅନୁଯାୟୀ, ସେମାନେ ଦକ୍ଷିଣ ଲେବାନନରେ ୧୫ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଏହା ସହିତ କ୍ୱାନ୍ତାରା ଅଞ୍ଚଳରେ ଇସ୍ରାଏଲୀ ସୈନ୍ୟଙ୍କ ଉପରକୁ ବିସ୍ଫୋରକ ଡ୍ରୋନ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଇସ୍ରାଏଲୀ ସେନା ହିଜବୁଲ୍ଲାର ଏକ ଅସ୍ତ୍ରଶସ୍ତ୍ର ଭଣ୍ଡାରରୁ ଆଣ୍ଟି-ଟ୍ୟାଙ୍କ ମିସାଇଲ ଏବଂ କାଲାସନିକୋଭ ରାଇଫଲ ଜବତ କରିଥିବା ଦାବି କରିଛି। ହିଜବୁଲ୍ଲା ମୁଖ୍ୟ ନଇମ କାସେମ ଏହି ଅସ୍ତ୍ରବିରତିକୁ ଲେବାନନ ପାଇଁ ଏକ ଅପମାନ ବୋଲି କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ଏହି ଚୁକ୍ତି କେବଳ ଏକପାଖିଆ ହୋଇପାରିବ ନାହିଁ ଏବଂ ସେମାନଙ୍କ ଯୁଦ୍ଧାସ୍ତ୍ର ଏବେ ବି ପ୍ରସ୍ତୁତ ଅଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଯାହାକୁ ନିକଟରେ କୂଟନୈତିକ ଆଲୋଚନା ପାଇଁ ଆଉ ତିନି ସପ୍ତାହ ବୃଦ୍ଧି କରାଯାଇଥିଲା। ତେବେ ବର୍ତ୍ତମାନର ଆକ୍ରମଣ ଏହି ନୂତନ ଏବଂ ଦୁର୍ବଳ ଅସ୍ତ୍ରବିରତିକୁ ସମ୍ପୂର୍ଣ୍ଣ ଭାବେ ବିପଦରେ ପକାଇଛି।

## ସନ୍ତାନକୁ ନେବା ପାଇଁ ପତ୍ନୀ ଓ ଶାଶୂଙ୍କୁ ହତ୍ୟା

ଉତ୍ତରପ୍ରଦେଶ,୨୬।୪(ଏଜେନ୍ସି): ସନ୍ତାନର ଅଧିକାରକୁ କେନ୍ଦ୍ର କରି ଉତ୍ତରପ୍ରଦେଶର ବଲିଆ ଜିଲ୍ଲାରେ ଏକ ଅମାନୁଷିକ କାଣ୍ଡ ଘଟିଛି। ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ଶାଶୂଙ୍କୁ ଛୁରି ଭୁସି ହତ୍ୟା କରିଥିବା ବେଳେ ଶ୍ୱଶୁରଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଛି। ଅଭିଯୁକ୍ତ ଅମିତ ଗୁପ୍ତା ଶନିବାର ଭୋର ସମୟରେ ତାଙ୍କ ପତ୍ନୀ ପ୍ରୀତିଙ୍କ ବାପଘରେ ଅତର୍କିତ ଭାବେ ପହଞ୍ଚିଥିଲା। ନିଜ ସନ୍ତାନକୁ ସାଥିରେ ନେବାକୁ ଜିଦ୍ କରି ଅମିତ ତାଙ୍କ ପତ୍ନୀଙ୍କ ସହ ଯୁକ୍ତିତର୍କ କରିଥିଲେ। ମାତ୍ର ପ୍ରୀତି ସନ୍ତାନକୁ ହସ୍ତାନ୍ତର କରିବାକୁ ମନା କରିବାରୁ ଉତ୍ତ୍ୟକ୍ତ ହୋଇ ଅମିତ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲା। ଝିଅକୁ ବଞ୍ଚାଇବା ପାଇଁ ଆଗେଇ ଆସିଥିବା ଶାଶୂ ସୁଶୀଳା ଦେବୀଙ୍କୁ ମଧ୍ୟ ଅମିତ ହତ୍ୟା କରିଛି।

## ଭାଙ୍ଗରରୁ ୯ଟି ଅଫୁଟା ବୋମା ଜବତ

### ପଶ୍ଚିମବଙ୍ଗରେ ରାଜନୈତିକ ଉଷ୍ମତା ବୃଦ୍ଧି

ପଶ୍ଚିମବଙ୍ଗ, ୨୬।୪ (ଏଜେନ୍ସି): ପଶ୍ଚିମବଙ୍ଗର ଭାଙ୍ଗର ଅଞ୍ଚଳରେ ପୁଲିସ ଏକ ସର୍ଚ୍ଚ ଅପରେସନ କରି ୯ଟି ଜୀବନ୍ତ ବୋମା ଜବତ କରିଛି। ଏହାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଇଣ୍ଡିଆନ ସେକୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମଧ୍ୟରେ ରାଜନୈତିକ ବାଦବିବାଦ ଏବଂ କାଦୁଅ ଫିଙ୍ଗାଫିଙ୍ଗି ଚରମ ସୀମାରେ ପହଞ୍ଚିଛି। ଏହି ଘଟଣା ଭାଙ୍ଗରର ଉତ୍ତର କାଶୀପୁର ଥାନା ଅନ୍ତର୍ଗତ ଚେଲେଗୋଆଲିଆ ଅଞ୍ଚଳରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଜଣେ ଟିଏମସି କର୍ମୀଙ୍କ ବୋଲି କୁହାଯାଉଥିବା ଏକ ଘର ପଛପଟେ ଥିବା ବଗିଚାରୁ ଏହି ବିସ୍ଫୋରକ ଭର୍ତ୍ତି ବ୍ୟାଗ ମିଳିଛି। ନିର୍ବାଚନ ପୂର୍ବରୁ ଉତ୍ତେଜନା ଲାଗି ରହିଥିବା ବେଳେ ରବିବାର ଏହି ବୋମା ଗୁଡ଼ିକୁ ଉଦ୍ଧାର କରାଯାଇଛି। ଏହା ପୂର୍ବ ଦିନ ମଧ୍ୟ ଅଞ୍ଚଳରେ ଅନୁରୂପ ଘଟଣା ଘଟିଥିଲା। ଉତ୍ତର କାଶୀପୁର ପୋଲିସ ବୋମା ଗୁଡ଼ିକୁ ଜବତ କରିଥିବା ବେଳେ ବୋମା ନିଷ୍କ୍ରିୟକାରୀ ଦଳ ଏହାକୁ ନିଷ୍କ୍ରିୟ କରିବାରେ ନିୟୋଜିତ ଅଛନ୍ତି। ରାଜନୈତିକ ସ୍ତରରେ ଟିଏମ୍‌ସି ଏବଂ ଆଇଏସ୍‌ଏଫ୍ ପରସ୍ପର ଉପରେ ଦୋଷ ଲଦାଲଦି କରିଛନ୍ତି। ଅନ୍ୟପଟେ, ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ପୋଲିସ କମିଶନର, ଏସପି ଏବଂ ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଘଟଣାରେ ସତର୍କ କରାଇ ଦେଇଛନ୍ତି। ନିର୍ବାଚନକୁ ଅବାଧ ଏବଂ ମୁକ୍ତ କରିବା ପାଇଁ କମିଶନ ପୋଲିସକୁ ୨୪ ଘଣ୍ଟା ମଧ୍ୟରେ ସମସ୍ତ ବିସ୍ଫୋରକ ଓ ଧମକପୂର୍ଣ୍ଣ ସାମଗ୍ରୀ ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଏବଂ ସ୍ଥାନୀୟ ପୋଲିସ ସହ କେନ୍ଦ୍ରୀୟ ବାହିନୀ ମୁତୟନ ହୋଇଛନ୍ତି। ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି ଯେ ଯଦି କୌଣସି ଅଧିକାରୀଙ୍କ ଅଞ୍ଚଳରେ ବିସ୍ଫୋରକ ମିଳେ କିମ୍ବା ହିଂସାକାଣ୍ଡ ଘଟେ, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମୋଜତାବା ଖାମେନେଇ ଜୀବିତ ନା ମୃତ !

ଇରାନ,୨୬।୪(ଏଜେନ୍ସି): ଇରାନର ମାଶହାଦ ସହରରେ ଉନ୍ମୋଚିତ ଏକ ନୂତନ ଭିତ୍ତିଚିତ୍ରର ପ୍ରଦର୍ଶନ ଦେଶର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ଜୀବିତ ବା ମୃତ ପ୍ରଶ୍ନକୁ ପୁଣି ଉଜାଗର କରିଛି। ଏହି ଭିତ୍ତିଚିତ୍ରରେ ମୋଜତାବାଙ୍କୁ ଆମେରିକା-ଇସ୍ରାଏଲ ସହ ଚାଲିଥିବା ସଂଘର୍ଷରେ ପ୍ରାଣ ହରାଇଥିବା ସହିଦ ମାନଙ୍କ ସହ ଚିତ୍ରଣ କରାହୋଇଛି। ଇସଲାମିକ ରିପବ୍ଲିକର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଭିତ୍ତିଚିତ୍ରଟି ଉନ୍ମୋଚିତ ହୋଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଅନୁଯାୟୀ, ଏକ ବଡ଼ ପରଦା ହଟାଯିବା ପରେ ଏହି ଚିତ୍ର ସାମ୍ନାକୁ ଆସିଥିଲା। ସେଥିରେ ମୋଜତାବାଙ୍କ ସହ ତାଙ୍କ ପିତା ଅଲି ଖାମେନେଇ ଏବଂ ଅନ୍ୟ ପ୍ରମୁଖ ସାମରିକ ତଥା ରାଜନୈତିକ ବ୍ୟକ୍ତିତ୍ୱଙ୍କୁ ଦର୍ଶାଯାଇଛି। ଇରାନରେ ସାଧାରଣତଃ ଏହିପରି ବଡ଼ ଭିତ୍ତିଚିତ୍ରଗୁଡ଼ିକ କୌଣସି ବ୍ୟକ୍ତିଙ୍କୁ ସମ୍ମାନ ଜଣାଇବା ପାଇଁ ବା ଐତିହାସିକ ଘଟଣାର ବର୍ଣ୍ଣନା ପାଇଁ ବ୍ୟବହାର କରାଯାଏ। ଅନ୍ୟପକ୍ଷରେ, ଇରାନ ଅଧିକାରୀମାନେ ଦାବି କରିଛନ୍ତି ଯେ ସେ ସୁରକ୍ଷିତ ଅଛନ୍ତି ଓ ସୁସ୍ଥ ହେଉଛନ୍ତି। ତାଙ୍କ ମୃତ୍ୟୁ ନେଇ କୌଣସି ଆନୁଷ୍ଠାନିକ ନିଶ୍ଚିତକରଣ କରାଯାଇ ନାହିଁ। ତେବେ ଏହି ରହସ୍ୟମୟ ଭିତ୍ତିଚିତ୍ର ସମ୍ପର୍କରେ ମଧ୍ୟ ଇରାନ ସରକାର କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି।

ମାଶହାଦରେ ସହିଦ ଭାବେ ଚିତ୍ରଣ



## ୭ ବିଦ୍ରୋହୀଙ୍କ ସଦସ୍ୟତା ବାତିଲ ପାଇଁ ଆପ୍‌ର ଆବେଦନ

ନୂଆଦିଲ୍ଲୀ,୨୬।୪(ଏଜେନ୍ସି):

ଆମ୍ ଆଦମୀ ପାର୍ଟି (ଆପ୍) ମଧ୍ୟରେ ସୃଷ୍ଟି ହୋଇଥିବା ଗୁରୁତର ରାଜନୈତିକ ସଙ୍କଟ ଏବେ ଆଇନଗତ ଲଢେଇ ଆଡ଼କୁ ମୁହାଁଇଛି। ବିଜେପିରେ ସାମିଲ ହୋଇଥିବା ଦଳର ୭ ଜଣ ରାଜ୍ୟସଭା ସାଂସଦଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଆପ୍ ରବିବାର ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ସିପି. ରାଧାକୃଷ୍ଣନଙ୍କ ନିକଟରେ ଏକ ଆବେଦନ ଦାଖଲ କରିଛି। ଗତ ଶୁକ୍ରବାର ଦିନ ଆପ୍‌ର ୭ ଜଣ ରାଜ୍ୟସଭା ସାଂସଦ ଦଳ ଛାଡ଼ି ବିଜେପି ସହ ମିଶ୍ରଣ କରିବାକୁ ଘୋଷଣା କରିଥିଲେ। ଏହି ସାଂସଦମାନଙ୍କ ମଧ୍ୟରେ ରାଘବ ଚଢ଼ା, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ହରଭଜନ ସିଂ, ରାଜେନ୍ଦ୍ର ଗୁପ୍ତା, ସ୍ୱାତି ମାଲିୱାଲ ଏବଂ ବିକ୍ରମଜିତ ସାହନେ ରହିଛନ୍ତି। ଦଳର ଦୁଇ-ତୃତୀୟାଂଶ ସଭ୍ୟ ଏହି ନିଷ୍ପତ୍ତି ନେଇଥିବାରୁ ଏହା ଏକ ବୈଧ ମିଶ୍ରଣ ଏବଂ ସେମାନଙ୍କ ଉପରେ ଦଳବଦଳ ବିରୋଧୀ




ଆଇନ ଲାଗୁ ହେବ ନାହିଁ ବୋଲି ବିଦ୍ରୋହୀ ସାଂସଦମାନେ ଦାବି କରିଛନ୍ତି। ଆପ୍ ନେତା ତଥା ସାଂସଦ ସଞ୍ଜୟ ସିଂହ ରବିବାର ସୂଚନା ଦେଇଛନ୍ତି ଯେ, ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଏହି ଦଳବଦଳ ବେଆଇନ। ଏଣୁ ସମ୍ପୃକ୍ତ ସାଂସଦମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ୍। ଏହି ପ୍ରସଙ୍ଗରେ ଦଳ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ପୂର୍ବତନ ଲୋକସଭା ସଚିବ ପିଡିଟି ଆଚାର୍ଯ୍ୟଙ୍କ ଭଳି ସାମ୍ବିଧାନିକ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଛି।

ଅନ୍ୟପଟେ, ଦଳ ଛାଡ଼ିଥିବା ରାଘବ ଚଢ଼ା ଦଳ ମଧ୍ୟରେ ଥିବା ଅସନ୍ତୋଷ ଓ ଦୂରତାକୁ ନିଜ ନିଷ୍ପତ୍ତିର କାରଣ ବୋଲି କହିଥିବାବେଳେ ବିକ୍ରମଜିତ ସାହନେ ପଞ୍ଜାବର କୃଷି ସଙ୍କଟ ଓ ନିଶାଦ୍ରବ୍ୟ ସମସ୍ୟା ଭଳି ପ୍ରସଙ୍ଗ ଉଠାଇଛନ୍ତି। ଏହା ସହିତ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏହି ସାଂସଦମାନଙ୍କୁ ପଦରୁ ହଟାଇବା ବା ଫେରାଇ ଆଣିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିବାକୁ ସମୟ ମାଗିଛନ୍ତି। ସଞ୍ଜୟ ସିଂହ ଏହି ଘଟଣାକୁ ବିଜେପିର ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହ ପଞ୍ଜାବରେ ଏହି ସାଂସଦମାନଙ୍କ ବିରୋଧରେ ଜନଅସନ୍ତୋଷ ପ୍ରକାଶ ପାଉଥିବା ଦାବି କରିଛନ୍ତି। ବର୍ତ୍ତମାନ ଏହି ମାମଲା ରାଜ୍ୟସଭା ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି।

### ବିଜେପିରେ ସାମିଲ ହେବା ଘଟଣା

## ପଞ୍ଜାବ ସରକାରଙ୍କ ସୁରକ୍ଷା ପ୍ରତ୍ୟାହାର ପରେ ହରଭଜନଙ୍କୁ ମିଳିଲା କେନ୍ଦ୍ରୀୟ ସୁରକ୍ଷା

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ସଂରକ୍ଷିତ ପୋଲିସ ବଳ (ସିଆର୍‌ପିଏଫ୍) ସୁରକ୍ଷା ଯୋଗାଇ ଦିଆଯାଇଛି। ପଞ୍ଜାବର ଆପ୍ ସରକାର ତାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେବା ପରେ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ରବିବାର ସୂତ୍ରରୁ ପ୍ରକାଶ ପାଇଛି। ନିକଟରେ ହରଭଜନ ସିଂ ଆପ୍ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଏହା ପରେ ଶନିବାର ପଞ୍ଜାବର ଜଳନ୍ଧର ସ୍ଥିତ ତାଙ୍କ ବାସଭବନ ବାହାରେ ଆପ୍ କର୍ମୀମାନେ ତୀବ୍ର ବିରୋଧ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ କର୍ମୀମାନେ



ତାଙ୍କ ଘର କାନ୍ଥରେ 'ଗଦ୍ଦାର' (ବିଶ୍ୱାସଘାତକ) ବୋଲି ରଙ୍ଗରେ ଲେଖିଥିବା ଦେଖିବାକୁ ମିଳିଥିଲା। ପଞ୍ଜାବ ପୋଲିସ ଶନିବାର ହରଭଜନଙ୍କ ସୁରକ୍ଷାରେ ନିୟୋଜିତ ଥିବା ପ୍ରାୟ ୯ ରୁ ୧୦ ଅଧିକାରୀଙ୍କୁ ପ୍ରତ୍ୟାହାର କରିନେଇଥିଲା। ପରେ ତୁରନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ସିଆର୍‌ପିଏଫ୍ ସୁରକ୍ଷା ପ୍ରଦାନ କରାଯାଇଛି। ରବିବାର ତାଙ୍କ ଜଳନ୍ଧର ବାସଭବନ ବାହାରେ ସିଆର୍‌ପିଏଫ୍ କମାଣ୍ଡୋମାନେ ମୁତୟନ ହୋଇଥିବା ଦେଖାଯାଇଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଇତିହାସ

- ୧୯୦୮ - ଲଣ୍ଡନରେ ଆଧୁନିକ ଅଲମ୍ପିକ୍ ଖେଳର ଉଦ୍‌ଘାଟନ ।
- ୧୯୬୦- ନୂଆଦିଲ୍ଲୀରେ ନ୍ୟାସନ୍ୟାଲ୍ ଡିଫେନ୍ସ କଲେଜ ଖୋଲିଲା ।
- ୧୯୭୨- ମହାକାଶଯାନ ଆପୋଲୋ-୧୬ ପୃଥିବୀ ପୃଷ୍ଠକୁ ଫେରିଲା ।
- ୧୯୮୯ - ବାଂଲାଦେଶରେ ତୋଫାନରେ ୫୦୦ ଲୋକଙ୍କ ମୃତ୍ୟୁ ।
- ୨୦୦୮ - ମସ୍କୋରେ ଏକ ଗଦି ଫ୍ୟାକ୍ଟ୍ରିରେ ନିଆଁ ଲାଗିବାରୁ ୫୫ ଜଣ ଜୀବନ୍ତଦଗ୍ଧ ।

## ଘାତକ 'ବ୍ଲଡ୍ କିକ୍' ଟ୍ରେଣ୍ଡ



ଆଜିକାଲିର ଯୁବପିଢ଼ିଙ୍କ ମଧ୍ୟରେ ଫ୍ୟାଶନ୍, ଟେକ୍ନୋଲୋଜି ଏବଂ ଜୀବନଶୈଳୀକୁ ନେଇ ଅନେକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ହେଲେ ସୋସିଆଲ ମିଡିଆ ଯୋଗୁଁ ଅନେକ ଅଜବ ଟ୍ରେଣ୍ଡ ସବୁ ଦେଖିବାକୁ ମିଳୁଛି । ଏହା ସେମାନଙ୍କ ଜୀବନଶୈଳୀକୁ ପ୍ରଭାବିତ କରୁଛି । ଏହି କ୍ରମରେ ଏବେ ଯୁବପିଢ଼ିଙ୍କ ମଧ୍ୟରେ 'ବ୍ଲଡ୍ କିକ୍' ଟ୍ରେଣ୍ଡର ଆଦର ବଢ଼ିଛି । ଏଥିରେ ଯୁବପିଢ଼ି ନିଜ ଶରୀରରୁ ରକ୍ତ ବାହାର କରି ଏହାକୁ ପୁଣି ନିଜ ଶରୀରରେ ଇଞ୍ଜେକସନ୍ ମାଧ୍ୟମରେ ପ୍ରବେଶ କରାଉଛନ୍ତି । ଏପରି କରିବା ଦ୍ୱାରା ଯନ୍ତ୍ରଣା ଲାଘବ ହେବା ସହ ମାନସିକ ଶାନ୍ତି ମିଳୁଥିବା ସେମାନେ ବିଶ୍ୱାସ କରୁଛନ୍ତି । ଏନେଇ ଗାନ୍ଧୀ ମେଡିକାଲ କଲେଜ ଏବଂ ହମିଦିଆ ହସ୍‌ପିଟାଲର ଡାକ୍ତରଙ୍କ ଅନୁସାରେ, ନିକଟରେ ଏମିତି ଅନେକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ଯୁବପିଢ଼ିଙ୍କଠାରେ ନିଶାଗ୍ରସ୍ତ ଥିବାର ଲକ୍ଷଣ ଦେଖାଯାଉ ନ ଥିଲେ ବି ସେମାନଙ୍କ ଶରୀରରେ ଛୁଞ୍ଚି ଚିହ୍ନଗୁଡ଼ିକ ସ୍ପଷ୍ଟ ଭାବେ ଦେଖାଯାଉଛି । ଅଧିକାଂଶ ଯୁବକ ଚିନ୍ତା, ଏକଲାପଣ ଆଦି ଚାପରୁ ଆରାମ ପାଇଁ ଏହି ଉପାୟକୁ ଆପଣାଉଛନ୍ତି । ତେବେ ବାରମ୍ବାର ଶରୀରକୁ ରକ୍ତ ବାହାର କରିବା ଏବଂ ଇଞ୍ଜେକସନ୍ ଫୋଡ଼ିବା ଦ୍ୱାରା ଶରୀରରେ ସଂକ୍ରମଣ ଆଶଙ୍କା ଅଧିକ ଥାଏ । ଏହା ଭବିଷ୍ୟତରେ ଗମ୍ଭୀର ରୋଗ ସୃଷ୍ଟି କରିପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଏହା ଅତ୍ୟନ୍ତ ଚିନ୍ତାଜନକ । ଏଭଳି ଟ୍ରେଣ୍ଡ ଉଭୟ ଶରୀର ଏବଂ ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ଯାହାକି ନିଶା ପରି ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯିବ । ଏହି ମାମଲା କେବଳ ଯୁବପିଢ଼ିଙ୍କ ମଧ୍ୟରେ ସୀମିତ ନାହିଁ, ବରଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ଟ୍ରେଣ୍ଡ ଚାରିଆଡ଼େ ବ୍ୟାପିପାରେ । ଅଧିକରୁ ଅଧିକାଂଶ ଲୋକ ଏଥିରେ ପ୍ରଭାବିତ ହୋଇପାରନ୍ତି । ଏହି ପ୍ରକାର ଗତିବିଧି ସେପ୍‌ସିସ, ଏଚ୍‌ଆଇଭି ଏବଂ ହେପାଟାଇଟିସ୍ ପରି ଗମ୍ଭୀର ରୋଗ ଆଶଙ୍କାକୁ ବଢ଼ାଇପାରେ । କେବଳ ସେତିକି ନୁହେଁ, ବାରମ୍ବାର ଛୁଞ୍ଚି ଫୋଡ଼ିବା ଦ୍ୱାରା ସ୍ନାୟୁଗୁଡିକର କ୍ଷତି, ରକ୍ତଅଭାବ ଏବଂ ଅଙ୍ଗ ଉପରେ ଚାପ ପଡ଼ିପାରେ । ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ଯଦି ଜଣଙ୍କ ବ୍ୟବହାରରେ ଅଚାନକ ପରିବର୍ତ୍ତନ ଦେଖାଯିବା ସହ ଶରୀରରେ ଛୁଞ୍ଚି ଦାଗ ଦେଖାଯାଉଛି ଏହାକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କୁ ସମ୍ପର୍କ କରିବା ଜରୁରି । ଏହାସହ ସାମାଜିକ ଗଣମାଧ୍ୟମରେ ଦେଖାଯାଉଥିବା ପ୍ରତ୍ୟେକ ଟ୍ରେଣ୍ଡକୁ ଅନ୍ଧ ଭାବରେ ଗ୍ରହଣ କରିବା କେତେ ବିପଜ୍ଜନକ ହୋଇପାରେ ତାହା ଜାଣିବା ଆବଶ୍ୟକ ।

## କାର୍ ପାଲଟିଲା ହେଲିକପ୍ଟର



ଉତ୍ତର ପ୍ରଦେଶ ଆଜମଗଡ଼ ଜିଲ୍ଲାରେ ଜଣେ ବ୍ୟକ୍ତି ନିଜ ସଉକକୁ ପୂରା କରିବା ଲାଗି ଯାହା କରିଛନ୍ତି, ତାହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ସଲମାନ ନାମକ ଏହି ବ୍ୟକ୍ତି ଜଣକ ନିଜର ପୁରୁଣା ନାନୋ କାର୍‌କୁ ହେଲିକପ୍ଟରରେ ରୂପାନ୍ତରିତ କରିଛନ୍ତି । ସେ କାର୍‌ର ଡିଜାଇନ୍‌କୁ ହେଲିକପ୍ଟରର ରୂପ ପ୍ରଦାନ କରିଛନ୍ତି । ସଲମାନ ଜଣେ ବଢ଼େଇ । ଏହାବାଦ୍ ତାଙ୍କୁ ପୁରୁଣା ଗାଡ଼ିକୁ ନୂଆ ଡିଜାଇନ୍ ଦେବାକୁ ଭଲ ଲାଗେ । ସେ ତାଙ୍କର ହେଲିକପ୍ଟର ସଉକକୁ ପୂରଣ କରିବା ପାଇଁ ତାଙ୍କ ପୁରୁଣା ନାନୋ ଗାଡ଼ିରେ ପରିବର୍ତ୍ତନ ଆଣିବାକୁ ଚାହିଁଲେ । ତେଣୁ ସେ ତାକୁ ହେଲିକପ୍ଟରରେ ରୂପାନ୍ତରିତ କରିଛନ୍ତି । ଅବଶ୍ୟ ଏହି ହେଲିକପ୍ଟର ପବନରେ ନ ଉଡ଼ିଲେ ବି ରାସ୍ତାରେ ଗଡ଼ୁଛି । ଯାହାକି କେବଳ ଲୋକଙ୍କ ଦୃଷ୍ଟିଆକର୍ଷଣ କରିନାହିଁ, ବରଂ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଏହା ଭିତରୁ କାର୍ ଭଳି ଦେଖାଯାଉଥିଲେ ବି ବାହାରୁ ହେଲିକପ୍ଟର ଭଳି ଦିଶୁଛି । ହେଲିକପ୍ଟର ଭଳି ଏଥିରେ ପଙ୍ଖା ଥିବା ବେଳେ ଏହାକୁ ଆକର୍ଷଣୀୟ କରିବା ଲାଗି ସେ ସୁନ୍ଦର ଲାଇଟ୍ ଲଗାଇଛନ୍ତି । ଏଥିରେ ଡ୍ରାଇଭର ସହ ଆରାମରେ ଚାରି ଜଣ ଲୋକ ବସିପାରିବେ । ଏଥିରେ ଲୋକେ ବସି ସଡ଼କରେ ହେଲିକପ୍ଟରର ମଜା ନେଇ ପାରିବେ । ସେ ଏହାକୁ ତିଆରି କରିବା ପାଇଁ ପ୍ରାୟ ତିନି ଲକ୍ଷ ଟଙ୍କା କରିଛନ୍ତି । ଏହି ମଡେଲକୁ ଲୋକେ ମଧ୍ୟ ଖୁବ୍ ପସନ୍ଦ କରୁଛନ୍ତି । ଏପରିକି ଲୋକେ ଏହାକୁ ବାହାଘର ଲାଗି ବୁକିଂ କରୁଥିବା ସଲମାନ କହିଛନ୍ତି ।

## ମଧୁବାଲାଙ୍କ ଭୂମିକାରେ ସାରା



ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର' ଓ 'ଧୁରନ୍ଧର: ଦ ରିଭେଞ୍ଜ' ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି । ଫିଲ୍ମରେ ସବୁ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ଛୁଇଁଛି । ଏହି ଫିଲ୍ମରେ ରଣବୀର ସିଂହଙ୍କ ବିପକ୍ଷରେ ଅଭିନୟ କରିଥିବା ଅଭିନେତ୍ରୀ ସାରା ଅର୍ଜୁନ୍ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସାରାଙ୍କ ଅଭିନୟ ଦେଖି ବଲିଉଡ୍‌ର ଅନେକ ଆଗଧାଡ଼ିର ନିର୍ଦ୍ଦେଶକ ତାଙ୍କ ଫିଲ୍ମରେ ବ୍ରେକ୍ ଦେବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ହିନ୍ଦୀ ସିନେମା ଇତିହାସର ସବୁଠାରୁ ସୁନ୍ଦର, ଆକର୍ଷଣୀୟ ଏବଂ ପ୍ରତିଭାଶାଳୀ ଅଭିନେତ୍ରୀ ମଧୁବାଲାଙ୍କ ବାୟୋପିକ୍ ଏବେ ସାରାଙ୍କ ହାତକୁ ଆସିଥିବା ଜଣାପଡ଼ିଛି । ତେବେ ଏହାର ପ୍ରିପ୍ରଡକ୍ସନ୍ କାମ ଆସନ୍ତା ଜୁଲାଇ ମାସରୁ ଆରମ୍ଭ ହେବ । ସଞ୍ଜୟ ଲୀଳା ଭଁସାଲି ଏହାର ପ୍ରଯୋଜନା ଦାୟିତ୍ୱ ହାତକୁ ନେବାକୁ ଚାହୁଁଥିବା ଜଣାପଡ଼ିଛି । ଜସ୍ମିତ୍ କେ. ରିନ୍ ଏହାର ନିର୍ଦ୍ଦେଶନା ଦେବେ । ଫିଲ୍ମରେ ସାରା ଅର୍ଜୁନ୍ ଲିଡ୍ ରୋଲରେ ନଜର ଆସିବେ । ହେଲେ ଏଥିରେ ଦିଲୀପ କୁମାର ଓ କିଶୋର କୁମାରଙ୍କ ଚରିତ୍ରରେ କିଏ ନଜର ଆସିବେ ତାହା ଜଣାପଡ଼ି ନାହିଁ । ଏହାପୂର୍ବରୁ ମଧୁବାଲା ଭୂମିକାରେ କିଆରା ଆଡଭାନୀ ନଜର ଆସିବେ ବୋଲି ଚର୍ଚ୍ଚା ହେଉଥିଲା ।

## ସ୍ୱସ୍ତି

## ଗ୍ରହ ଦୋଷ ଦୂର କରିବ ବୃକ୍ଷ

**ବାସ୍ତୁ ଶାସ୍ତ୍ରରେ ନବଗ୍ରହ ସହ ସମ୍ବନ୍ଧିତ ଦୋଷକୁ ଦୂର କରିବା ଲାଗି କିଛି ବିଶେଷ ଏବଂ ପ୍ରଭାବଶାଳୀ ବୃକ୍ଷ ବିଷୟରେ କୁହାଯାଇଛି । ଏହି ଗଛ କେବଳ ଗ୍ରହ ଦୋଷ ଦୂର କରି ନ ଥାଏ, ବରଂ ଘରେ ସୁଖ ଶାନ୍ତି ବଜାୟ ରଖିବା ଦିଗରେ ଗୁରୁତ୍ୱ ବହନ କରେ । ତେବେ ଘରେ କେଉଁ ପ୍ରକାର ଗଛ ଲଗାଇଲେ କେଉଁ ଗ୍ରହ ଦୋଷ ଦୂର ହେବ, ସେ ସମ୍ପର୍କରେ ଜାଣିବା ।**



**ସୂର୍ଯ୍ୟ:** ସୂର୍ଯ୍ୟଙ୍କୁ ଗ୍ରହଙ୍କ ରାଜା ବୋଲି କୁହାଯାଏ । ଜାତକରେ ସୂର୍ଯ୍ୟ ଦୁର୍ବଳ ଥିଲେ ଏବଂ ବୌଦ୍ଧିକ କ୍ଷମତା ତଥା ସ୍ମରଣଶକ୍ତି ବୃଦ୍ଧି କରିବାକୁ ଚାହୁଁଥିଲେ ଡିମିରି ଗଛ ଲଗାଇବା ଶୁଭ । ଏହାବାଦ୍ ନାଲି ଗୋଲାପ ଲଗାଇଲେ ମାନ ସମ୍ମାନ ବୃଦ୍ଧି ପାଏ ।

**ଚନ୍ଦ୍ର:** ମାନସିକ ଶାନ୍ତି ଏବଂ ଭାବନାତ୍ମକ ସନ୍ତୁଳନ ପାଇଁ ଚନ୍ଦ୍ରଙ୍କୁ ଶୁଭ ବୋଲି କୁହାଯାଏ । ଚନ୍ଦ୍ର ଦୋଷ ଦୂର କରିବା ଏବଂ ଚିନ୍ତାରୁ ମୁକ୍ତି ପାଇବା ପାଇଁ ପଳାଶ ଗଛ ଲଗାଇବା ଉଚିତ । ଏହା ଅତ୍ୟନ୍ତ ଲାଭକାରୀ । ସେହିପରି ଏହାର ଅନ୍ୟତମ ବିକଳ୍ପ ହେଉଛି ମଲ୍ଲୀ ଗଛ ଏବଂ ଧଳା କନିଅର ଗଛ ।

**ମଙ୍ଗଳ:** ମଙ୍ଗଳ ଗ୍ରହର ଶକ୍ତିକୁ ସକାରାତ୍ମକ ରଖିବା ଲାଗି ମନ୍ଦାର ଗଛ ଲଗାଇବା ଭଲ । ସେହିପରି ଲାଲ ଚନ୍ଦନ ଗଛ ଲଗାଇଲେ ଯଶ ଓ ପ୍ରତିଷ୍ଠା ବୃଦ୍ଧି ପାଏ ।

**ବୁଧ:** ବ୍ୟବସାୟ, ବାଣୀ, ବୁଦ୍ଧିର କାରକ ବୁଧ ଗ୍ରହଙ୍କୁ ପ୍ରସନ୍ନ କରିବା ପାଇଁ ଚିରଇତା ଗଛକୁ ଶ୍ରେଷ୍ଠ ବୋଲି କୁହାଯାଏ । ଏହା ମାନସିକ ସ୍ୱଷ୍ଟତା ପ୍ରଦାନ କରେ ଏବଂ ନିର୍ଣ୍ଣୟ ନେବା କ୍ଷମତାରେ ସୁଧାର ଆଣେ ।

**ଗୁରୁ:** ଜ୍ଞାନ ଏବଂ ସୌଭାଗ୍ୟ ଲାଗି ଅଶ୍ୱତ୍‌ଥ ଗଛ ଉତ୍ତମ । ଏହି ବୃକ୍ଷରେ ତ୍ରିଦେବ ବାସ କରନ୍ତି । ଏହାର ମୂଳରେ ଜପଳ ଅର୍ପଣ କରିବା ଦ୍ୱାରା ଗୁରୁ ଗ୍ରହ ମଜଭୁତ ହୁଏ । ଏହାବାଦ୍ ଘରେ କଦଳୀ ତଥା ବେଲ ଗଛ ଲଗାଇଲେ ବି ଆର୍ଥିକ ସମୃଦ୍ଧି ଆସେ ।

**ଶୁକ୍ର:** ଐଶ୍ୱର୍ଯ୍ୟ ଏବଂ ସୁଖ ସମୃଦ୍ଧି ଲାଗି ଡିମିରି ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି । ଏହା ପୂର୍ବଜନ୍ମ ଦୋଷ ଦୂର କରିବା ବିଶ୍ୱାସ ରହିଛି । ସୌନ୍ଦର୍ଯ୍ୟ ଏବଂ ପବିତ୍ରତା ଲାଗି ଧଳା କନିଅର ଏବଂ ତୁଳସୀ ଗଛ ଲଗାଇବା ଶୁଭ ।

**ଶନି:** ଶନି ଗ୍ରହର କୁପ୍ରଭାବକୁ କମ୍ କରିବା ଲାଗି ସମି ଗଛ ଲଗାଇବା ଉତ୍ତମ । ବାସ୍ତୁ ଶାସ୍ତ୍ର ଅନୁସାରେ, ଏହାକୁ ମୁଖ୍ୟ ଦ୍ୱାରରେ ଲଗାଇଲେ ଧନ ବୃଦ୍ଧି ପାଏ । ଏହା ସହ ବିଗିଡ଼ି ଯାଉଥିବା କାମ ସଫଳ ହୁଏ ।

**ରାହୁ:** ରାହୁ ଗ୍ରହର ନକାରାତ୍ମକତାକୁ ଦୂର କରିବା ଲାଗି ଚନ୍ଦନ ଗଛ ଲଗାଇବା ଭଲ । ଏହା ମାନସିକ ଚିନ୍ତା ଦୂର କରିଥାଏ । ଏହି ଗଛ ବଦଳରେ ନିମ୍ବ ଗଛ ଲଗାଇବାର ବିକଳ୍ପ ଅଛି ।

**କେତୁ:** କେତୁ ଦୋଷ ଯୋଗୁଁ ଯେଉଁ ବାଧା ସୃଷ୍ଟି ହୁଏ, ତାହାକୁ ଦୂର କରିବା ପାଇଁ ଅଶ୍ୱଗନ୍ଧା ଗଛ ଲଗାଇବାକୁ ପରାମର୍ଶ ଦିଆଯାଏ । ଏହି ଗଛ ଆଧ୍ୟାତ୍ମିକ ଏକାଗ୍ରତା ବୃଦ୍ଧି କରେ । ଜୀବନରେ ସ୍ଥିରତା ଆଣେ ।

## ମୋହିନୀ ଏକାଦଶୀ

**ଆଜି ହେଉଛି ପବିତ୍ର ମୋହିନୀ ଏକାଦଶୀ । ବୈଶାଖ ମାସ ଶୁକ୍ଳ ଏକାଦଶୀକୁ ମୋହିନୀ ଏକାଦଶୀ ଭାବେ ପାଳନ କରାଯାଏ । ଏହିଦିନ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ । କୁହାଯାଏ, ଏହି ବ୍ରତ ପାଳନ କଲେ ପାପ କର୍ମ ଏବଂ ନିନ୍ଦା ଅପମାନରୁ ମୁକ୍ତି ମିଳିଥାଏ ।**



ଏହି ବ୍ରତ କରିବା ଦ୍ୱାରା ମୋହ ବନ୍ଧନ ନଷ୍ଟ ହୋଇଥାଏ । ତା'ସହ ମନୋକାମନା ପୂରଣ ହୋଇଥାଏ । ଏହିଦିନ ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତକୁ ରାକ୍ଷସଙ୍କଠାରୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ । ସେବେଠୁ ଏହି ଦିନକୁ ମୋହିନୀ ଏକାଦଶୀ ଭାବେ ପାଳନ କରାଯାଇ ଆସୁଛି । ମାନ୍ୟତା ଅଛି, ଦେବୀ ସୀତାଙ୍କୁ ଖୋଜିବା ପାଇଁ ଶ୍ରୀରାମ ଏହି ବ୍ରତ ପାଳନ କରିଥିଲେ । ସେହିପରି ତାଙ୍କ ପରେ ମୁନି କୌଣ୍ଡିଲ୍ୟ ଏବଂ ଭଗବାନ ଶ୍ରୀକୃଷ୍ଣ କହିବା ପରେ ଯୁଧିଷ୍ଠିର ମଧ୍ୟ ଏହି ବ୍ରତ ପାଳନ କରିଥିଲେ । ଏହି ଦିନ ବ୍ରତ ରଖି ପୂଜା କଲେ ବ୍ରତଧାରୀଙ୍କ ସମସ୍ତ ମନୋକାମନା ପୂରଣ ହେବା ବିଶ୍ୱାସ ରହିଛି । ଅନ୍ୟପଟେ ଏହିଦିନ ଶ୍ରୀରାମ ପୁରୁଷୋତ୍ତମ ରୂପରେ ପୂଜା ପାଇବାର ବିଧି ଅଛି । ମୋହିନୀ ଏକାଦଶୀରେ ବ୍ରତ ରଖିଲେ ସମସ୍ତ ପାପରୁ ମୁକ୍ତି ମିଳେ ଏବଂ ଘରେ ଉନ୍ନତି ପରିଲକ୍ଷିତ ହୁଏ । ତେବେ ଏହାର ବ୍ରତ କଥାରେ ଜଣେ ଚଣ୍ଡାଳ ରାଜା ଆଉ ଜଣେ ମୋହିନୀ ରାଣୀଙ୍କ କାହାଣୀ ଅଛି । ଯାହାକି ଖୁବ୍ ରୋଚକପୂର୍ଣ୍ଣ ।

## ଗୋ-ଦାନ ପରମ୍ପରା

**ହିନ୍ଦୁ ଧର୍ମରେ ଗୋମାତାଙ୍କ ସେବା କରିବା ଦ୍ୱାରା ପୁଣ୍ୟ ଫଳ ପ୍ରାପ୍ତି ହୁଏ । ସେହିପରି ଘରେ ଗାଈ ରହିବା ଅର୍ଥ ସମୃଦ୍ଧି ଏବଂ ଶାନ୍ତିକୁ ସୂଚାଏ । ତେବେ ଜୀବନର ଅନ୍ତିମ ସମୟରେ ଗୋ-ଦାନକୁ ପବିତ୍ର କର୍ମ ବୋଲି କୁହାଯାଏ । ଯଦି କୌଣସି ବ୍ୟକ୍ତି ନିଜ ଅନ୍ତିମ ସମୟରେ ଶ୍ରଦ୍ଧା ପୂର୍ବକ ଗାଈ ଦାନ କରନ୍ତି, ଯମଲୋକ କଷ୍ଟରୁ ରକ୍ଷା ମିଳୁଥିବା ବିଶ୍ୱାସ ଅଛି ।**

ଶାସ୍ତ୍ର ଅନୁସାରେ, ଗୋମାତାଙ୍କଠାରେ ସମସ୍ତ ଦେବୀ ଦେବତା ବାସ କରନ୍ତି । ତେଣୁ କୌଣସି ବ୍ୟକ୍ତି ଗୋ-ଦାନ କଲେ କେବଳ ଦାନର ଫଳ ପ୍ରାପ୍ତି ହୁଏ ନାହିଁ, ବରଂ ଆଶୀର୍ବାଦ ପ୍ରାପ୍ତି ହୁଏ । ଗୋ-ଦାନ ଦ୍ୱାରା ପାପ ହ୍ରାସ ପାଏ ଏବଂ ଆତ୍ମାକୁ ଶାନ୍ତି ମିଳେ । ଗୋ-ଦାନ କରୁଥିବା ବ୍ୟକ୍ତି ସ୍ୱର୍ଗଲୋକ ପ୍ରାପ୍ତ କରନ୍ତି ବୋଲି କୁହାଯାଏ ।



ସେହିପରି ଗୋ-ଦାନ କେବଳ ଗାଈ ଦାନ କରିବାକୁ ବୁଝାଏ ନାହିଁ । ଏହାର ବାସ୍ତବ ଅର୍ଥ ହେଉଛି ତ୍ୟାଗ କରିବା, ସେବା କରିବା ଓ ଦୟା ଦେଖାଇବା ତଥା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା । ସେହିପରି ପ୍ରାଣୀଙ୍କ ସେବା କରିବା ସହ ଭଲ କାମରେ ଯୋଗଦାନ କରିବା ଉଚିତ । ତେଣୁ ଗୋ-ଦାନ କେବଳ ଏକ ଧାର୍ମିକ ବିଧାନ ନୁହେଁ, ବରଂ ଏହା ହେଉଛି ଏକ ଗଭୀର ଚିନ୍ତାଧାରାର ଅଂଶ । କର୍ମ ଜୀବନର ସବୁଠୁ ଅଧିକ ଗୁରୁତ୍ୱ ବହନ କରେ, ଏହା ଏହିକଥା ଶିଖାଏ ।

## ଗଙ୍ଗା ମାତାଙ୍କ ନାମ ଜପର ଲାଭ

ଗଙ୍ଗାଜଳର ଗୋଟିଏ ବୁନ୍ଦାରେ ଘରର ବାସ୍ତୁ ଶୁଦ୍ଧ ହୋଇଥାଏ । ଏହା ସହ ନକାରାତ୍ମକତା ଦୂର ହୁଏ । ତେବେ ମା' ଗଙ୍ଗାଙ୍କ ନାମ ଜପ କରିବା ଦ୍ୱାରା ସମସ୍ତ ପାପ କ୍ଷୟ ହୁଏ । ସୁଖ, ସମୃଦ୍ଧି ବୃଦ୍ଧି ପାଏ । ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରାପ୍ତି ହୁଏ ।



- ଗଙ୍ଗା ମାତାଙ୍କ ନାମ ଜପ କରିବା ଦ୍ୱାରା ପାପରୁ ମୁକ୍ତି ମିଳେ ।
- ଦେବୀ ଗଙ୍ଗାଙ୍କ ନାମ ଜପ କଲେ ମୋକ୍ଷ ପ୍ରାପ୍ତିର ରାସ୍ତା ଉନ୍ମୁକ୍ତ ହୁଏ ।
- ସେହିପରି ଗଙ୍ଗା ମାତାଙ୍କ ନାମ ଜପ ଦ୍ୱାରା ଶାରୀରିକ କଷ୍ଟ ଏବଂ ଜୀବନର ବାଧା ଦୂର ହୁଏ ।
- ମାତା ଗଙ୍ଗାଙ୍କ ନାମ ଜପ ଦ୍ୱାରା ସୌଭାଗ୍ୟ ବୃଦ୍ଧି ପାଏ ।
- ମାନସିକ ଚିନ୍ତା ଦୂର ହୁଏ । ଜୀବନରେ ଖୁସି ଆସେ ।
- ଗଙ୍ଗା ମାତାଙ୍କ ନାମ ଜପ ଦ୍ୱାରା ପୂର୍ବପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ।






## ରାବାଡାଙ୍କ ଘାତକ ବୋଲିଂ, ସୁଦର୍ଶନଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଚେନ୍ନଇକୁ ହରାଇ ଗୁଜରାଟର ଚତୁର୍ଥ ବିଜୟ

ଚେନ୍ନଇ,୨୬।୪(ଏଜେନ୍ସି)

କାଗିସୋ ରାବାଡା (୩/୨୫)ଙ୍କ ଘାତକ ବୋଲିଂ ଓ ସାଇ ସୁଦର୍ଶନ (୪୬ବଲ୍‌ରେ ୮୭ରନ୍)ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୩୭ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୮ ୱିକେଟରେ ଚେନ୍ନଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ ୮ମ ମୁକାବିଲାରୁ ଚତୁର୍ଥ ବିଜୟ ସହ ଗୁଜରାଟ ପଏଣ୍ଟ ଟେବଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଚେନ୍ନଇ ୮ମ ମ୍ୟାଚ୍‌ରୁ ୫ମ ବିଜୟ ସହ ପ୍ଲେ ଅଫ୍ ଖେଳିବା ନେଇ ଆଶଙ୍କା ମଧ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଋତୁରାଜ ଗାଏକ୍ୱାଡଙ୍କ ଅପରାଜିତ ୭୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନଇ ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୫୮ ରନ୍ କରିଥିଲା। ଜବାବରେ ଗୁଜରାଟ ଟାଇଟାନ୍ସ ୧୬.୪ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଥିଲା। ଏହି



ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ଘାତକ ବୋଲିଂ କରି ୪ ଓଭରରେ ୨୫ ରନ୍ ଦେଇ ୩ଟି ୱିକେଟ ନେଇଥିବା ଗୁଜରାଟର ରାବାଡାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍ ଜିତିବାକୁ ଗୁଜରାଟ ଆଗରେ ଚେନ୍ନଇ ମାତ୍ର ୧୫୯ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ସାଇ ସୁଦର୍ଶନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଗୁଜରାଟ ୨୦ଟି ବଲ୍ ବାକିଥାଇ ସହଜରେ ୮ ୱିକେଟରେ ମ୍ୟାଚ୍‌କୁ ଜିତିନେଇଥିଲା। ସୁଦର୍ଶନ ପ୍ରଥମ ୱିକେଟ ଭାଗୀଦାରିରେ ଶୁବମନ ଗିଲ୍‌ଙ୍କ ସହ ୩୯ବଲ୍‌ରୁ ୫୮ ଓ ଦ୍ୱିତୀୟ ୱିକେଟରେ ଜୋସ ବଟଲରଙ୍କ ସହ ୬୦ବଲ୍‌ରୁ ୯୭ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇବା ପରେ ଆଉଟ ହୋଇଥିଲେ। ସେ ୩୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲାବେଳେ ମୋଟ ୪୬ଟି ବଲ୍ ଖେଳି ୪ ଚୌକା ଓ ୭ ଛକା ସହ ୮୭ରନ୍‌ରେ ଆଉଟ ହୋଇଥିଲେ। ଦୁଇଦିନ ତଳେ ସେ ଆର୍‌ସିବି ବିପକ୍ଷରେ ଠିକ୍ ୧୦୦ ରନ୍ କରିଥିଲେ ମଧ୍ୟ ଦଳ ମ୍ୟାଚ୍ ହାରିଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍ ୨୩ବଲ୍‌ରୁ ୩୩ ଓ ବଟଲର ୩୦ବଲ୍‌ରୁ ଅପରାଜିତ ୩୦ରନ୍ କରିଥିଲେ।

ପୂର୍ବରୁ କାଗିସୋ ରାବାଡାଙ୍କ ଘାତକ ବୋଲିଂ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନଇ ସୁପର କିଙ୍ଗ୍‌ସ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ସଞ୍ଜୁ ସାମସନ ୧୧, ଉର୍ଭିଲ ପଟେଲ ୪, ସର୍ଫରାଜ ଖାନ୍ ୦ ଓ ଡିୱାଲ୍ଡ ବ୍ରେଭିସ୍ ୨ରନ୍‌ରେ ଆଉଟ ହେବା ଫଳରେ ଚେନ୍ନଇ ୩୭ରନ୍‌ରେ ୪ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଗୋଟିଏ ପଟେ ତିଷ୍ଠି ରହିଥିବା ଅଧିନାୟକ ଋତୁରାଜ ଗାଏକ୍ୱାଡ ୫ମ ୱିକେଟରେ ଶିବମ ଦୁବେଙ୍କ ସହ ୪୩ବଲ୍‌ରୁ ୫୯ରନ୍ ଉଠାଇ ବିପର୍ଯ୍ୟୟର ଧାରାକୁ ଅଟକାଇଥିଲେ। ଏହା ପରେ କାର୍ତ୍ତିକ ଶର୍ମା (୯ବଲ୍‌ରେ ୧୫ରନ୍) ଓ ଜାମି ଓଭରଟନ୍ (୬ବଲ୍‌ରେ ୧୮ରନ୍)ଙ୍କ ଉପଯୋଗୀ ସହଯୋଗ ବଳରେ ଚେନ୍ନଇ ୧୫୦ରନ୍ ଅତିକ୍ରମ କରିଥିଲା। ଶେଷଯାଏ ଆଉଟ ହୋଇ ନ ଥିବା ଗାଏକ୍ୱାଡ୍ ୬୦ବଲ୍‌ର ସାମ୍ନା କରି ୬ ଚୌକା ଓ ୪ ଛକା ସହ ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଗୁଜରାଟ ପକ୍ଷରୁ ରାବାଡାଙ୍କ ବ୍ୟତୀତ ଅର୍ଶାଦ୍ ଖାନ୍ ୪୩ରନ୍‌ରେ ୨ଟି ୱିକେଟ ପାଇଥିଲେ। ଚେନ୍ନଇ ଇନିଂସର ୧୨ ଓଭର ଯାଏ ଗୁଜରାଟ ନିୟନ୍ତ୍ରଣରେ ରହିଥିଲା।



### ଆଜିର ଆଇପିଏଲ୍ ମ୍ୟାଚ୍

ଦିଲ୍ଲୀ ବନାମ ବେଙ୍ଗାଲୁରୁ
ଭେନ୍ୟୁ - ଦିଲ୍ଲୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୭ | ୩ | ୪ | ୦ | ୬ | -୦.୧୮୪ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ* | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା* | ୭ | ୧ | ୫ | ୧ | ୩ | -୦.୮୭୯ |

■ ଦୀପ୍ତି ଶର୍ମାଙ୍କୁ ୫ ୱିକେଟ

## ଚତୁର୍ଥ ଟି-୨୦ରେ ଜିତିଲା ଭାରତ

ଜୋହାନ୍ସବର୍ଗ,୨୬।୪(ଏଜେନ୍ସି): ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଶନିବାର ଖେଳାଯାଇଥିବା ଚତୁର୍ଥ ଟି-୨୦ ମୁକାବିଲାରେ ଭାରତ ମହିଳା ଦଳ ୧୪ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ପରାଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୩-୧ରେ ଆଗୁଆ ରହିଛି। ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ବେନୋନିରେ ଆସନ୍ତାକାଲି ସୋମବାର ଖେଳାଯିବ। ଏହି ମ୍ୟାଚରେ ୨୬ବଲ୍ ଖେଳି ଅପରାଜିତ ୩୬ରନ୍ କରିବା ସହ ଦକ୍ଷିଣ ଆଫ୍ରିକା ଇନିଂସରେ ୧୯ରନ୍ ଦେଇ ୫ ୱିକେଟ ନେଇଥିବା ଦୀପ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୧୮୫ ରନ୍ କରିଥିଲା। ଦଳପକ୍ଷରୁ ଜେମିମା ରୋଡ୍ରିଗ୍ସେଜ୍ ସର୍ବାଧିକ ୪୩, ରିଚା ଘୋଷ ଅପରାଜିତ ୩୪, ଅନୁଷ୍କା ଶର୍ମା ୨୭ ଓ ହରମନପ୍ରୀତ୍ କୌର ୨୨ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲିଂର ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୧ ରନ୍ କରିପାରିଥିଲା।

■ ମାରାଥନରେ ବିଶ୍ୱରେକର୍ଡ

## ୨ଘଣ୍ଟାରୁ କମ୍ ସମୟ ନେଇ ଦୌଡ଼ିବାରେ ସେବାଷ୍ଟିଆନ ପ୍ରଥମ

ଲଣ୍ଡନ,୨୬।୪(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କେନିଆର ସେବାଷ୍ଟିଆନ ସାୱେ ଏଠାରେ ରବିବାର ଅନୁଷ୍ଠିତ ଲଣ୍ଡନ ମାରାଥନରେ ଟାଇଟଲ ବଜାୟ ରଖିଛନ୍ତି। କିନ୍ତୁ ଏହି ଦୂରତାକୁ ସେ ଏକ ଘଣ୍ଟା ୫୯ ମିନିଟ୍ ୩୦ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ଦୌଡାଳିଭାବେ ୨ଘଣ୍ଟାରୁ କମ୍ ସମୟରେ ଦୌଡି ବିଶ୍ୱରେକର୍ଡ କରିଛନ୍ତି। ଇଥିଓପିଆର ଚ୍ୟାଲେଞ୍ଜର ୟୋମିଫ କେଜେଲଚା ତାଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ସେ ଏକ ଘଣ୍ଟା ୫୯ମିନିଟ ୪୧ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ଦୌଡାଳି ଭାବେ ୨ ଘଣ୍ଟାରୁ କମ୍ ସମୟ ନେଇଥିଲେ। ଏମାନଙ୍କ ପୂର୍ବରୁ ମାରାଥନକୁ କେହି ୨ ଘଣ୍ଟାରୁ କମ୍ ସମୟରେ ଅତିକ୍ରମ କରିପାରି ନ ଥିଲେ। ଉଗାଣ୍ଡାର ଜ୍ୟାକବ କିପ୍‌ଲୋମୋ ୨ ଘଣ୍ଟା ୨୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲଣ୍ଡନ ମାରାଥନ ଏହି ରେକର୍ଡ ଲାଗି ସ୍ମରଣୀୟ ହୋଇ ରହିବ।

## ମୋହସିନଙ୍କୁ ୫ ୱିକେଟ: ରିଙ୍କୁ ସିଂଙ୍କ ଅର୍ଦ୍ଧଶତକ



ମୋହସିନ୍ ଖାନ୍
୪-୧-୨୩-୫

ଲକ୍ଷ୍ନୌ,୨୬।୪(ଏଜେନ୍ସି)

୬ ଫୁଟ ୩ ଇଞ୍ଚ ଉଚ୍ଚତା ବିଶିଷ୍ଟ ବାମହାତୀ ଫାଷ୍ଟ ବୋଲର ମୋହସିନ ଖାନ୍‌ଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଏଲଏସ୍‌ଜି (ଲକ୍ଷ୍ନୌ ସୁପର ଜାଏଣ୍ଟସ) ବନାମ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ) ମ୍ୟାଚ୍ ସୁପର ଓଭରକୁ ଯାଇଛି। ଏହି ମ୍ୟାଚ୍‌ରେ ରିଙ୍କୁ ସିଂ ୫୧ ବଲ୍‌ରେ ୭ ଚୌକା ଓ ୫ଛକା ସହ ଅପରାଜିତ ୮୩ ଓ କାମେରନ ଗ୍ରୀନ୍ ୨୧ବଲ୍‌ରେ ୩୪ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୫୫ ରନ୍ କରିଥିଲା। ମୋହସିନଙ୍କ ଘାତକ ବୋଲିଂ ଫଳରେ କେକେଆର୍ ୯୩ ରନ୍‌ରେ ୭ ୱିକେଟ ହରାଇଥିଲେ ମଧ୍ୟ ରିଙ୍କୁ ସିଂଙ୍କ ଲାଗି ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ଜବାବରେ ୧୫୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଲ୍‌ଏସ୍‌ଜି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ହରାଇଥିଲା। କେବଳ ଅଧିନାୟକ ଋଷଭ ପନ୍ତ୍ ୪୨ ଓ ଆୟୁଷ ବଦୋନିଙ୍କ ୨୪ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ। ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୧୭ ରନ୍ ଆବଶ୍ୟକ ହେଉଥିଲାବେଳେ ପ୍ରିନ୍ସ ଯାଦବଙ୍କ ନୋ ବଲ ଏବଂ ମହମ୍ମଦ୍ ସାମିଙ୍କ ଛକା ବଳରେ ଏହି ମ୍ୟାଚ୍ ସୁପର ଓଭରକୁ ଯାଇଛି।

କେକେଆର୍ ପକ୍ଷରୁ ସମସ୍ତ ବୋଲର ସୁନ୍ଦର ବୋଲିଂ ପ୍ରଦର୍ଶନ କରିଥିଲାବେଳେ ବରୁଣ ଚକ୍ରବର୍ତ୍ତୀ ଓ ବୈଭବ ଅରୋରାଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଅନୁକୂଳ ରୟ, କାମେରନ ଗ୍ରୀନ୍, କାର୍ତ୍ତିକ ତ୍ୟାଗୀ ଓ ସୁନିଲ ନାରିନ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମୁକାବିଲା ପୂର୍ବରୁ ଏଲଏସ୍‌ଜି ୭ଟି ମ୍ୟାଚ୍‌ରୁ ୨ଟିରେ ଜିତି ପଏଣ୍ଟ ଟେବଲର ୯ମ ଓ ଗୋଟିଏ ମ୍ୟାଚ ଜିତି କେକେଆର୍ ୧୦ମ ତଥା ଶେଷ ସ୍ଥାନରେ ରହିଥିଲା।

## ମହେନ୍ଦ୍ରଗିରି ଦୁଃସାହସିକ କ୍ରୀଡ଼ା ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୪ (ସମିସ): ଦୁଃସାହସିକ କ୍ରୀଡ଼ାକୁ ନେଇ ଓଡ଼ିଶାରେ ଦୁଇଦିନିଆ ପ୍ରତିଯୋଗିତା 'ମହେନ୍ଦ୍ରଗିରି ଇକୋ ଆଡଭେଞ୍ଚର ଫେଷ୍ଟ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ଗଜପତି ଜିଲ୍ଲାର ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ ମହେନ୍ଦ୍ରଗିରି ପର୍ବତଶୃଙ୍ଗରେ ଅନୁଷ୍ଠିତ ଏହି ଦୁଃସାହସିକ କ୍ରୀଡ଼ାରେ ଦେଶର ୧୫ଟି ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଆୟୋଜକ ଓଡ଼ିଶାର ୩୧୨ଜଣ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରି ସେମାନଙ୍କ କ୍ରୀଡ଼ାକୌଶଳକୁ ପ୍ରଦର୍ଶନ କରିଥିଲେ। ଭୂପୃଷ୍ଠରୁ ୧୫୦୧ ମିଟର (୪,୯୨୫ ଫୁଟ) ଉଚ୍ଚରେ ଅବସ୍ଥିତ ରାଜ୍ୟର ଏହି ଦ୍ୱିତୀୟ ସର୍ବୋଚ୍ଚ ଶୃଙ୍ଗରେ ପ୍ରତିଯୋଗୀମାନେ ପ୍ରାକୃତିକ ପଥର ଉପରେ 'ବୋଲଡରିଂ', ମାଉଣ୍ଟେନ ବାଇକିଂ, ରକ୍ କ୍ଲାଇମ୍ବି ଟ୍ରେକିଂ, ହିଲ ରନିଂ, ସ୍ଲାକଲାଇନିଂ, ଟ୍ରେକାଥନ (ପାହାଡ଼ ଶିଖର ପର୍ଯ୍ୟନ୍ତ ୭ କିମି ଦୌଡ ଆଦି), ରାପେଲିଂ ଓ ଡାଉନହିଲ୍ ସାଇକ୍ଲିଂ ଭଳି ଦୁଃସାହିକ କ୍ରୀଡ଼ାରେ ସାମିଲ ହୋଇଥିଲେ।



ଭାରତୀୟ ପର୍ବତାରୋହଣ ଫାଉଣ୍ଡେସନ (ଆଇଏମ୍‌ଏଫ୍)ର ସହଯୋଗରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି ମହୋତ୍ସବର ପ୍ରଥମ ଦିବସରେ 'ବୋଲଡରିଂ' ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି କାଂସ୍ୟ ସହ ୩ଟି ପଦକ ବିଜୟୀ ହୋଇଥିଲା। ୧୬ ବର୍ଷରୁ କମ୍ ବାଳକ ବୋଲ୍ଡରିଂରେ ସାହିଲ କୁମାର ଦାସ ଓ ଦୁଷ୍ମନ୍ତ ହେମ୍ବ୍ରମ ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ବିଭାଗର ବାଳିକାରେ ଶ୍ରଦ୍ଧା ସୁମନ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ପୂର୍ବରୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରୂପେଶ ପାଣିଗ୍ରାହୀ, ଦାଶରଥୀ ଗମାଙ୍ଗୋ, ବିଭାଗୀୟ ସଚିବ ବଲୱନ୍ତ ସିଂ, ଆଇଏମ୍‌ଏଫ୍ ସମ୍ପାଦକ କୀର୍ତ୍ତି ପାଇସ ପ୍ରମୁଖ ଉପସ୍ଥିତ ରହିଥିଲେ। ଭାରତର 'ମଙ୍କିମ୍ୟାନ' ଭାବେ ଖ୍ୟାତ କର୍ଣ୍ଣାଟକର ଜ୍ୟୋତି ରାଜ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରହିଥିଲେ। ପ୍ରକାଶଯୋଗ୍ୟ, ଭୂ-ଆଧାରିତ ଦୁଃସାହସିକ କ୍ରୀଡ଼ାକୁ ଅଗ୍ରସର କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଫେବୃଆରୀରେ ଆଇଏମ୍‌ଏଫ୍ ସହ ଏମଓୟୁ ହେବାର ୩ ମାସ ପରେ ମହେନ୍ଦ୍ରଗିରିରେ ଏହା ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଦୁଇ-ଦିବସୀୟ ଇଭେଣ୍ଟ ରାଜ୍ୟରେ ଦୁଃସାହସିକ କ୍ରୀଡ଼ାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

## ଆଇଟିଏଫ୍ ଜୁନିଅର ୱାର୍ଲ୍ଡ ଟେନିସ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୪ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ରବିବାର ଜେ-୩୦ ଭୁବନେଶ୍ୱର ଆଇଟିଏଫ୍ ଜୁନିଅର ୱାର୍ଲ୍ଡ ଟେନିସ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶ ଓ ବିଦେଶରୁ ୯୦ ବାଳକ ଓ ୭୪ ବାଳିକା ସହ ମୋଟ୍ ୧୬୪ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଅଷ୍ଟ୍ରେଲିଆ, ଆମେରିକା, ଚାଇନା ଓ ନେପାଳର ଖେଳାଳି ଆକର୍ଷଣରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅନ୍ତର୍ଜାତୀୟ ଟେନିସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସଭାପତି ଅସିତ୍ ତ୍ରିପାଠୀ, ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଆଇଟିଏଫ୍ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।



ମେ ୨ ତାରିଖରେ ଉଦଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବାଳକ ଓ ବାଳିଙ୍ଗ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାରଠାରୁ ପ୍ରତିଯୋଗିତାର ମୁଖ୍ୟ ପର୍ଯ୍ୟାୟ ଆରମ୍ଭ ହେବ। ଏଥିରେ ଓଡ଼ିଶାର ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ, ଶ୍ରେୟାନ ପଟ୍ଟନାୟକ, ସୁୟାଶ ପଟ୍ଟନାୟକ, ଆୟୁଷ ପଟ୍ଟନାୟକ, ସେକ୍ ସଜଫା ୱାନିଆ, ସଂରଚନା ଦାସ, ସାନଭୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିବେ।

■ ଶ୍ୟାମଳୀ ଦେ ସ୍ମାରକୀ ଚେସ୍

## ଓମ୍‌ଆଦିତ୍ୟ ଟାଇଟଲ ବିଜୟୀ

ଭୁବନେଶ୍ୱର,୨୬।୪(ସମିସ): ଭୁବନେଶ୍ୱରର ଓମ୍‌ଆଦିତ୍ୟ ଖାଡଙ୍ଗା ୫ମ ଶ୍ୟାମଳୀ ଦେ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଓମ୍‌ଆଦିତ୍ୟ ଓ ଯାଜପୁରର



ସଞ୍ଜୀବନ ନାୟକ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍‌ଆଦିତ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରର ନଟବର ଦାସ ତୃତୀୟ, କେଭି ନଂ-୧'ର ସ୍ୱସ୍ତିକ ବେହେରା ଚତୁର୍ଥ, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ର ମନୀଷ ରଞ୍ଜନ ଦାସ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ରସୁଲଗଡ ଏସ୍‌ବିଆଇ ଅଡିଟ ଅଫିସର ମ୍ୟାନେଜର ପ୍ରକାଶ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ମାନବେଶ ଦେ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ।

### ନୀଳାଚଳ ଟ୍ରଫି କ୍ରିକେଟ ଉଦ୍‌ଘାଟିତ

## ପାୟୋନିୟରକୁ ହରାଇ ସେମିରେ ମୁକ୍ତେଶ୍ୱର




ପୁରୀ,୨୬।୪(ସମିସ): ପାୟୋନିୟର କ୍ଲବ୍ ପକ୍ଷରୁ ୧୭ତମ ଜଗଦୀଶଚନ୍ଦ୍ର ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି ଆମନ୍ତ୍ରଣୀୟ କ୍ରିକେଟ ସ୍ଥାନୀୟ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ରବିବାର ଆରମ୍ଭ ହୋଇଛି। ପୁରୀ ବିଧାୟକ ସୁନିଲ ମହାନ୍ତି, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମୁକାବିଲାରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୬ ୱିକେଟରେ ଆୟୋଜକ ପାୟୋନିୟର କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ୪୪ ରନ୍ କରି ଅପରାଜିତ ରହିଥିବା ରମଣୀରଞ୍ଜନ ଜେନାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ କମ୍ପାନୀର ନିର୍ଦ୍ଦେଶକ ପ୍ରଗତି କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ଦେଇଥିଲେ। ମୟଙ୍କ ପଟ୍ଟନାୟକଙ୍କୁ ବେଷ୍ଟ ଇମ୍ପାକ୍ଟ ପ୍ଲେୟର ପୁରସ୍କାର ପ୍ରଦାନ କରିଥିଲେ ଦେବଦତ୍ତ ମହାପାତ୍ର। ଆସନ୍ତାକାଲି ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ୍ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚର ବିଜେତା ସହ ମୁକ୍ତେଶ୍ୱର ଆସନ୍ତା ୨୮ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ଉଦ୍‌ଘାଟନୀ ଉତ୍ସବର ଅନ୍ୟଅତିଥିମାନଙ୍କ ମଧ୍ୟରେ ନିଳାଚଳ ଟ୍ରଫି ଆୟୋଜକ କମିଟିର ଅଧ୍ୟକ୍ଷ ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ ମିଶ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ଚନ୍ଦ୍ରମୋହନ ବରାଳ ଓ ଦେବବ୍ରତ ଦାଶ ପରିଚାଳନା କରିଥିଲେ।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାୟୋନିୟର ୩୭.୧ ଓଭରରେ ୧୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶକ୍ତି ଦାଶ ୩୨ ଓ ମୟଙ୍କ ପଟ୍ଟନାୟକ ୩୦ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଆଶୁତୋଷ ମାରାଣ୍ଡି ଓ ଚନ୍ଦ୍ରାଂଶୁ ବାଗେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୩୪.୪ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରମଣୀ ରଞ୍ଜନ ୪୪ ଓ ଦିନେଶ ମାଝୀ ୩୧ରନ୍ କରିଥିଲେ। ଆୟୋଜକ ଦଳର ଶକ୍ତି ଦାଶଙ୍କୁ ୨ଟି ୱିକେଟ ମିଳିଥିଲା।

● ଜାତୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ

## ଓଡ଼ିଶାର ତପନଙ୍କୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୨୬।୪ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଦ୍ୱିତୀୟ ଦିବସରେ ରବିବାର ଆୟୋଜକ ଓଡ଼ିଶାକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ସିନିଅର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ (ଏମଏଜି)ରେ ତପନ ମହାନ୍ତି ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ତପନ ମୋଟ୍ ୭୩.୪୩୩ ସ୍କୋର କରିଥିଲେ। ହରିୟାଣାର ଯୋଗେଶ୍ୱର ସିଂହ (୭୨.୬୬୭) ଓ ଏସଏସସିବିର ଶ୍ରେୟସ ଚୌଧୁରୀ (୭୧.୨୬୮) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଭାରତୀୟ ଜିମ୍ନାଷ୍ଟିକ ମହାସଂଘର ସଭାପତି ସୁଧୀର ମିତ୍ତଲ, ଭାରତୀୟ ଫେନ୍ସିଂ ସଂଘର ସଭାପତି ରାଜୀବ ମେହେଟା, ମହାରାଷ୍ଟ୍ର ଅଲିମ୍ପିକ ସଂଘ ସଭାପତି ସଞ୍ଜୟ ସିଟେ ଅତିଥିଭାବେ ଉପସ୍ଥିତ ରହି ବିଜେତାଙ୍କୁ ପଦକ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଏମଏଜି'ର ଟିମ୍ ଇଭେଣ୍ଟରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛି।



## ଉବର କପ୍; ୟୁକ୍ରେନକୁ ହରାଇଲା ଭାରତ

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ପରବର୍ତ୍ତୀ ପିଢ଼ିର ଖେଳାଳି ତନ୍ୱି ଶର୍ମା, ଉନ୍ନତି ହୁଡା ଓ ଦେବିକା ସିହାଗ ସେମାନଙ୍କ ସିଙ୍ଗଲ୍ସ ମ୍ୟାଚ୍ ଜିତିବା ଫଳରେ ଡେନ୍‌ମାର୍କରେ ଚାଲିଥିବା ଉବର କପ୍ ମହିଳା ଟିମ୍ ବ୍ୟାଡ୍‌ମିଣ୍ଟନରେ ଭାରତ ୪-୧ ବ୍ୟବଧାନରେ ୟୁକ୍ରେନକୁ ପରାସ୍ତ କରିଛି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଡେନ୍‌ମାର୍କ ନିକଟରୁ ଭାରତ ପରାଜିତ ହୋଇଥିଲା। ୟୁକ୍ରେନ ବିପକ୍ଷରେ ତନ୍ୱି ୨-୧ରେ ୱାଇ. କାଣ୍ଟେମାୟରଙ୍କୁ, ଉନ୍ନତି ୨-୦ରେ ପୋଲିପା ବୁହ୍ରୋଭାଙ୍କୁ ଓ ଦେବିକା ୨-୦ରେ ମାରିଆ ଷ୍ଟୋଲିଆରେଙ୍କୋଙ୍କୁ ପରାସ୍ତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS